

ଲାଲୁଙ୍କ ବଡ଼ପୁଅ ତେଜ୍ ପ୍ରତାପଙ୍କ ନାମରେ ସମନ୍ — ପୃଷ୍ଠା ୫

# ସଂଚାର
## THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 180 | ଭାଗ ୩୨ | ସଂଖ୍ୟା ୧୮୦ Bhubaneswar | Thursday 19 September 2024 | Page 8 ₹ 4.00 ଭୁବନେଶ୍ୱର | ଗୁରୁବାର ୧୯ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# 'ୱାନ୍ ନେସନ-ୱାନ୍ ଇଲେକ୍ସନ'କୁ କ୍ୟାବିନେଟ୍ ମଞ୍ଜୁରି

ନୂଆଦିଲ୍ଲୀ/ ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): ଏଣିକି ସାରା ଦେଶରେ ଏକ ସମୟରେ ନିର୍ବାଚନ ହେବ। ପର୍ଯ୍ୟାୟକ୍ରମେ ବିଭିନ୍ନ ରାଜ୍ୟରେ ପୃଥକ ଭାବେ ଲୋକସଭା ଏବଂ ବିଧାନସଭା ନିର୍ବାଚନ କରାଯିବନାହିଁ। 'ଏକ ଦେଶ, ଏକ ନିର୍ବାଚନ' ପ୍ରସ୍ତାବକୁ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ବୁଧବାର ମଞ୍ଜୁରୀ ମିଳିବା ପରେ ଏଥିପାଇଁ ପଥ ପରିଷ୍କାର ହୋଇଛି। ଆଗାମୀ ୫ ବର୍ଷ ମଧ୍ୟରେ ମୋଦୀ ସରକାରଙ୍କ କାର୍ଯ୍ୟକାଳ ସମୟରେ ଏହାକୁ ଲାଗୁ କରାଯିବ।

ଏକ ଦେଶ ଏକ ନିର୍ବାଚନ ଲାଗି ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱରେ ଗଠିତ କମିଟି ରିପୋର୍ଟକୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ



ବୈଠକରେ ବ୍ୟାପକ ବିଚାର ଆଲୋଚନା କରାଯାଇଥିଲା।

୨୦୨୩ ସେପ୍ଟେମ୍ବର ୨ରେ କୋବିନ୍ଦ କମିଟି ଗଠିତ ହୋଇଥିଲା। ଉକ୍ତ କମିଟି ୬୨ଟି ରାଜନୈତିକ ଦଳ, ସମ୍ବିଧାନ ବିଶେଷଜ୍ଞ ଓ ସବୁ ସ୍ତରରୁ ଲୋକଙ୍କ ମତାମତ ➪ ପୃଷ୍ଠା-୬

- ଏକ ସମନ୍ୱିତ, ଦକ୍ଷ ଏବଂ ବିକଶିତ ଭାରତ ଦିଗରେ ଐତିହାସିକ ପଦକ୍ଷେପ
- ଭାରତୀୟ ଗଣତନ୍ତ୍ର ସୁଦୃଢ଼ ହେବା ସହ ଲୋକଙ୍କ ସ୍ୱାର୍ଥ ସୁରକ୍ଷିତ ହେବ
- କଂଗ୍ରେସ ସମେତ କେତେକ ବିରୋଧୀ ଦଳର ଆଭିମୁଖ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ
- ଗୋଟିଏ ଦେଶ-ଗୋଟିଏ ନିର୍ବାଚନ ଦେଶର ସ୍ୱାର୍ଥର ପ୍ରସଙ୍ଗ, ନିର୍ବାଚନୀ ପ୍ରସଙ୍ଗ ନୁହେଁ



## ନିର୍ବାଚନ ପ୍ରକ୍ରିୟାକୁ ସହଜ କରିବ



କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ମଞ୍ଜୁର ହୋଇଥିବା 'ୱାନ୍ ନେସନ-ୱାନ୍ ଇଲେକ୍ସନ' ପ୍ରସ୍ତାବକୁ ସ୍ୱାଗତ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗୋଟିଏ ଦେଶ-ଗୋଟିଏ ନିର୍ବାଚନ ନେଇ ମୋଦୀ ୩.୦ କ୍ୟାବିନେଟ୍ ମଞ୍ଜୁରିକୁ ଐତିହାସିକ ନିଷ୍ପତି କହିବା ସହ କେନ୍ଦ୍ରମନ୍ତ୍ରୀ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ 'ୱାନ୍ ନେସନ-ୱାନ୍ ଇଲେକ୍ସନ' ଉପରେ ଉଚ୍ଚସ୍ତରୀୟ କମିଟିର ସୁପାରିସ ଗ୍ରହଣ କରିବା ନେଇ କେନ୍ଦ୍ର କ୍ୟାବିନେଟ୍ ନେଇଥିବା ସାହସିକ ନିଷ୍ପତିକୁ ସ୍ୱାଗତ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏନଡିଏ ସରକାର ପ୍ରତ୍ୟେକ ଭାରତୀୟଙ୍କ କଲ୍ୟାଣ ତଥା ଶାସନକୁ ବ୍ୟବସ୍ଥିତ କରିବା ପାଇଁ କ୍ରମାଗତ ଭାବେ ନିଜର ➪ ପୃଷ୍ଠା-୬

# ବନ୍ୟାସ୍ଥିତି ଅନୁଧ୍ୟାନକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲାରେ ବନ୍ୟା ସ୍ଥିତି ଉଦ୍‌ବେଗଜନକ ରହିଛି। ସୁବର୍ଣ୍ଣରେଖାରେ ଜଳସ୍ତର ବୃଦ୍ଧି ପାଇବାରୁ ବ୍ୟାପକ ଚାଷଜମି ଜଳମଗ୍ନ ହେବା ସହିତ ଅନେକ ଗାଁ ଜଳଘେରରେ ରହିଛି ବୋଲି ଆକାଶ ମାର୍ଗରୁ ବନ୍ୟା ସ୍ଥିତିର ସରଜମିନ ଅନୁଧ୍ୟାନ ପରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଗତ ୪ଦିନ ଧରି ବର୍ଷା ଲାଗି ରହିଥିବାରୁ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ସ୍ଥିତି ସମ୍ପୂର୍ଣ୍ଣ ବେହାଲ ହୋଇପଡ଼ିଛି। ବୁଢ଼ାବଳଙ୍ଗ, ବୈତରଣୀ, ସୁବର୍ଣ୍ଣରେଖା ଓ ଜଳକା ଫୁଲିବାରେ ଲାଗିଛି। ଫଳରେ ବାଲେଶ୍ୱରରେ ବନ୍ୟା ପରିସ୍ଥିତି ଉପୁଜିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନ୍ୟାସ୍ଥିତି ଅନୁଧ୍ୟାନ କରିବା ପରେ ବାଲେଶ୍ୱର ପଦ୍ମାବତୀ ପାର୍କ ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରିଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନଙ୍କ ସହ କୃଷିକ୍ଷେତ୍ରରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଭାବିତ ଲୋକଙ୍କୁ ଜଳ



ଜନିତ ରୋଗରୁ ସୁରକ୍ଷା ଦେବା ପାଇଁ ଜିଲ୍ଲା ସ୍ତରୀୟ ଏକ ସ୍ୱାସ୍ଥ୍ୟ ସେବା ଟିମ୍ ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବନ୍ୟାଘେରରେ ଥିବା ବାସଗୃହ ଓ ସ୍କୁଲଗୁଡ଼ିକୁ ବିଶୋଧନ ସହିତ ପ୍ରଭାବିତଙ୍କୁ ଠିକ୍ ଭାବେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି କି ନାହିଁ ସେ ସମ୍ପର୍କରେ ବୁଝିଥିଲେ। ଆବଶ୍ୟକ ସ୍ଥଳେ ରନ୍ଧାଖାଦ୍ୟ ଯୋଗାଣ ବ୍ୟବସ୍ଥାକୁ ଆଉ ଅଧିକ ଦିନ ବଢ଼ାଇବା ପାଇଁ କହିଥିଲେ। ଘର ଭାଙ୍ଗିଥିବା ଲୋକମାନଙ୍କୁ ପଲିଥିନ ଯୋଗାଇଦେବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ କହିଥିଲେ।

ବୈଠକ ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ବିବୃତି ରଖି କହିଲେ ଯେ ବାଲେଶ୍ୱର ଜିଲ୍ଲାରେ ଏହି ବର୍ଷା ଜନିତ ବନ୍ୟାରେ ଜିଲ୍ଲାର ୬ଟି ବ୍ଲକ ପ୍ରଭାବିତ ହୋଇଛନ୍ତି ଏବଂ

## ୮ ହଜାର ହେକ୍ଟର ଜମି ଜଳମଗ୍ନ

### ପ୍ରଭାବିତଙ୍କୁ ରନ୍ଧାଖାଦ୍ୟ, ରିଲିଫ୍ ଦେବାକୁ ନିର୍ଦ୍ଦେଶ

### ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ, ଓଡ୍ରାଫ୍ ଓ ଏନ୍‌ଡ଼ିଆର୍‌ଏଫ୍ ଟିମ୍





୮ ହଜାର ହେକ୍ଟର ଜମି ଜଳମଗ୍ନ ଅବସ୍ଥାରେ ଅଛି। ବିଶେଷ କରି ଭୋଗରାଇ, ଜଳେଶ୍ୱର ଓ ବାଲିଆପାଳ ବ୍ଲକର ୩୫ଟି ପଞ୍ଚାୟତ ବହୁଳ ଭାବେ ପ୍ରଭାବିତ ହୋଇଛି। ପୂର୍ଣ୍ଣିମା ଯୋଗୁଁ ସମୁଦ୍ରରେ ଜୁଆର ଥିବାରୁ ସମୁଦ୍ରକୁ ଜଳ ନିଷ୍କାସନ ହୋଇ ପାରୁନାହିଁ। ପୂର୍ଣ୍ଣିମା ପରେ ଆଉ ଗୋଟିଏ ଦିନ ଭିତରେ ସ୍ଥିତିରେ ସୁଧାର ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ତଳିଆ ଅଞ୍ଚଳରେ ପାଣି ପଶିଥିବା ଗ୍ରାମରୁ ପ୍ରାୟ ୨ହଜାର ଲୋକଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷିତ ସ୍ଥାନକୁ ଉଦ୍ଧାର କରାଯାଇଛି। ସେମାନଙ୍କୁ ➪ ପୃଷ୍ଠା-୬

## ୨ ହଜାର ମହିଳାଙ୍କ ଆବେଦନ ଖାରଜ: ପ୍ରଭାତୀ

ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): ସୁଭଦ୍ରା ଯୋଜନା ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ସୂଚନା ଦେଇଛନ୍ତି। କାଲି ରାତି ସୁଦ୍ଧା ୯୭ ହଜାର ହିତାଧିକାରୀଙ୍କ ଆବେଦନ ପେଣ୍ଡିଙ୍ଗ ଥିଲା । ରିପୋର୍ଟ ଅନୁସାରେ ଶତପ୍ରତିଶତ ଆବେଦନ କ୍ଲିୟର ହୋଇଛି। କେବଳ ଆକାଉଣ୍ଟ ଭୁଲ୍ ଭଟକା ଯୋଗୁଁ ୨ ହଜାର ରିଜେକ୍ଟ ହୋଇଥାଇପାରେ ବୋଲି ସେ କହିଛନ୍ତି। ତେବେ ଯେଉଁ ଯୋଗ୍ୟ ହିତାଧିକାରୀ ଆବେଦନ କରିବେ, ସମସ୍ତେ ଟଙ୍କା ପାଇବେ ବୋଲି ପ୍ରଭାତୀ କହିଛନ୍ତି। ସୁଭଦ୍ରା ଟଙ୍କା ମିଳିବ ମିଳିବ ବୋଲି ଶୁଣୁଥିଲେ । ଟଙ୍କା କେବେ ଆସିବ, ଚାତକ ଭଳି ଚାହିଁଥିଲେ। ସେ ପ୍ରତୀକ୍ଷାର ଗତକାଲି ଅବସାନ ଘଟିଲା । ଗୋଟିଏ ପଟେ ମୋଦି ସ୍ୱିଚ୍ ଟିପି ସୁଭଦ୍ରା କିସ୍ତି ସିଧା ହିତାଧିକାରୀଙ୍କ ଆକାଉଣ୍ଟକୁ ଛାଡ଼ିଲେ, ଅନ୍ୟପଟେ ହିତାଧିକାରୀଙ୍କ ମୁହଁରେ ହସ ଫୁଟିଲା। କିଏ ମୋଦିଙ୍କ ସଭାକୁ ଆସି ଟଙ୍କା ପାଇଛି ତ କିଏ ନିଜ ଘରେ ଥାଇ। ସୋରରୁ ଭୁବନେଶ୍ୱର, ଟିଟିଲାଗଡ଼ରୁ ଜୟପୁର। ସବୁଠି ଆକାଉଣ୍ଟକୁ ପ୍ରଥମ କିସ୍ତି ଆସିଥିବା ଜାଣି ହିତାଧିକାରୀ ବି ଖୁସ୍। ନାଚଗୀତରେ ବି ମାତିଗଲେଣି। କିଏ ଆଗରୁ ୧ ଟଙ୍କା ପାଇଥିଲା, ତେଣୁ ତା ଆକାଉଣ୍ଟକୁ ଆଜି ୪୯୯୯ ଟଙ୍କା ପହଞ୍ଚିଛି। ତ ପୁଣି କାହା ଖାତାକୁ ଆସିଛି ପୁରା ୫ ହଜାର ଟଙ୍କା। ➪ ପୃଷ୍ଠା-୬

## ଓଡ଼ିଶାର ନଗ୍ନ ବିକାଶ | ଲକ୍ଷ୍ମୀ ବସ୍ ଲକ୍ଷ୍ମୀଛଡ଼ା କରିଦେବ

ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): ଲକ୍ଷ୍ମୀ ବସ୍ ସେବା ଯୋଜନାର ବ୍ୟାପକ ପ୍ରଚାର କରେଇ ଭୋଟ ନେବା ପାଇଁ ନବୀନ ବାବୁ ଓ ପାଣ୍ଡିଆନ ରାଜ୍ୟ ରାଜକୋଷରୁ ବିଜ୍ଞାପନ ବାବଦରେ ଖର୍ଚ୍ଚ କରିଥିଲେ ୪୦ କୋଟି ଟଙ୍କା । ସେଥିମଧ୍ୟରୁ ନୀଳମାଧବ ପଣ୍ଡାଙ୍କ ସଂସ୍ଥାକୁ ଦିଆଯାଇଥିଲା ୨୪ କୋଟି ଟଙ୍କା। ବର୍ତ୍ତମାନ ବସ୍ ସେବାରେ କ୍ଷତି ହୋଇଛି ୯୦୦ କୋଟି ଟଙ୍କା। ତଥାପି ବସ୍ ଚାଲିଛି। ଅଣ ଓଡ଼ିଆ କମ୍ପାନୀମାନେ କୋଟି କୋଟି ଟଙ୍କା ଲାଭ ଉଠେଇ ଚାଲିଛନ୍ତି।

ଏଲ୍‌ଏସିସିଏମ୍ଆଇ (ଲକ୍ଷ୍ମୀ ବସ୍) ପ୍ରଚଳନ ପୂର୍ବରୁ ଏବଂ ପରେ ନବୀନ ପଟ୍ଟନାୟକ ସରକାର ଏହାକୁ ଭୋଟବ୍ୟାଙ୍କର ମାଧ୍ୟମ କରି ଏହାର ବ୍ୟାପକ ପ୍ରଚାର ଓ ପ୍ରସାର କରିଥିଲେ। ମୁଖ୍ୟ ଏଜେଣ୍ଡା ଥିଲା ଗ୍ରାମାଞ୍ଚଳ ଭୋଟରମାନଙ୍କୁ କିଭଳି ଅତି ଶସ୍ତା ଦରରେ ବସରେ ବୁହାଇ





ଭୋଟ ହାତେଇବେ। ଏହାର ବିଜ୍ଞାପନ ପାଇଁ ମେ'୨୦୨୨ରୁ ମାର୍ଚ୍ଚ ୨୦୨୪ ମସିହା ମଧ୍ୟରେ ପ୍ରିଣ୍ଟ, ଇଲେକ୍ଟ୍ରୋନିକସ ଓ ଅଡିଓ-ଭିଡିଓ ମାଧ୍ୟମରେ ବିଜ୍ଞାପନ ଦେଇ ୪୦. ୩୬ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ଉକ୍ତ ୪୦ କୋଟି ବିଜ୍ଞାପନ ମଧ୍ୟରୁ ନୀଳମାଧବ ପଣ୍ଡାଙ୍କ ଏଲିନୋରା ଇମେଜେସ୍ ପ୍ରାଇଭେଟ ଲିମିଟେଡ୍ କେବଳ ୬୦ ପ୍ରତିଶତ ଅର୍ଥାତ ୨୪.୭୬ କୋଟି ଟଙ୍କାର ବିଜ୍ଞାପନ ହାତେଇଛି। କିନ୍ତୁ ବସ ଚାଲିବାର ୯ ମାସ ମଧ୍ୟରେ ୮୦୦ କୋଟି ଟଙ୍କା କ୍ଷତି ଘଟିଛି। ଏହିଭଳି ଭାବରେ ନବୀନ ପଟ୍ଟନାୟକ ଓ ପାଣ୍ଡିଆନ ରାଜ୍ୟର ରାଜକୋଷକୁ ନିଜର ପୈତୃକ ସମ୍ପତ୍ତି ଭାବି ବିନା କ୍ୟାବିନେଟ ଅନୁମୋଦନରେ ମନଇଚ୍ଛା ଖର୍ଚ୍ଚ କରିଚାଲିଥିଲେ।

## ରଘୁବରଙ୍କ ପାଇଁ ନ୍ୟାୟ ପାଇବ ଅଭିଶେକଙ୍କ ଆତ୍ମା

- ରାଜନୀତିର ରୁଟି ସେକୁଥିଲେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ
- ସନ୍ଦେହରେ ପରିବାର ଲୋକ ଓ ସମ୍ପର୍କୀୟ ଭଉଣୀ

ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): ଛାତ୍ର ମୃତ୍ୟୁରେ ଚାଲିଛି ରାଜନୀତିର ରୁଟିସେକା। ହୀନ ମାନସିକତାର ପରିଚୟ ହେମନ୍ତ ସୋରେନ। ରାଜ୍ୟପାଳ ରଘୁବରଙ୍କ ପ୍ରଚେଷ୍ଟା, ଛାତ୍ର ମୃତ୍ୟୁ ସସପେନ୍ସରୁ ଉଠିବ ପରଦା। ରାଜଧାନୀ ଭୁବନେଶ୍ୱରରେ



ଇଂଜିନିୟରିଂ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଜମିଛି ଝାଡ଼ଖଣ୍ଡ ରାଜନୀତି। ରାଂଚିର ଯୁବକ ଅଭିଶେକ ରବିଙ୍କ ରକ୍ତାକ୍ତ ଶରୀର ଗତ ୧୩ ତାରିଖରେ କଲେଜ କାମ୍ପସରୁ ମିଳିଥିଲା। ତୁରନ୍ତ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ବି ଡାକ୍ତର ମୃତ ଘୋଷଣା କରିଥିଲେ। ଏହା ଆତ୍ମହତ୍ୟା ବୋଲି ସନ୍ଦେହ ହେଉଥିଲେ ସୁଦ୍ଧା ମୃତକଙ୍କ ପରିବାର ରାଗିଂ ଯୋଗୁଁ ଅଭିଶେକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ରାଜନୀତିର ରୁଟି ସେକିବା ଆରମ୍ଭ କରିଛନ୍ତି।

ଝାଡ଼ଖଣ୍ଡର ବିଜେପି ନେତା ରଘୁବର ଦାସ ଏବେ ଓଡ଼ିଶା ରାଜ୍ୟପାଳ। ➪ ପୃଷ୍ଠା-୬

## ଚିଟ୍‌ଫଣ୍ଡ ଜମାକାରୀଙ୍କୁ ମିଳିବ ଟଙ୍କା

ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): କ୍ଷତିଗ୍ରସ୍ତ ଜମାକାରୀଙ୍କ ପାଇଁ ଆଶ୍ୱସ୍ତିକର ଖବର। ଦୀର୍ଘ ଅପେକ୍ଷାର ଅନ୍ତ ଘଟିବ। ଜମାକାରୀଙ୍କୁ ଅର୍ଥ ଫେରସ୍ତ କରିବାକୁ ଯାଉଛନ୍ତି ମୋହନ ସରକାର। ଖୁବ ଶୀଘ୍ର ମିଳବ ଚିଟ୍‌ଫଣ୍ଡ ଟଙ୍କା। ଏନେଇ ପ୍ରେସମିଟ୍ କରି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ। ମୋହନ ସରକାରଙ୍କୁ ଗୁରୁବାର ୧୦୦ଦିନ ପୂରିବାକୁ ଯାଉଛି। ଗଣମାଧ୍ୟମରେ ସୂଚନା ଦେଇ ମନମୋହନ କହିଛନ୍ତି, କ୍ଷତିଗ୍ରସ୍ତ ଚିଟଫଣ୍ଡ ଜମାକାରୀ ବହୁତ ଶୀଘ୍ର ଟଙ୍କା ଫେରିପାଇବେ। ଟଙ୍କା ଫେରସ୍ତ ନେଇ ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି।ସେ ଆହୁରି କହିଛନ୍ତି, ଚିଟଫଣ୍ଡ ଟଙ୍କା ଫେରସ୍ତ ପାଇଁ ରାଜ୍ୟ ସରକାର ଏକ କମିଟି ଗଠନ କରିଛନ୍ତି। ଏ ସଂକ୍ରାନ୍ତରେ ଆଇନଗତ ତର୍ଜମା କରୁଛି କମିଟି। ଖୁବ ଶୀଘ୍ର କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଟଙ୍କା ଫେରସ୍ତ ହେବ ବୋଲି ମନମୋହନ ସ୍ପଷ୍ଟ କରିଛନ୍ତି।

# ଦାଗ ଲଗାଇଲେ ଦାଗୀ ଦୀନକୃଷ୍ଣ

### ୫ ନିଲମ୍ବନ ପରେ ବି ଥମୁନି ବିବାଦ

### ଜୁଡିସିଆଲ ତଦନ୍ତ ଦାବି କଲା ସେନା ସଂଘ

ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): ସାଉଥ ଫିଲ୍ମ ଷ୍ଟାଇଲରେ ନିରୀହ ଲୋକଙ୍କ ଉପରେ ଦବଙ୍ଗଗିରି ଦେଖାଉଥିବା ପୋଲିସ ଏବେ ହରଡ଼ଘଣାରେ। ଅକଥନୀୟ ନିର୍ଯ୍ୟାତନା ଓ ଅମାନୱୀୟ କାଣ୍ଡ ପରେ ଓଡିଶା ପୋଲିସର ଛବି ଏବେ ସାରା ଦେଶରେ ଖରାପ। ଭରତପୁର ଥାନାରେ ସେନା ଅଧିକାରୀ ଗୁରୁବଂଶ ସିଂ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ମାମଲାର ତତ୍କାଳୀନ ଆଇଆଇସି ଦୀନକୃଷ୍ଣ ମିଶ୍ର, ଏସ୍‌ଆଇ ବୈଶାଳିନୀ ପଣ୍ଡା, ଏଏସ୍‌ଆଇ ସଲିଳମୟୀ ➪ ପୃଷ୍ଠା-୬



Itismita 💯
@ItismitaCodes03
Follow

Today, my cousin and sister were harassed by a group of men in Khandagiri. They were followed, subjected to slang & asked for their phone numbers. The men continued to follow them till they reached home. @PravatiPOdisha

0:31 0:29

11:20 pm · 16 Sept 24 · 10.9K Views

61 Reposts 4 Quotes 181 Likes 26 Bookmarks

## ଖଣ୍ଡଗିରିରେ ବି ଲଜ୍ୟା !

ଭରତପୁର ପରେ ଖଣ୍ଡଗିରିରେ ମଧ୍ୟ ଘଟିଛି ଅଭାବନୀୟ ଘଟଣା। ଯୁବତୀଙ୍କୁ ଉଦୟଗିରି ପାହାଡ଼ ଉପରେ ହୋଇଛି ଦୁର୍ବ୍ୟବହାର। ଦୁର୍ବ୍ୟବହାର ପରେ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ । କମିଶନର ଓ ଡିସିପିଙ୍କ ଦୃଷ୍ଟି ଆକର୍ଷଣ କଲେ ପୀଡିତା । ହଜାର ହଜାର ଟୁରିଷ୍ଟ ରାଜ୍ୟ ଓ ରାଜ୍ୟ ବାହାରୁ ନୀତିଦିନ ଏଠାକୁ ଆସୁଥିଲେ ମଧ୍ୟ ଏଠାରେ ସୁରକ୍ଷା ନଥିବା କହିଛନ୍ତି । ପାହାଡ଼ ଉପରେ ନୀତିଦିନ ଅସାମାଜିକ ଯୁବକ ବୁଲୁଛନ୍ତି । ଗତକାଲି ମଧ୍ୟ ଦୁଇ ଯୁବତୀ ଖଣ୍ଡଗିରି ଓ ଉଦୟଗିରି ବୁଲିବାକୁ ଆସିଥିବା ବେଳେ ସ୍ଥାନୀୟ କିଛି ଯୁବକ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ଏପରିକି ଦୁର୍ବୃତ୍ତଙ୍କ ଭୟରେ ସେମାନେ ଭିଡିଓ ରେକର୍ଡ଼ିଂ କରିବା ସହ ସେହି ସ୍ଥାନ ଛାଡି ଚାଲିଯାଇଥିଲେ । ଏ ନେଇ କମିଶନର ଙ୍କୁ ଟୁଇଟ ପରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଆରମ୍ଭ ହୋଇଛି ଛାନଭିନ।

## ଟ୍ରେଣ୍ଡିଂ ନ୍ୟୁଜ୍

- ଦେଶରେ ଦ୍ୱିତୀୟ ମଙ୍କିପକ୍ସ ଆକ୍ରାନ୍ତ ଚିହ୍ନଟ। ସେ ନିକଟରେ ଦୁବାଇରୁ ଫେରିଥିଲେ ଓ ତାଙ୍କୁ ସଙ୍ଗରୋଧରେ ରଖାଯାଇଥିବା ସୂଚନା।
- ସିନ୍ଧୁ ଜଳ ବଣ୍ଟନ ଚୁକ୍ତିରେ ସଂଶୋଧନ ନିମିତ୍ତ ପାକିସ୍ତାନକୁ ଭାରତ ଆନୁଷ୍ଠାନିକ ଭାବେ ଜଣାଇଲା।
- ଅରୁଣାଚଳ ପ୍ରଦେଶର ଫିସ୍‌ଟେଲ୍‌ସ ନିକଟ ବାସ୍ତବ ନିୟନ୍ତ୍ରଣ ରେଖା ଠାରୁ ୨୦ କିମି ପୂର୍ବରେ ଚୀନର ହେଲିପୋର୍ଟ ନିର୍ମାଣ। ଭାରତର ଉଦ୍‌ବେଗ।
- ଆକାଉଣ୍ଟରୁ ସୁଭଦ୍ରା ଟଙ୍କା ନେବା ପାଇଁ ବିଭିନ୍ନ ଅଞ୍ଚଳରେ ବ୍ୟାଙ୍କରେ ପ୍ରବଳ ଗହଳି।
- କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ତୁମୁଡ଼ିବନ୍ଧ ବ୍ଲକର ଝିରିପାଣି ପଞ୍ଚାୟତରେ ଝାଡ଼ାବାନ୍ତିରେ ୨ଜଣ ପ୍ରାଣ ହରାଇଛନ୍ତି। ଖବର ପାଇ ବୁଧବାର ଡାକ୍ତରୀ ଟିମ୍ ପହଞ୍ଚି ଅସୁସ୍ଥଙ୍କ ଚିକିତ୍ସା କଲା।
- ମାଲେସିଆ ଧନୀ ତାଲିକାର ୪ର୍ଥ ସ୍ଥାନରେ ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀ ତନ ଆନନ୍ଦ କ୍ରିଷ୍ଣାନ ବା ଏକେ। ଫୋର୍ବସର ରିପୋର୍ଟ ଅନୁଯାୟୀ ତାଙ୍କ ସଂପତ୍ତି ପରିମାଣ ୫.୮ ବିଲିୟନ ଆମେରିକା ଡଲାର ବା ଭାରତୀୟ ମୁଦ୍ରାରେ ୪୫ ହଜାର କୋଟିରୁ ଅଧିକ ଟଙ୍କା।
- ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ବିରୋଧରେ ଦାୟର ନିର୍ବାଚନୀ ଅନିୟମିତତା ମାମଲା ହାଇକୋର୍ଟରେ ଖାରଜ।
- ଛାତ୍ରୀଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ବାଣୀବିହାର ବିଭାଗର ଆସୋସିଏଟ୍ ପ୍ରଫେସର ସସ୍‌ପେଣ୍ଡ।
- ଜମ୍ମୁ-କାଶ୍ମିରରେ ପ୍ରଥମ ପର୍ଯ୍ୟାୟରେ ସନ୍ଧ୍ୟା ସୁଦ୍ଧା ୫୯ ପ୍ରତିଶତ ମତଦାନ। ୨୦୦ରୁ ଅଧିକ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍।

### ରହସ୍ୟ ଘେରରେ ଓଡ଼ିଶା ନିବାସର ଦୁଇ କୋଠରି

# କାହା କାନ୍ତ ସାଜିଥିଲେ ରବିକାନ୍ତ

ଭୁବନେଶ୍ୱର, ୧୮ । ୦୯ (ସଂଚାର ବ୍ୟୁରୋ): ବିଜେଡି ସରକାର କ୍ଷମତାରୁ ଯିବାପରେ ଏହାର ଗେହ୍ଲା ଅଫିସରମାନଙ୍କର ଗୋଟିଏ ପରେ ଗୋଟିଏ କାରନାମା ପଦାକୁ ଆସିବାରେ ଲାଗିଛି । ଏହି ତାଲିକାରେ ଏବେ ଯୋଡି ହୋଇଯାଇଛନ୍ତି ୧୯୯୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ରବି କାନ୍ତ । ନୂଆ ଦିଲ୍ଲୀରେ ଆବାସିକ ଆୟୁକ୍ତ ବା ରେସିଡେଣ୍ଟ କମିଶନର ଥିବାବେଳେ ଓଡ଼ିଶା ନିବାସରେ ତାଙ୍କର ଲୀଳା ଖେଳାର ଖବର ଏବେ ଲୋକ ଲୋଚନକୁ ଆସିବାରେ ଲାଗିଛି ।

ଏହି ପୁଲିସ୍ ବାବୁଙ୍କୁ ବିଜେଡି ସରକାର ୨୦୧୭ ମସିହାରେ ନୂଆଦିଲ୍ଲୀ ଠାରେ ରେସିଡେଣ୍ଟ କମିଶନରଙ୍କର ଦପ୍ତରରେ



ଓଏସ୍‌ଡି ଭାବେ ନିଯୁକ୍ତି ଦେଇଥିଲେ । ଏହାପରେ ବାବୁ ଆଉ ଦିଲ୍ଲୀ ଛାଡିଲେ ନାହିଁ । ୨୦୧୯ ନଭେମ୍ବର ପର୍ଯ୍ୟନ୍ତ ଓଏସ୍‌ଡି ଭାବେ





ଦାୟିତ୍ୱ ତୁଲାଇବାପରେ ୨୦୨୦ ମଇ ମାସ ପର୍ଯ୍ୟନ୍ତ ତାଙ୍କୁ ସ୍ୱତନ୍ତ୍ର ରେସିଡେଣ୍ଟ କମିଶନର ପଦରେ ନିଯୁକ୍ତି ମିଳିଥିଲା । ୨୦୨୦ ମଇ ମାସରୁ ଓଡିଶା ଫେରିବା ପର୍ଯ୍ୟନ୍ତ ଅର୍ଥାତ୍ ୨୦୨୪ ପର୍ଯ୍ୟନ୍ତ ବାବୁ ରେସିଡେଣ୍ଟ କମିଶନର ପଦରେ ଥିଲେ। ଜଣେ ପୁଲିସ୍ ଅଫିସରଙ୍କୁ ନୂଆଦିଲ୍ଲୀରେ ଏତେ ଦିନ ଧରି ଆବାସିକ ଆୟୁକ୍ତ ରଖାଯିବା ଏକ ବିରଳ ରେକର୍ଡ ।

ତେବେ ବାବୁଙ୍କ ଲୀଳାଖେଳାର କଥାଟି ହେଉଛି ଓଡିଶା ନିବାସର ୭ଟି କୋଠରିକୁ ନେଇ । ଏହା ମଧ୍ୟରୁ ଦୁଇଟି କୋଠରି ଅତ୍ୟନ୍ତ ଗୋପନୀୟ ଯାହାର ସୂଚନା ମଧ୍ୟ ଆରଟିଆଇରେ ମିଳୁନାହିଁ । ଏହି ୭ଟି ରୁମ୍‌କୁ ବାବୁ ନିଜ ଅକ୍ତିଆରରେ ରଖିଥିଲେ । ୨୦୧୯ ରୁ ୨୦୨୪ ମଧ୍ୟରେ ଏଠାରେ ୧୯୭ ଜଣ ରହିଥିବାବେଳେ ୨ଲକ୍ଷରୁ ଅଧିକ ଟଙ୍କା ଭଡା ଆଦାୟ ହୋଇଛି । ହେଲେ କେଉଁମାନେ କାହିଁକି ଏହିସବୁ କୋଠରିରେ ରହୁଥିଲେ ତାହାର ଠୋସ୍ ଖବର କିଛି ନାହିଁ । ତେବେ ଓଡିଶା ନିବାସର ଦୁଇଟି କୋଠରି ୧୧୦୧ ଓ ୧୧୦୨ କୁ ନେଇ ଏବେ ପୁଲିସ୍ ବାବୁ ଜଣଙ୍କ ଚର୍ଚ୍ଚାକୁ ଆସିଛନ୍ତି । ଏହି ଦୁଇଟି କୋଠରିରେ କିଏ ରହୁଥିଲେ, କ'ଣ ସବୁ କରୁଥିଲେ ତାହା କେବଳ ରବି କାନ୍ତ ହିଁ ଜାଣିଛନ୍ତି ।

ତେବେ ଓଡିଶା ନିବାସକୁ ଆସୁଥିବା ଲୋକଙ୍କ ସୂଚନା ଯେଭଳି ଓଡିଶାରେ ନପହଞ୍ଚିବ ସେଥିପାଇଁ ରବି କାନ୍ତ ପୁଲିସିଆ କାଇଦାରେ ବ୍ୟବସ୍ଥା କରିଥିଲେ । ଗୋଟିଏ କମ୍ପାନୀ ଜରିଆରେ ଏଠାରେ ୯୪ଜଣ ଅଣଓଡିଆ ଲୋକଙ୍କୁ ନିଯୁକ୍ତ ➪ ପୃଷ୍ଠା-୬

SANCHAR ସଂଚାର

### ସ୍ୱାଧୀନତାର ୭୮ ବର୍ଷ ପରେ ବି ଆମ୍ବଡିହ ଗାଁକୁ ନାହିଁ ପକ୍କା ରାସ୍ତା

# ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା



**ବାଲିପାଟଣା, ୧୮।୯ (ସଂଚାର ବ୍ୟୁରୋ):** ସ୍ୱାଧୀନତାର ୭୮ ବର୍ଷ ପରେ ବି ଗାଁକୁ ନାହିଁ ପକ୍କା ରାସ୍ତା। ଯାହା ଫଳରେ ଲୋକେ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ଅଧୀନରେ ଥିବା ଦେଉଳିଧଳପୁର ଗ୍ରାମପଞ୍ଚାୟତ ଆମ୍ବଡିହ ଗ୍ରାମର କଥା। ହଂସପାଳ ନିମାପଡା ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଏହି ଗ୍ରାମର ମୁଖ୍ୟ ରାସ୍ତା ଦୀର୍ଘ ଦିନ ହେବ ମାଟି କାମ ହେଇ ପଡ଼ିରହିଛି। ଯାହା ଫଳରେ ବର୍ଷା ଦିନରେ ଏହି ରାସ୍ତାରେ ଯାନବାହାନ ଯାତ୍ରା ସମ୍ଭବ ହେଉନାହିଁ। କାଦୁଅ ପଙ୍କରେ ସ୍ଥାନୀୟ ଲୋକେ ଯାତାୟାତ କରୁଛନ୍ତି। ବର୍ଷା ଦିନରେ ଆମ୍ବୁଲାନ୍ସ ସେହି ବାଟ ଦେଇ ଯାଇ ନପାରିବାରୁ ଲୋକେ ରୋଗୀକୁ ଭାରା କରି ମଧ୍ୟ ନେଉଥିବାର ଦେଖିବାକୁ ମିଳିଛି। ରାସ୍ତା ନ ଥିବା ଯୋଗୁଁ ଦୈନ୍ୟଦିନ ଜୀବନ ଯାପନରେ ଲୋକେ ଅସୁବିଧା ଭୋଗୁଛନ୍ତି। ଦୀର୍ଘ ବର୍ଷ ଧରି ଏହି ରାସ୍ତାଟି ଅଧା କାମ ହୋଇ ପଡ଼ିରହିଛି। ନିର୍ବାଚନ ସମୟରେ ନେତାମାନେ ଏହି ରାସ୍ତାକୁ ନେଇ ଦେଇଥିବା ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯାଇଛି। ଗାଁଟି ଖୋର୍ଦ୍ଧା ଜିଲ୍ଲାର ଶେଷ ସୀମାରେ ଅବସ୍ଥିତ ହୋଇଥିବାରୁ, ପ୍ରାୟ ନେତାମାନେ ନିର୍ବାଚନ ଜିତିବା ପରେ ଏଠାକୁ ଆସନ୍ତି ନାହିଁ। ସାରା ରାଜ୍ୟରେ ଗ୍ରାମାଞ୍ଚଳ ରାସ୍ତା ଗୁଡିକ ଉନ୍ନତି ହେଉଥିବା ବେଳେ, ଏହି ଗ୍ରାମର ରାସ୍ତା କଣ ପାଇଁ କାମ ହେଉନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏହି ମାଟି ରାସ୍ତାକୁ ପକ୍କା ରାସ୍ତା କରିବା ପାଇଁ ଗ୍ରାମବାସୀ ଅନେକ ଥର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ ମଧ୍ୟ ପ୍ରଶାସନ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁନାହିଁ। ଏ ବିଷୟରେ ଯୁବ ସାମ୍ବାଦିକ ଅଞ୍ଜନ କୁମାର ଭଟ ମଧ୍ୟ ରାଜ୍ୟ ସରକାରଙ୍କୁ ଟ୍ୱିଟ କରି ଜଣାଇଛନ୍ତି। ବର୍ଷ ବର୍ଷ ଧରି ଲୋକେ ଏହି ଅସୁବିଧାର ଶିକାର ହେଉଛନ୍ତି, ସ୍ଥାନୀୟ ଲୋକଙ୍କର ଦାବି ଏହି କାଦୁଅ ରାସ୍ତାକୁ ପକ୍କା ରାସ୍ତାରେ ପରିଣତ କଲେ ସେମାନେ ଉପକୃତ ହେବେ।

### ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ଜିଲ୍ଲାସ୍ତରୀୟ କ୍ୟାମ୍ପ କୋର୍ଟ

# କଟକ ରେଳଷ୍ଟେସନରେ ଚାଇଲ୍ଡ ହେଲ୍ପ ଲାଇନ ଡେସ୍କ ଖୋଲିବା ପାଇଁ ପ୍ରସ୍ତାବ

**କଟକ, ୧୮।୯ (ସଂଚାର ବ୍ୟୁରୋ):** ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ଭୁବନେଶ୍ୱର ତରଫରୁ ବୁଧବାର ଦିନ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ କ୍ୟାମ୍ପ କୋର୍ଟ ଆୟୋଜିତ ହୋଇଯାଇଛି। ଏଥିରେ ସମୁଦାୟ ୭୨ଟି ବିଚାରାଧୀନ ମାମଲା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ବିଚାରାଧୀନ ମାମଲାଗୁଡ଼ିକର ବିବରଣୀ ପ୍ରଦାନ କରିଥିଲେ। ମାମଲାଗୁଡ଼ିକ ମଧ୍ୟରୁ ଅଧିକାଂଶ ମାମଲା ଶିଶୁ ଯୌନ ନିର୍ଯାତନା ସମ୍ବନ୍ଧୀୟ ରହିଥିଲା ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଏହି ମାମଲାଗୁଡ଼ିକର ସମୀକ୍ଷା କରିଥିଲେ। ଯେଉଁ ମାମଲାଗୁଡ଼ିକର ପଦକ୍ଷେପ ନିଆଯାଇଛି ସେଥି ସମ୍ବନ୍ଧୀୟ ବିବରଣୀ ପ୍ରଦାନ କରିବା ପାଇଁ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ଶ୍ରୀମତୀ ମନ୍ଦାକିନୀ କର ନିର୍ଦ୍ଦେଶ ଦେଇଥିଲେ। ସେହିପରି ଯେଉଁ ମାମଲାଗୁଡିକର ସମାଧାନ ହୋଇନାହିଁ ସେହି ମାମଲା ଗୁଡିକୁ ତୁରନ୍ତ ସମାଧାନ କରିବା ସହ ଶିଶୁ ଯତ୍ନ ଅନୁଷ୍ଠାନମାନଙ୍କର ପାରିପାର୍ଶ୍ୱିକ ଅଂଚଳରେ ପୋଲିସ ପାଟ୍ରୋଲିଂ କରିବା ପାଇଁ କମିଶନରେଟ ପୋଲିସର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିଶୁ ଯତ୍ନ ଅନୁଷ୍ଠାନମାନଙ୍କରେ ପ୍ରବେଶ କରୁଥିବା ଅନ୍ତେବାସୀମାନଙ୍କର ପ୍ରବେଶ ସମ୍ବନ୍ଧୀୟ ତଥ୍ୟକୁ ଜେନେରାଲ ଡାଏରୀ ସଂଖ୍ୟା ପ୍ରଦାନ କରିବା ପାଇଁ ନିକଟସ୍ଥ ଥାନାମାନଙ୍କୁ ନିର୍ଦ୍ଦେଶ ଦେବା ପାଇଁ ସେ ପ୍ରସ୍ତାବ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଉମାକାନ୍ତ ରାଜ




ବୈଠକରେ ଯୋଗଦେଇ ମାମଲାଗୁଡିକର ତ୍ୱରିତ ବିବରଣୀ ପ୍ରଦାନ କରିବା ଦିଗରେ ଯତ୍ନବାନ ହେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଆରକ୍ଷୀ ଅଧିକାରୀ (ଗ୍ରାମାଞ୍ଚଳ), ଆରକ୍ଷୀ ଅଧିକାରୀ (ସହରାଂଚଳ), ଆରକ୍ଷୀ ଅଧିକାରୀ (ରେଳବାଇ)ଙ୍କ ପ୍ରତିନିଧିମାନେ ଯୋଗଦେଇ ନିଜ ନିଜ ବିଭାଗ ଅଧିନସ୍ଥ ମାମଲାଗୁଡିକ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ। କଟକ ରେଳଷ୍ଟେସନରେ ଚାଇଲ୍ଡ ହେଲ୍ପ ଲାଇନ ଡେସ୍କ ଖୋଲିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବା ନିମନ୍ତେ ଆରକ୍ଷୀ ଅଧିକାରୀ (ରେଳବାଇ)ଙ୍କ ତରଫରୁ ପ୍ରସ୍ତାବ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ଶ୍ରୀମତୀ ଅନିତା ବେହେରା, ଶ୍ରୀମତୀ ସସ୍ମିତା ନନ୍ଦ, ରୁବି ବିଶ୍ୱାଳ, ଜାଲିନା ପ୍ରିୟଦର୍ଶିନୀ ଏବଂ ସମ୍ପାଦକ ଶ୍ରୀ ପ୍ରଭାତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# କଥାଶିଳ୍ପୀ ପ୍ରଦୋଷ ମିଶ୍ରଙ୍କୁ ‘ଅକ୍ଷର କଥାକାର ସମ୍ମାନ’

**ବାଲେଶ୍ୱର, ୧୮।୯ (ସଂଚାର ବ୍ୟୁରୋ):** ଓଡ଼ିଆ କ୍ଷୁଦ୍ରଗଳ୍ପ ରଚନାରେ ଜଣେ ସିଦ୍ଧହସ୍ତ କଥାଶିଳ୍ପୀ ପ୍ରଦୋଷ ମିଶ୍ର । ଲେଖକ ଓ ପାଠକଙ୍କର ପ୍ରିୟ କଥାଶିଳ୍ପୀ ଭାବରେ ପରିଚିତ ଓ ଆଦୃତଏହି ଗଳ୍ପ କାରିଗର ଚଳିତବର୍ଷ ନିମନ୍ତେ ‘ଅକ୍ଷର କଥାକାର ସମ୍ମାନ-୨୦୨୪’ ପାଇବେ। ଏହି ସମ୍ମାନ ବାଲେଶ୍ୱରରଶିକ୍ଷା ଓ ଜ୍ଞାନର ଦିବ୍ୟଦୃଷ୍ଟି ଅନୁଷ୍ଠାନ ‘ପ୍ରଜାପତି’ର ସାହିତ୍ୟ ଶାଖା ଅକ୍ଷରର ଏକ ମର୍ଯ୍ୟାଦାଜନକ ରାଜ୍ୟସ୍ତରୀୟ ସମ୍ମାନ । ଏହା ରାଜ୍ୟର ଜଣେ ବିଶିଷ୍ଟ ତଥା ଯଶସ୍ୱୀ ଗାଳ୍ପିକ ଓ ଔପନ୍ୟାସିକଙ୍କୁ ପ୍ରଦାନ କରାଯାଇ ଓଡ଼ିଆ କଥାସାହିତ୍ୟ ରଚନାରେ ବ୍ରତୀଲେଖକଙ୍କୁ ପ୍ରୋତ୍ସାହନ ଦେବା ଅଭିପ୍ରାୟରେ ଆରମ୍ଭ କରାଯାଇଛି।



ଆସନ୍ତା ୨୯ ତାରିଖ ରବିବାର ସନ୍ଧ୍ୟାରେ ଆତିଥ୍ୟ ସମ୍ମିଳନୀ କକ୍ଷରେ ଆୟୋଜିତ ହେଉଥିବା ଏକ ମନୋଜ୍ଞ ସାରସ୍ୱତ ସମାବେଶରେ କଥାଶିଳ୍ପୀ ପ୍ରଦୋଷ ମିଶ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ । ସମ୍ମାନ ସ୍ୱରୂପ ନଗଦ ଅର୍ଥରାଶି, ମାନପତ୍ର, ଉପଢୌକନ ସାଙ୍ଗକୁ ନାଗରିକ ସମ୍ବର୍ଦ୍ଧନାର କାର୍ଯ୍ୟକ୍ରମ ରହିଛି ।

ଉଲ୍ଲେଖଯୋଗ୍ୟ ଯେ, କଥାଶିଳ୍ପୀ ପ୍ରଦୋଷ ମିଶ୍ରଙ୍କର ୧୬ଟି ଗଳ୍ପ ସଂକଳନ ସାଙ୍ଗକୁ ୧୧ଟି ଉପନ୍ୟାସ, ହିନ୍ଦି ଓ ଇଂରାଜୀରେ ଅନୂଦିତ ୭ଟି ପୁସ୍ତକ, ଗୋଟିଏ ଭ୍ରମଣ କାହାଣୀ ସମେତ ଆନୁଷ୍ଠାନିକ ସମ୍ମାନ ଓ ସ୍ୱୀକୃତିଲାଭ କରି ଓଡ଼ିଆ ଗଳ୍ପ ଓ ଉପନ୍ୟାସ ପିପାସୁ ପାଠକମହଲରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ।

ସୂଚନାଯୋଗ୍ୟ ଯେ, ୨୦୨୩ରେ ଆରମ୍ଭ ହୋଇଥିବା ଉକ୍ତ ମର୍ଯ୍ୟାଦାଜନକ ସମ୍ମାନର ପ୍ରଥମ ପ୍ରାପକ ଥିଲେ ବିଶିଷ୍ଟ କଥାଶିଳ୍ପୀ ଆର୍ଯ୍ୟ ଯଜ୍ଞଦତ୍ତ ।

ଉକ୍ତ ସାହିତ୍ୟ ସମାବେଶରେ ବାଲେଶ୍ୱର ମାଟିର କଥା ସାହିତ୍ୟର ଏକ ବିଶେଷ ଉତ୍ସବର ମିଳନ ପର୍ବରେ ‘ଅକ୍ଷର କଥାକାର ସମ୍ମାନ - ୨୦୨୪’ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସଭାପତି କବି ପ୍ରଶାନ୍ତ ଦାସ, ସଂପାଦକ ରାଜେଶ ଗିରି ଓ ସଂଯୋଜକ ବିପ୍ଳବ ଦାସମହାପାତ୍ର ପ୍ରକାଶ କରିଛନ୍ତି ।

# ଭେଡେନ ପଞ୍ଚାୟତ ଗୋଦାମରୁ ଚାଉଳ ଚୋରି

**ଭେଡେନ, ୧୮।୯ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ଗ୍ରାମ ପଂଚାୟତ ଅଫିସ ପରିସରରେ ଥିବା ସାଧାରଣ ବଣ୍ଟନ ଚାଉଳ ଗୋଦାମରୁ ଗତ ରାତିରେ ଚୋରି ହୋଇଛି । ବଣ୍ଟନ ଦାୟିତ୍ୱରେ ଥିବା ଶ୍ରୀମା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ବୈଜୟନ୍ତୀ ସାହୁ ବୁଧବାର ସକାଳୁ ଆସି ଗୋଦାମର ତାଲା ଭଙ୍ଗା ହୋଇଥିବା ଦେଖି ସ୍ଥାନୀୟ ସରପଞ୍ଚ ଅକ୍ଷୟ ନାୟକ ଏବଂ ଏସ୍‌ଏଚ୍‌ଜି ଗୋଷ୍ଠୀର ଅନ୍ୟ ସଦସ୍ୟ ମାନଙ୍କୁ ଖବର ଦେଇଥିଲେ । ସମସ୍ତେ ଆସି ଗୋଦାମ ଖୋଲି ଦେଖିବାରୁ ଗୋଦାମରେ ରଖା ହେଇଥିବା ୨୫ ପକେଟ ଚାଉଳ ମଧ୍ୟରୁ ୧୫ ପାକେଟ ଚାଉଳ ନ ଥିଲା । ଏନେଇ ଏସ୍‌ଏଚ୍‌ଜି ସମ୍ପାଦିକା ଭେଡେନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୂର୍ବରୁ ମଧ୍ୟ ଏହି ଗୋଦାମରୁ ଚୋରି ହୋଇଥିଲା । ଏଣୁ ଏହି ଚୋରି ରେ ସ୍ଥାନୀୟ ଦୁଇ ଜଣ ସମ୍ପୃକ୍ତ ଥିବା ସନ୍ଦେହ କରାଯାଇ ପୋଲିସ ତଦନ୍ତ ଚଳାଇଛି ।

### ପ୍ରଧାନମନ୍ତ୍ରୀଙ୍କ ସୁଭଦ୍ରା ଯୋଜନା ସଭାକୁ ଯାଇ ମହିଳା ହଟହଟା

# ବସ୍ ଅଟକ ରଖିଲେ

**କଣାସ, ୧୮।୯ (ସଂଚାର ବ୍ୟୁରୋ):** ଗତକାଲି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଉପଲକ୍ଷେ ଓଡିଶାର ମହିଳାମାନଙ୍କୁ ସୁଭଦ୍ରା ଯୋଜନା ଅର୍ଥ ଅର୍ପଣ କରିବା ପାଇଁ ଭୁବନେଶ୍ୱରର ଜନତା ମଇଦାନରେ



ଏକ ସଭାର ଆୟୋଜନ କରିଥିଲେ । ଓଡିଶାର ବିଭିନ୍ନ ଜିଲ୍ଲା ଓ ବ୍ଲକମାନଙ୍କରୁ ମହିଳାମାନଙ୍କୁ ବସ୍ ଯୋଗେ ସଭାକୁ ଅଣାଯାଇଥିଲା। ପୁରୀ ଜିଲ୍ଲା କଣାସ ବ୍ଲକରୁ କେତୋଟି ବସ୍‌ଯୋଗେ କେତେକ ମହିଳାମାନଙ୍କୁ ଭୁବନେଶ୍ୱର ସଭାସ୍ଥଳକୁ ନିଆଯାଇଥିଲା । ସେମାନେ ଫେରିବା ସମୟରେ ରାତ୍ର ହୋଇଯାଇଥିବାରୁ ଖଣ୍ଡହତା ପଞ୍ଚାୟତର ଖଣ୍ଡହତା ଓ ସୁହାଗପୁର ଆଖପାଖ ଗ୍ରାମର କେତେକ ମହିଳାମାନେ ଓଡି୧୩ୟୁ୪୦୦୫ ଜୟ ଦୁର୍ଗା ବସ୍ ନାମକ ଏକ ବସ୍‌ରେ ଫେରିବା ସମୟରେ ବସ୍‌ଟି ଗ୍ରାମକୁ ନଯାଇ ୪ରୁ ୫ କିମି ଦୂରରେ କୋଟକଣା ଛକଠାରେ ନୂଆଜଗନ୍ନାଥ ସଡକ ଉପରେ ରଖି ମହିଳାମାନଙ୍କୁ ଓହ୍ଲାଇବାକୁ କହିଥିଲା । ମହିଳାମାନେ ଏତେରାତିରେ କିପରି ୪ରୁ ୫କିମି ବାଟ ଯିବେ ପ୍ରତିବାଦ କରି ବସ ଆଗରେ ବସିରହିଥିଲେ । ବସ୍‌ଟି ଅଟକ ରଖିବାରୁ କଣାସ ବିଡିଓ ନାରାୟଣ ସାହୁଙ୍କ ନିକଟକୁ ବସବାଲା ଖବର ଦେଇଥିଲେ । ଖବର ପାଇ କଣାସ ବିଡିଓ ନାରାୟଣ ସାହୁ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, କଣାସ ଥାନା ଆଇ.ଆଇ.ସି ରାକେଶ କୁମାର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାସୁଝା କରି ଚାରିଚକିଆ ଛୋଟଯାନରେ ନିଜ ନିଜ ଗ୍ରାମକୁ ପଠାଇଥିଲେ ।

### ସ୍ଥଗିତ ରହିଲା ଉଦଳା ବଣିକ ସଂଘ ନିର୍ବାଚନ

# ନୂତନ ବାଇ-ଲୋ ପରେ ହେବ ନିର୍ବାଚନ

**ଉଦଳା, ୧୮।୯ (ସଂଚାର ବ୍ୟୁରୋ):** ଉଦଳା ବଣିକ ସଂଘର ନିର୍ବାଚନ ଅବଧି ୨୦୨୧ ମସିହାରୁ ଶେଷ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବଣିକ ସଂଘର ନିର୍ବାଚନ ନେଇ ପ୍ରସ୍ତୁତି ଚାଲିଥିବା ବେଳେ ଏହାକୁ ଅନିୟମତତା ଦର୍ଶାଇ ଉଦଳା ବଣିକ ସଂଘର ପୂର୍ବତନ ସଭାପତି ସୋମନାଥ ସାହୁ ଏବଂ କେତେକ ସ୍ଥାୟୀ ବ୍ୟବସାୟୀ ଏକ ଦସ୍ତଖତ ସମ୍ବଳିତ ଲିଖିତ ଅଭିଯୋଗ ପତ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ଏହା ସହିତ ଅନିୟମିତତା ସଂପର୍କିତ ଏକ ଅଭିଯୋଗ ପତ୍ର ବିଧାୟକ ଭାସ୍କର ମଢେଇଙ୍କୁ ମଧ୍ୟ ପୂର୍ବତନ ସଭାପତି ସୋମନାଥ ସାହୁ ପ୍ରଦାନ କରିଥିଲେ ।

ଅଭିଯୋଗ ପରେ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ବଣିକ ସଂଘର ତତ୍କାଳୀନ ସଭାପତି ରବିନ୍ଦ୍ର କୁମାର ପରିଡା, ସଂପାଦକ ଧୀରେନ୍ଦ୍ର ଖଣ୍ଡେଲୱାଲଙ୍କ ସମେତ ସଂଘର କେତେକ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ବୁଧବାର ଦିନ ଏକ ଜରୁରୀ ବୈଠକ ଉପଜିଲ୍ଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ଲିଗାଲ ଆଡଭାଇଜର ଆଇନଜୀବି ବସନ୍ତ କୁମାର ପରିଡା, ପୂର୍ବତନ ବଣିକ ସଂଘ ସଭାପତି ସୋମନାଥ ସାହୁ, ପୂର୍ବତନ ସଂପାଦକ କମଳାକାନ୍ତ ରଣାଙ୍କ ସହିତ ବିଭୂତି ଭୂଷଣ ମହାନ୍ତ, ପ୍ରଭାତ କୁମାର ପରିଡା, ଯଜ୍ଞନାରାୟଣ ମହାନ୍ତି, ବିଶ୍ୱମ୍ବର ପରିଡା, ସନ୍ତୋଷ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ । ସମସ୍ତଙ୍କ ଉପସ୍ଥିତିରେ ନିର୍ବାଚନ ନେଇ ବିଭିନ୍ନ ଦିଗ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଶେଷରେ ବୈଠକର ନିଷ୍ପତ୍ତି ଅନୁସାରେ ଏବେ ପାଇଁ ବଣିକ ସଂଘର ନିର୍ବାଚନକୁ ସ୍ଥଗିତ ରଖାଯାଇଛି । ଏହା ସହିତ ନିର୍ବାଚନ ହୋଇ ଆସୁଥିବା ବାଇ-ଲୋ କୁ ପରିବର୍ତ୍ତନ କରି ଖୁବଶୀଘ୍ର ନୂତନ ବାଇ-ଲୋ ଆଧାରରେ ନିର୍ବାଚନ ପାଇଁ ପ୍ରସ୍ତୁତି ହେବ । ଏଥିନିମନ୍ତେ ଏକ ୧୧ ଜଣିଆ କମିଟି ଗଠନ କରାଯାଇଛି। ଯେଉଁମାନେ ନୂତନ ବାଇ-ଲୋ ପରେ ସଦସ୍ୟ ହୋଇଥିବା ବଣିକମାନଙ୍କର ତନଖି କରିବା ପରେ ଚୂଡାନ୍ତ ସଦସ୍ୟ ତାଲିକା ପ୍ରକାଶ କରାଯିବ ଏବଂ ନୂତନ ଭାବେ ସଦସ୍ୟ ହେବାକୁ ଥିବା ବଣିକମାନଙ୍କୁ ଏହି କମିଟି ଚୟନ କରିବ।

ଚୂଡାନ୍ତ ତାଲିକା ପ୍ରକାଶ ପାଇବା ପରେ ବଣିକ ସଂଘ ନିର୍ବାଚନ ପାଇଁ ପ୍ରସ୍ତୁତି କରାଯିବ ଏବଂ ନିର୍ବାଚନ ପାଇଁ ଦିନ ଧାର୍ଯ୍ୟ କରାଯିବ ବୋଲି ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ସୂଚନା ଦେଇଛନ୍ତି। ଏହା ସହିତ ତତ୍କାଳୀନ ବଣିକ ସଂଘର ସଭାପତିଙ୍କ ନିର୍ଦ୍ଦେଶରେ ହୋଇଥିବା ସଦସ୍ୟତା ଗ୍ରହଣ ଘୋଷଣାକୁ ବନ୍ଦ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଲୁଲୁ ପରିଡା, ଡିକେନ୍ସ ବେହେରାଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ସ୍ୱଚ୍ଛ ବାୟୁ ଦିବସ ପାଳିତ

**ସୁବର୍ଣ୍ଣପୁର, ୧୮।୯ (ସଂଚାର ବ୍ୟୁରୋ):** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଶ୍ୱ ଭାରତୀ ଚିନ୍ତନ ଶିକ୍ଷା ନିକେତନ ପିପିଲିପାଲି, ସୁବର୍ଣ୍ଣପୁର ସଭା ଗୃହ ଠାରେ ଅ।ନ୍ତର୍ଜାତୀୟ ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଦିବସ ପ୍ରଧାନ ଶିକ୍ଷକ ଶ୍ରୀ ଅକ୍ଷୟ କୁମାର ସାହୁ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭା ରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ମନୋଜ କୁମାର ଅଦାବର ମୁଖ୍ୟ ଅତିଥି,ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ଆବାହକ ଓ ସମ୍ପାଦକ ଯୁବ ରେଡ କ୍ରସ ସୁବର୍ଣ୍ଣପୁର ଉମାକାନ୍ତ ନାଗ, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ, ଗୀତାଞ୍ଜଳି ମେହେର ସଂଯୋଜକ ଅନଶଂକ୍ରାମ ରୋଗ, ଅନୁପ ରଞ୍ଜନ ଦାଶ ମାନସିକ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଂଚାସୀନ ଥିଲେ । ଅତିଥି ବୃନ୍ଦ ସୁସ୍ଥ ବାୟୁ ମଣ୍ଡଳ ସୃଷ୍ଟି କରି, ସୁସ୍ଥ ବାୟୁ ଗ୍ରହଣ କରି, ସୁସ୍ଥ ଜୀବନ ଜିଇବା ଓ ସୁନ୍ଦର ନୀଳ ଆକାଶ କୁ ଉପଭୋଗ କରି ସୁସ୍ଥ ସୁନ୍ଦର ସମାଜ ଗଠନ କରିବାରେ ସହାୟକ ହୋଇପାରିବା ଉପରେ ଗୁରୁତ୍ୱା ରୋପ କରିଥିଲେ ।




ଉକ୍ତ ସଭାରେ ସ୍କୁଲ ର ଛାତ୍ର ଛାତ୍ରୀ ବୃନ୍ଦ, କର୍ମକର୍ତ୍ତା, ସ୍ୱାସ୍ଥ୍ୟ ପରିଦର୍ଶକ, ସ୍ୱାସ୍ଥ୍ୟ ଅଧିକାରୀ ଓ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ । ୧୦ ଜଣ କୃତୀ ଛାତ୍ର ଛାତ୍ରୀ ତଥା ରତିପ୍ରଭା ବେହେରା, ନୂତନ ପଧାନ, ସ୍ମୃତିରୁପା ପଧାନ, ଶୁଭମ ସାହୁ, ସବ୍ୟସାଚୀ ପାଣିଗ୍ରାହୀ, ପ୍ରଜ୍ଞା ଭାରତୀ ଦାଶ, ଓମ ଶ୍ରୀ ମେହେର, ସୁଜିତ ସାହୁ, ବିଜିତ ଭୋଇ ଓ ଦୀକ୍ଷାନନ୍ଦ ରଣା ଙ୍କୁ କ୍ୱିଜ୍ ପ୍ରତିଯୋଗିତା କରି ସାର୍ଟିଫିକେଟ ସହିତ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଚିତ୍ତରଞ୍ଜନ ଭୋଇ କ୍ଲାଶୀକାଲ ଶିକ୍ଷକ ଓ ଦିବ୍ୟାଲୋଚନ ପଧାନ, ମୁଖ୍ୟ କିରାଣୀ ସହଯୋଗ କରିଥିଲେ । ଆଜି ଏହି କାର୍ଯ୍ୟକ୍ରମ ରେ ବୃକ୍ଷ ରୋପଣ ମଧ୍ୟ କରଯାଇଛି । ଶେଷରେ ନିତ୍ୟାନନ୍ଦ ପଧାନ ସଂସ୍କୃତ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଚୋରି ବୃଦ୍ଧି

**ବ୍ରହ୍ମପୁର, ୧୮।୯ (ସଂଚାର ବ୍ୟୁରୋ):** ସରକାରୀ କ୍ୱାଟର ଉପରେ ଏବେ ଅପରାଧୀଙ୍କ ନଜର ପଡ଼ିଛି। କ୍ୱାଟର ଗୁଡିକରେ ଅସାମାଜିକ କାର୍ଯ୍ୟକଳାପ ସହ ରାଣୀ ମହୁମାଛିଙ୍କ ଆଡ୍ଡା ଜମୁଛି । ପୋଲିସ ଜାଣି ନ ଜାଣିଲା ଭଳି ଅଭିନୟ କରୁଛି । ଏହି ଥାନ ଅଞ୍ଚଳରେ ଫରେଷ୍ଟ କଲୋନୀରେ ରହିଛି ବହୁ ସରକାରୀ କ୍ୱାଟରା କ୍ୱାଟର ଗୁଡ଼ିକ ଖୋଲା ମେଲା ରହୁଛି । ଏଠାରେ ଆଡ୍ଡା ଜମାଇବା ପାଇଁ ଅପରାଧୀଙ୍କ ପାଇଁ ସହଜ ହେଉଛି । କିନ୍ତୁ ପୋଲିସ ଜାଣି ପାରୁ ନାହିଁ । ଲୋକେ ଚୋରକୁ ଧରି ପୋଲିସ ହାତରେ ଦେଉଛନ୍ତି । ଏଠାରେ ଥିବା କ୍ୱାଟର ଗୁଡ଼ିକୁ ଭଙ୍ଗା ଗଢା କରି ଯନ୍ତ୍ରୀ ଓ ଠିକାଦାର ଲୁଟ ପାଟ ଚଳାଇଛନ୍ତି। ଏଠାରେ ଥିବା କେତେକ କ୍ୱାଟର ଭଡ଼ାରେ ଲାଗିଛି। ଉପଜିଲ୍ଲାପାଳ ଓ ତହସିଲଦାର ନଜର ଦେଲେ ସରକାରଙ୍କ ରାଜସ୍ୱ ନଷ୍ଟ ହୋଇନଥାନ୍ତା। ଫରେଷ୍ଟ କଲୋନୀ ସରକାରୀ କ୍ୱାଟରରେ ଏଭଳି ଘଟଣା ଦେଖାଯାଇଛି। କିଛି ଚୋରଙ୍କୁ ଧରି ଲୋକେ ପୋଲିସକୁ ଦେଇଛନ୍ତି। ପୂର୍ବରୁ ମଧ୍ୟ ଏଭଳି ଘଟଣା ଏଠାରେ ଦେଖାଯାଇଛି। ସନ୍ଦେହରେ ଦୁଇ ଯୁବକଙ୍କୁ ଅଟକ ରଖାଯାଇଛି । ସେମାନଙ୍କୁ ପଚରା ଉଚରା ଜାରି ରହିଛି ବୋଲି ପୋଲିସ କହିଛି ।

# ଅତିରିକ୍ତ ଜିଲ୍ଲାପାଳଙ୍କ ବନ୍ୟାସ୍ଥିତି ଅନୁଧ୍ୟାନ

**ବେତନଟୀ, ୧୮।୯ (ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ପାଟୋଳିପୁରା ଗ୍ରା:ପ ର ବନ୍ୟା ପରବର୍ତ୍ତୀ ସମୟରେ ବେଲାଣପୁରା ବନ୍ୟା ଆଶ୍ରୟ ସ୍ଥଳୀରେ ସାନ୍ଧ୍ୟ ୭.୩୦ ମିନିଟ ରେ ବନ୍ୟା ର କ୍ଷୟକ୍ଷତି ଉପରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଅନୁଧ୍ୟାନ କରିଥିଲେ , ଉପଜିଲ୍ଲାପାଳ - ଶରତ ଚନ୍ଦ୍ର ନାୟକ , ଗୋଷ୍ଠୀ ଉନ୍ନୟନ ଅଧିକାରୀ ବେତନଟୀ - ଗୋପୀନାଥ ଖାକା, ତହସିଲଦାର ବଡ଼ସାହି - ପତିତପାବନ ଦେବତା ଓ ଅତିରିକ୍ତ ତହସିଲଦାର ବନିତା ରାଣୀ କିସ୍କୁ ଉପସ୍ଥିତ ଥିଲେ ଓଡ୍ରାଫ ଟିମ ମଧ୍ୟ ଉପସ୍ଥିତ ଅଛନ୍ତି। ପାଟୋଳିପୁରା ଗ୍ରା:ପ ସରପଞ୍ଚ , ଫୋଡ୍ ଓ ବନ୍ୟା ଆଶ୍ରୟ ସ୍ଥଳୀର ସଭ୍ୟମାନେ ସହଯୋଗ କରିଥିବାରୁ ଉପଜିଲ୍ଲାପାଳ ଧନ୍ୟବାଦ୍ ଅର୍ପଣ କରିଥିଲେ। ଭବିଷ୍ୟତ ରେ ଆଗାମୀ ବନ୍ୟା ବାତ୍ୟା କୁ ଆଶଙ୍କା କରି ଜନ ସାଧାରଣଙ୍କୁ ସଚେତନ କରିବାପାଇଁ ପରାମର୍ଶ ଦେଇଥିଲେ ନାଖରା ପୋଲ ଉପରେ ବୈଶିଙ୍ଗା ପୋଲିସ ଉପସ୍ଥିତ ରହି ଲୋକ ମାନଙ୍କୁ ସଚେତନ କରାଇଥିଲେ । ବନ୍ୟା ଆଶ୍ରୟ ସ୍ଥଳୀର ମରାମତି ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଥିଲା ।



# ଜୟଦେବ ନ୍ୟୁଜ୍ ଆଣ୍ଡ ମିଡିଆ ଫାଉଣ୍ଡେସନ୍ ପକ୍ଷରୁ ବୃକ୍ଷ ରୋପଣ

**ବାଲିଅନ୍ତା, ୧୮।୯ (ସଂଚାର ବ୍ୟୁରୋ):** ଜୟଦେବ ନ୍ୟୁଜ୍ ଆଣ୍ଡ ମିଡିଆ ଫାଉଣ୍ଡେସନ୍ ପକ୍ଷରୁ ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ଉମାଦେଇ ବ୍ରହ୍ମପୁର ଗ୍ରାମପଞ୍ଚାୟତ ଅଧୀନସ୍ଥ ନାଗପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଜୟଦେବ ନ୍ୟୁଜ୍ ଆଣ୍ଡ ମିଡିଆ ଫାଉଣ୍ଡେସନ୍‌ର ଚେୟାରମ୍ୟାନ ଗଗନ ଭୋଇଙ୍କ ନେତୃତ୍ୱରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷାବିତ୍ ନାରାୟଣ ବେହେରା, ପ୍ରକୃତି ବନ୍ଧୁ ବିଜୟ କୁମାର ଭୋଇ, ବିଦ୍ୟାଳୟର ପ୍ରଧାନଶିକ୍ଷକ ବଂଶୀଧର ମଲ୍ଲିକ,ସମାଜସେବୀ ସୁକାନ୍ତ ଭୋଇ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରଯାଇଥିଲା।

# ‘ସ୍ୱଚ୍ଛତା ହିଁ ସେବା’ କାର୍ଯ୍ୟକ୍ରମରେ ସଫେଇ ଅଭିଯାନ

**ସୁନ୍ଦରଗଡ଼, ୧୮।୯ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ସ୍ୱଚ୍ଛ ଭାରତ ମିଶନକୁ ଦଶ ବର୍ଷ ପୂର୍ଣ୍ଣ ହୋଇଅଛି। ଏହାକୁ ପାଳନ କରିବା ଉଦ୍ଦେଶ୍ୟରେ ‘ସ୍ୱଚ୍ଛତା ହିଁ ସେବା’ ୨୦୨୪ କାର୍ଯ୍ୟକ୍ରମ ଆରମ୍ଭ ହୋଇଅଛି।

ଏହା ଚଳିତ ସେପ୍ଟେମ୍ବର ୧୭ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ସ୍ୱଚ୍ଛତା ହିଁ ସେବା ୨୦୨୪ର ଥିମ୍ ରହିଛି "ସ୍ୱଭାବ ସ୍ୱଚ୍ଛତା - ସଂସ୍କାର ସ୍ୱଚ୍ଛତା', ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବହୁ ସଂଖ୍ୟାରେ ନାଗରିକ ମାନଙ୍କ ଏହି ସ୍ୱଚ୍ଛତା ଅଭିଯାନରେ ଅଂଶଗ୍ରହଣ ଏବଂ ମେଗା ସଫେଇ ଅଭିଯାନ, ମଇଳା ତଥା ବହୁ ଦିନ ଧରି ସଫେଇ ହଉ ନଥିବା ସ୍ଥାନର ସଫେଇ, ସଫେଇ କର୍ମଚାରୀ ମାନଙ୍କ ଅବଦାନକୁ ଉତ୍ସାହିତ କରିବା, ଅଭିଯାନର ବିଗତ ବର୍ଷ ମାନଙ୍କର ସଫଳତାକୁ ପାଳନ କରିବା ଏବଂ ପରିମଳର ଭବିଷ୍ୟତ ଓ ସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନା ପ୍ରତି ଆମର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିବା । ଏହି ଅବସରରେ ମଙ୍ଗଳ ବାର ସୁନ୍ଦରଗଡ଼ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୧ ସ୍ଥିତ ଦୈନିକ ପରିବା ବଜାର ପରିସର ରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷା ତନୟା ମିଶ୍ର, ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ନାୟକ,



ସୁନ୍ଦରଗଡ଼ ପୌରାଞ୍ଚଳ ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, କାଉନସିଲରମାନେ , ପୌର ପରିଷଦର କର୍ମକର୍ତ୍ତା ଓ ପରିମଳ କର୍ମୀମାନେ ଉପସ୍ଥିତ ରହି ସଫେଇ ଅଭିଯାନରେ ସାମିଲ ହୋଇ ସଫେଇ କାର୍ଯ୍ୟ କରିଥିଲେ। ଏହି ଅବସରରେ ସମସ୍ତେ ସ୍ୱଚ୍ଛତା ଶପଥ ପାଠ ମଧ୍ୟ କରିଥିଲେ।

ପରେ ସ୍ଥାନୀୟ ସଂସ୍କୃତି ଭବନ ପରିସରରେରେ 'ମା କେ ନାମ ଏକ ପେଡ୍' କାର୍ଯ୍ୟକ୍ରମ ଅନ୍ତର୍ଗତ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୌର ପରିଷଦ ଅଧ୍ୟକ୍ଷା ତନୟା ମିଶ୍ର, ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡ଼ା ଏବଂ ସମସ୍ତ କାଉନସିଲରମାନେ ଉପସ୍ଥିତ ଥିଲେ।

# ଆଙ୍ଗେଲବିରାରେ ସ୍ୱଚ୍ଛତା ହିଁ ସେବା ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼, ୧୮।୯ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ହେମଗିରି ବ୍ଲକ ଆଙ୍ଗେଲବିରା ଠାରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ମାଧ୍ୟମରେ ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଏ ଏସ ସି ଓ ବ୍ରହ୍ମାନନ୍ଦ ଦଳେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ କଳସ ଯାତ୍ରା ଅନୁଷ୍ଠିତ କରି ଗ୍ରାମ ପରିକ୍ରମା କରିଥିଲେ ଓ ଗ୍ରାମବାସୀଙ୍କୁ ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲେ। ପରେ ଝୋଟି ପ୍ରତିଯୋଗିତା, ଖାଦ୍ୟସାମଗ୍ରୀ ପ୍ରତିଯୋଗିତା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।କୃତି ପ୍ରତିଯୋଗୀଙ୍କୁ ଉପସ୍ଥିତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଲଦୀମ ଦଂଶନା, ଲିଲେନ୍ଦ୍ର ଅମାତ, ସନତ ଚନ୍ଦ୍ର ଖମାରୀ, ସେବକ ରାମ ମାଝୀ, ଦୟାନିଧି କୌଡି ପ୍ରମୁଖ ଉପସ୍ଥିତ ରହି ଥିଲେ।



# ସୁରଟରେ ଗଣେଷ ପୂଜା ପାଳିଲେ ପ୍ରବାସୀ ଓଡ଼ିଆ

**କେନ୍ଦ୍ରାପଡ଼ା, ୧୮।୯ (ସଂଚାର ବ୍ୟୁରୋ):** ସିଦ୍ଧି ବିନାୟକଙ୍କ ପୂଜା ପାଇଁ ଚଳଚଞ୍ଚଳ ଏବଂ ଉତ୍ସବମୁଖର ହୋଇଯାଇଛି ଗୁଜରାଟର ସୁରଟ ସହର । ପାଣ୍ଡେସ୍ୱର୍ ସୁରଟ ଅଞ୍ଚଳରେ ଥିବା ଶାନ୍ତିନିକେତନ ସୋସାଇଟ ଏବଂ ଜଗନ୍ନାଥ ମିତଲ ଗଣେଷ ପୂଜା କମିଟି ପକ୍ଷରୁ ସେଠାରେ ବସବାସ କରୁଥିବା ଓଡ଼ିଆ ପ୍ରବାସୀମାନେ ବହୁ ଧୁମ୍‌ଧାମ୍‌ର ସହିତ ଗଜାନନଙ୍କ ପୂଜା ସମ୍ପନ୍ନ କରି ଶେଷରେ ଭଷାଣୀଉତ୍ସବର ଆୟୋଜନ କରିଥିଲେ । ପ୍ରଥମେ ଗଣେଷଙ୍କ ମୃଣ୍ମୟ ମୂର୍ତ୍ତି ସହ ପାର୍ଶ୍ୱ ଦେବଦେବୀଙ୍କର ପୂଜା କରାଯାଇଥିଲା । ସୁସଜ୍ଜିତ ତୋରଣ ସହ ରଙ୍ଗୀନ ଆଲୋକମାଳାରେ ମଣ୍ଡପକୁ ସଜାଯାଇଥିଲା । ପ୍ରତ୍ୟେକ ଦିନ ବୈଦିକ ରୀତି ନୀତି ନୀତି ଅନୁସାରେ ବ୍ରାହ୍ମଣ ବେଦପାଠ ମନ୍ତ୍ର ଉଚ୍ଚାରଣ କରି ପୂଜା କରିଥିଲେ । ଶନିବାର ଦିନ ଆରମ୍ଭ ହୋଇ ପୂଜା ଏଗାର ଦିନ ବ୍ୟାପି ରହିବା ପରେ ମଙ୍ଗଳବାର ଦିନ ଗଣେଷଙ୍କ ଭଷାଣୀ କାର୍ଯ୍ୟକ୍ରମ ଆୟୋଜନ କରି ସ୍ଥାନୀୟ ନଦୀରେ ବିସର୍ଜନ କରିଥିଲେ । ଏହି ପୂଜା ବହୁବର୍ଷ ଧରି କେନ୍ଦ୍ରାପଡ଼ା ଜିଲ୍ଲାର ବାସିନ୍ଦାଙ୍କ ସହ ଅନ୍ୟ ଜିଲ୍ଲାର ପ୍ରବାସୀ ଓଡିଆ ସନାତନ ସ୍ୱାଇଁ, ଶିବରାମ ସ୍ୱାଇଁ, ଶରତ ସ୍ୱାଇଁ, ସାରଦା ପ୍ରସାଦ ବେହେରା, ସାଗର ମହାନ୍ତି ପ୍ରମୁଖଙ୍କ ସହ ଶତାଧିକ ଓଡ଼ିଆ ପରିବାର ଏଥିରେ ସାମିଲ ହୋଇଥିଲେ।

## ମ୍ୟାନେଜମେଣ୍ଟ,ହୋଟେଲ୍ ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀଙ୍କ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ




ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ଓ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍‌ଏଚ୍‌ଏମ୍)ରେ ପାଠ୍ୟକ୍ରମ ସମାପ୍ତ କରିଥିବା ଛାତ୍ରଛାତ୍ରୀମାନଙ୍କୁ ବୁଧବାର ଉପାଧି ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟର ଅଧ୍ୟୟନ ସମାପ୍ତ କରିଥିବା ୨୦୨୧-୨୪ ବ୍ୟାଚର ବ୍ୟାଚଲର ଅଫ୍ ବିଜିନେସ୍ ଆଡମିନିଷ୍ଟ୍ରେସନ୍ (ବିବିଏ), ୨୦୨୨-୨୪ ବ୍ୟାଚର ଏମ୍‌ବିଏ ଇନ୍ ହସ୍ପିଟାଲିଟି ମ୍ୟାନେଜମେଣ୍ଟ ଓ ୨୦୨୨-୨୪ ବ୍ୟାଚର ମାଷ୍ଟର ଅଫ୍ ବିଜନେସ୍ ଆଡମିନିଷ୍ଟ୍ରେସନ୍ (ଏମ୍‌ବିଏ) ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ଆୟୋଜିତ ଏହି ସ୍ୱତନ୍ତ୍ର ଗ୍ରାଜୁଏସନ୍ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଛାତ୍ରଛାତ୍ରୀମାନଙ୍କୁ ଉପାଧି ପ୍ରଦାନ କରିଥିଲେ।

# କଳାହାଣ୍ଡିର ମୌଳିକ ବିକାଶ ମୋର ପ୍ରାଥମିକତା

ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): ରାଜ୍ୟରେ ବିଜେପିର ସାଂଗଠନିକ ସ୍ଥିତି ବଢ଼ିଚାଲିଛି। ଗତ ନିର୍ବାଚନରେ ୨୧ ରୁ ୨୦ ସାଂସଦ ଏବଂ ୭୮ ବିଧାୟକ ନିର୍ବାଚିତ ହୋଇଛନ୍ତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ଲଗାତର ତୃତୀୟ ଥର ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ପ୍ରଥମ ଥର ପାଇଁ ଏକାକୀ ସରକାର ଗଠନ କରିଛି ବିଜେପିର ଆଦର୍ଶ ଏବଂ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ବିଜେଡି ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଥିବା ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀ ସୁଜିତ୍ କୁମାର ଆଜି ଭୁବନେଶ୍ୱରରେ ପହଞ୍ଚିଥିଲେ। ଏହା ପରେ ତାଙ୍କୁ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟ ପାଲ ସିଂହ ତୋମାର, ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହନ୍ତ, ବିଧାୟକ ବାବୁ ସିଂହ, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ, ଡ.ଯତୀନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇବା ସହିତ ସୁଜିତ କୁମାରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଶ୍ରୀ ସୁଜିତ୍ କୁମାର ବିଜେପିରେ ସାମିଲ ହେବା ଅତ୍ୟନ୍ତ ଆନନ୍ଦର ବିଷୟ। ରାଜ୍ୟସଭାରେ ଓଡ଼ିଶାର ପ୍ରତିନିଧିତ୍ୱ କରୁଥିବା ସେ ଜଣେ ଅତ୍ୟନ୍ତ ପ୍ରତିଭାବାନ, ଦକ୍ଷ, ବିଦ୍ୱାନ, ଗୁଣୀ ଓ କର୍ମଠ ବ୍ୟକ୍ତି। ଅତି କମ୍ ବୟସରେ ସେ ସମାଜ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ରାଜନୀତିରେ ବିରୋଧି ଦଳରେ ଥାଇ ମଧ୍ୟ ମୋଦିଜୀଙ୍କ ନେତୃତ୍ୱରେ ଓଡ଼ିଶାର ଯେଉଁଭଳି ଭାବେ ବିକାଶ ହୋଇଛି, ତାହାକୁ ଶ୍ରୀ ସୁଜିତ୍ କୁମାର ଅନେକ ଥର ପ୍ରଶଂସା କରିଛନ୍ତି। କେବିକେ ତଥା କଳାହାଣ୍ଡିର ମୌଳିକ ବିକାଶ ଯଥା କୃଷି, ଶିକ୍ଷା, ନିଯୁକ୍ତି ତଥା ପଛୁଆ ବର୍ଗ ଲୋକଙ୍କ ବିକାଶ ପାଇଁ ସେ ସବୁଦିନ ପ୍ରୟାସରତ ଥିଲେ। ଅଶ୍ରୁ ୧ରେ ପୂର୍ବତନ ବିଜେଡି ନେତ୍ରୀ ତଥା ସାଂସଦ ଶ୍ରୀମତୀ ମମତା ମହନ୍ତ ବିଜେଡି ଏବଂ ରାଜ୍ୟସଭା ସାଂସଦ ପଦ ଛାଡ଼ି ବିଜେପିରେ ଯୋଗ ଦେଇଥିବାବେଳେ ଏବେ ଶ୍ରୀ ସୁଜିତ୍ କୁମାରଙ୍କ ଯୋଗଦାନ ଦଳକୁ ଅଧିକ ମଜଭୁତ କରିବ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି।



## ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ପାଇଁ ମାର୍ଗପ୍ରଶସ୍ତ

ନୂଆଦିଲ୍ଲୀ,୧୮।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଆନିମେସନ୍, ଭିଜୁଆଲ ଇଫେକ୍ଟସ, ଗେମିଂ, କମିକ୍ସ ଆଣ୍ଡ ଏକ୍ସଟେଣ୍ଡେଡ୍ ରିଆଲିଟି (ଏଭିଜିସି-ଏକ୍ସଆର) ପାଇଁ ଜାତୀୟ ଉତ୍କର୍ଷ କେନ୍ଦ୍ର (ଏନସିଓଇ) ପ୍ରତିଷ୍ଠା କୁ ମଞ୍ଜୁର କରାଯାଇଛି। କମ୍ପାନୀ ଆଇନ ୨୦୧୩ର ଧାରା ୮ ଅଧୀନରେ ଏହି କେନ୍ଦ୍ର ପ୍ରତିଷ୍ଠା କରାଯିବାକୁ ଥିବା ବେଳେ ଭାରତ ସରକାରଙ୍କ ସହିତ ଶିଳ୍ପ ସଂସ୍ଥାଗୁଡ଼ିକର ପ୍ରତିନିଧି ଭାବେ ଭାରତୀୟ ବାଣିଜ୍ୟ ଓ ଶିଳ୍ପ ମହାସଂଘ ଏବଂ କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରୀ ଏଥିରେ ସହଭାଗୀ ରହିବେ। ଏନସିଓଇ ମହାରାଷ୍ଟ୍ରର ମୁମ୍ବାଇଠାରେ ପ୍ରତିଷ୍ଠା କରାଯିବ। ଦେଶରେ ଏକ ଏଭିଜିସି ଟାସ୍କ ଫୋର୍ସ ଗଠନ ପାଇଁ ୨୦୨୨-୨୩ ବର୍ଷ ପାଇଁ କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀଙ୍କ ବଜେଟ୍ ଘୋଷଣା ଅନୁଯାୟୀ ଏହା କରାଯାଇଛି।

ଏଭିଜିସି-ଏକ୍ସଆର କ୍ଷେତ୍ର ଆଜି ଚଳଚ୍ଚିତ୍ର ନିର୍ମାଣ, ଓଭର ଦ ଟପ୍ (ଓଟିଟି) ପ୍ଲାଟଫର୍ମ, ଗେମିଂ, ବିଜ୍ଞାପନ ଏବଂ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଅନ୍ୟାନ୍ୟ ସାମାଜିକ କ୍ଷେତ୍ର ସମେତ ଗଣମାଧ୍ୟମ ଓ ମନୋରଞ୍ଜନର ସମଗ୍ର କ୍ଷେତ୍ରରେ ଏକ ଅପରିହାର୍ଯ୍ୟ ଭୂମିକା ଗ୍ରହଣ କରୁଛି ଯେଉଁଥିରେ ଦେଶର ଅଭିବୃଦ୍ଧି କାହାଣୀର ସାମଗ୍ରିକ ଢାଞ୍ଚା ଏଥିରେ ସାମିଲ ରହିଛି।

ଦ୍ରୁତ ବିକଶିତ ଜ୍ଞାନକୌଶଳ ଓ ସମଗ୍ର ଦେଶରେ ଇଣ୍ଟରନେଟ୍ ବ୍ୟବହାର ବୃଦ୍ଧି ଏବଂ ସବୁଠାରୁ ଶସ୍ତା ଡାଟା ହାର ସହିତ ବିଶ୍ୱସ୍ତରରେ ଏଭିଜିସି-ଏକ୍ସଆରର ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ସହ ଯାଉଛି।

## ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ସୋଆର ୩୨



ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): ପ୍ରସିଦ୍ଧ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ୩୨ ଜଣ ବିଶିଷ୍ଟ ଗବେଷକ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛନ୍ତି। ୨୦୨୪ ନିମନ୍ତେ ଆମେରିକାର ଏହି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଷୟବସ୍ତୁ ଆଧାରକୁ ନେଇ ପ୍ରକାଶିତ ୨ ପ୍ରତିଶତ ବୈଜ୍ଞାନିକମାନଙ୍କ ତାଲିକାରେ ସୋଆର ଏହି ଗବେଷକମାନେ ସାମିଲ ହୋଇଛନ୍ତି। ୨୦୨୩ରେ ଷ୍ଟାନ୍‌ଫୋର୍ଡ ଦ୍ୱାରା ପ୍ରସ୍ତୁତ ଏହି ସମ୍ମାନଜନକ ତାଲିକାରେ ସୋଆର ୨୨ ଜଣ ଗବେଷକ ସ୍ଥାନ ପାଇଥିବାବେଳେ ୨୦୨୪ ନିମନ୍ତେ ପ୍ରକାଶ ପାଇଥିବା ତାଲିକାରେ ସେମାନଙ୍କ ମଧ୍ୟରୁ ୨୦ ଜଣ ସ୍ଥାନ ପାଇଛନ୍ତି। ଷ୍ଟାନ୍‌ଫୋର୍ଡ ଦ୍ୱାରା ପ୍ରକାଶିତ ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକ ତାଲିକା ଏକ ଗୁରୁତ୍ୱପୂର୍ଣ୍ଣ ର୍‌ୟାଙ୍କିଙ୍ଗ ଯାହାକି ଗବେଷଣା କ୍ଷେତ୍ରରେ ଉଚ୍ଚମାନର କାର୍ଯ୍ୟ କରୁଥିବା ଗବେଷକମାନଙ୍କୁ ସ୍ଥାନିତ କରିଥାଏ। ଏହି ତାଲିକାରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ର ୧୪ ଜଣ ଗବେଷକ ସ୍ଥାନ ପାଇଥିବା ବେଳେ ସୋଆ ପକ୍ଷରୁ ସ୍ଥାପିତ ହୋଇଥିବା ୧୯ଟି ଗବେଷଣା କେନ୍ଦ୍ର ମଧ୍ୟରୁ ୬ଟି ଗବେଷଣା କେନ୍ଦ୍ରର ୧୧ ଜଣ ଗବେଷକ ସ୍ଥାନ ପାଇଛନ୍ତି। ସୋଆ ଅଧିନସ୍ଥ ମଲ୍ଟିଡିସିପ୍ଲିନାରୀ ରିସର୍ଚ୍ଚ ସେଲ୍‌ଙ୍କର ନିର୍ଦ୍ଦେଶକ ପ୍ରଫେସର ପ୍ରଦୀପ୍ତ କୁମାର ଦାଶ ଏବଂ ବିଶିଷ୍ଟ ନ୍ୟୁରୋସର୍ଜନ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ରଙ୍କ ମଧ୍ୟ ଏହି ସମ୍ମାନଜନକ ତାଲିକାରେ ସାମିଲ ହୋଇଛନ୍ତି।

# ଓଡ଼ିଶାବାସୀଙ୍କ ବିଶ୍ୱାସକୁ ନେଇ ବିଜେପି ସରକାର କାମ କରିବ




ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): ଦୀର୍ଘ ୬୦ ବର୍ଷ ପରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ମାତ୍ର ନେତା ଯିଏକି ଲଗାତାର ତୃତୀୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏକ ଅକିଞ୍ଚନ ଓ କ୍ଷୁଦ୍ର ଗ୍ରାମରେ ଜନ୍ମ ନେଇ ବିଶ୍ୱର ସବୁଠୁ ବଡ ଗଣତାନ୍ତ୍ରୀକ ରାଷ୍ଟ୍ର ଭାରତବର୍ଷର ନେତୃତ୍ୱ ନେଉଥିବା ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଗରିବ କଲ୍ୟାଣ ଓ ବିକାଶ କାର୍ଯ୍ୟ ପାଇଁ ଦେଶର ରାଜନୀତିରେ ସ୍ଥିରତାର ବାତାବରଣ ସମ୍ଭବ ହୋଇଛି। ଗତ ୧୦ ବର୍ଷରେ ବିଶ୍ୱର ୧୦ଟି ରାଷ୍ଟ୍ର ମୋଦିଜୀଙ୍କୁ ସେମାନଙ୍କ "ରାଷ୍ଟ୍ରର ସର୍ବୋଚ୍ଚ ସମ୍ମାନ" ପୁରସ୍କାର ପ୍ରଦାନ କରିଛନ୍ତି। ଯାହା ଭାରତବାସୀଙ୍କୁ ଗୌରାବାନ୍ୱିତ କରିଛି। ମୋଦିଜୀ ଆମ ଦେଶର ପୁରୁଣା ଶିକ୍ଷା ପ୍ରଣାଳିକୁ ସମାହିତ କରି ନୂତନ ଶିକ୍ଷାନୀତି ପ୍ରଣୟନ କରିଛନ୍ତି। "ମେକ୍ ଇନ୍ ଇଣ୍ଡିଆ" ସ୍ଥାପନା କରି ଉତ୍ପାଦନ କ୍ଷେତ୍ରରେ ଆମର ସଫଳତାକୁ ଦ୍ୱିଗୁଣିତ କରିଛନ୍ତି। ଡିଜିଟାଲ ଇଣ୍ଡିଆରେ ଆମ ସଫଳତାକୁ ଦେଖି ବିଶ୍ୱର ଅନ୍ୟାନ୍ୟ ଦେଶଗୁଡିକ ଏହାକୁ ଲାଗୁ କରିବା ପାଇଁ ଚାହୁଁଛନ୍ତି। ସେହିପରି ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ୧୩ଟି ମାପଦଣ୍ଡରେ ଆମେ ଅନ୍ୟ ଦେଶ ତୁଳନାରେ ଆଗରେ ଅଛୁ। ଅନ୍ତରୀକ୍ଷ କ୍ଷେତ୍ରରେ ଭାରତର ଭବିଷ୍ୟତ ଉଜ୍ଜ୍ୱଳ ଅଟେ। ବିଦେଶ ନୀତିରେ ଭାରତ ବର୍ଷର ସଫଳତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଓ ଚକିତ କରିଛି। ଅନ୍ୟ ପଟେ ଆସନ୍ତା କାଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ୧୦୦ ଦିନ ପୂର୍ତ୍ତି କରିବ। ନିର୍ବାଚନ ପୂର୍ବରୁ ଜନତାଙ୍କୁ ଦିଆଯାଇଥିବା ସଂକଳ୍ପକୁ ବାସ୍ତବ ରୂପ ଦେବା କାର୍ଯ୍ୟ ଆରମ୍ଭ ହୋଇସାରିଛି। ଓଡ଼ିଶାବାସୀଙ୍କ ବିଶ୍ୱାସକୁ ନେଇ ବିଜେପି ସରକାର କାମ କରିବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

# ପ୍ରଧାନମନ୍ତ୍ରୀ ବିକଶିତ ଭାରତର ପରିକଳ୍ପନା ଅନୁରୂପ ମାର୍ଗ ସୃଷ୍ଟି କରୁଛନ୍ତି



ନୂଆଦିଲ୍ଲୀ,୧୮।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତୃତୀୟ ପାଳିର ୧୦୦ ଦିନର ସଫଳତା ସମ୍ପର୍କରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ ଆଜି ଝାଡ଼ଖଣ୍ଡର ରାଞ୍ଚିଠାରେ ଗଣମାଧ୍ୟମକୁ ସମ୍ବୋଧିତ କରିଛନ୍ତି। ମହିଳାଙ୍କ ନେତୃତ୍ୱାଧୀନ ବିକାଶ ଉପରେ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ପାଇଁ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ (ଏମଡବ୍ଲୁସିଡି) ୨୦୨୪ ଜୁନରୁ ଅଗଷ୍ଟ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ରଣନୈତିକ ପଦକ୍ଷେପ ଏବଂ ଅଭିନବ କାର୍ଯ୍ୟକ୍ରମ ମାଧ୍ୟମରେ ମନ୍ତ୍ରଣାଳୟ ମହିଳା ସଶକ୍ତୀକରଣ, ଶିଶୁ କଲ୍ୟାଣ ସୁନିଶ୍ଚିତ କରିବା ଏବଂ ସମସ୍ତଙ୍କ ପାଇଁ ସୁଯୋଗ ବୃଦ୍ଧି ପାଇଁ ଢାଞ୍ଚାକୁ ସୁଦୃଢ଼ କରିବା ଜାରି ରଖିଛି। ସବୁଠାରୁ ଉଲ୍ଲେଖନୀୟ ସଫଳତା ହେଉଛି ୨୯ ଅଗଷ୍ଟ ୨୦୨୪ରେ ସି-ବକ୍ସ ଶୁଭାରମ୍ଭ ହେବା, ଯାହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ଆଇଟି ପ୍ଲାଟଫର୍ମ କର୍ମକ୍ଷେତ୍ରରେ ଯୌନ ନିର୍ଯ୍ୟାତନା ଅଭିଯୋଗର ସମାଧାନ ପ୍ରକ୍ରିୟାକୁ ସରଳ କରିଥାଏ, ଯାହା ଦ୍ୱାରା ମହିଳାମାନେ ଅଭିଯୋଗ ଦାଖଲ କରିପାରିବେ ଏବଂ ଟ୍ରାକ୍ କରିପାରିବେ। ସମଗ୍ର ଦେଶରେ ସୁରକ୍ଷିତ କାର୍ଯ୍ୟ ପରିବେଶକୁ ପ୍ରୋତ୍ସାହିତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ଶିକ୍ଷାର ଲକ୍ଷ୍ୟକୁ ଆଗକୁ ବଢ଼ାଇ ମନ୍ତ୍ରଣାଳୟ ୨୦୨୯ ସୁଦ୍ଧା ସମଗ୍ର ଭାରତରେ ଅଙ୍ଗନୱାଡି-କମ୍-କ୍ରେଚ୍ କେନ୍ଦ୍ର ପ୍ରତିଷ୍ଠା ଦିଗରେ କାର୍ଯ୍ୟ କରୁଛି, ଯାହା ଲକ୍ଷ ଲକ୍ଷ ପରିବାରକୁ ଉପକୃତ କରିବ। ଏହି କେନ୍ଦ୍ରଗୁଡିକ ସାମଗ୍ରିକ ଶିଶୁ ଯତ୍ନ ଏବଂ ଶିକ୍ଷା ସେବା ପ୍ରଦାନ କରିବ, ଶିଶୁ ବିକାଶର ମୂଳ ସ୍ତମ୍ଭ ଗୁଡ଼ିକୁ ଯଥେଷ୍ଟ ସୁଦୃଢ଼ କରିବ ଏବଂ ମହିଳାଙ୍କ ଶ୍ରମଶକ୍ତି ଅଂଶଗ୍ରହଣ ବୃଦ୍ଧି କରିବ।

## ଟ୍ୱିନ୍ ସିଟି କ୍ରାଇମ୍

## ଲୁଟେରା ଗିରଫ ; ୩ ବାଇକ୍ ଜବତ

ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): ଘରର ଗ୍ୟାରେଜରୁ ବାଇକ ଚୋରି କରି ଫେରାର ହୋଇଯାଉଥିବା ଲୁଟେରା ଗିରଫ। ଗିରଫ ଅଭିଯୁକ୍ତ ଠାରୁ ୩ଟି ଚୋରା ବାଇକ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲା, ଜଗତସିଂହପୁର ଜିଲ୍ଲାର ସୌରଭ୍ ଦାସ। ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଯୋଗ୍ୟଯେ, ଅଭିଯୋଗକାରୀ ପ୍ରିୟ ପ୍ରସାଦ ଦାସ ଭରତପୁର ଥାନା ଅନ୍ତର୍ଗତ ଜିଏ କଲୋନୀରେ ଥିବା ଏକ ଭଡା ଘରେ ରୁହନ୍ତି। ଘଟଣା ଦିନ ସେ ନିଜ ବାଇକକୁ ଘର ସମ୍ମୁଖରେ ତାଲା ପକାଇ ରଖିଥିଲେ। ବିଳମ୍ବିତ ରାତିରେ ଅଭିଯୁକ୍ତ ଜଣକ ଅନ୍ଧାରର ସୁଯୋଗ ନେଇ ନକଲି ଚାବି ଦ୍ୱାରା କୌଶଳ କ୍ରମେ ଅଭିଯୋଗକାରୀଙ୍କ ବାଇକକୁ ସେଠାରୁ ଚୋରିକରି ନେଇଯାଇଥିଲା। ଏନେଇ ଆଖପାଖ ଅଞ୍ଚଳରେ ବହୁ ଖୋଜାଖୋଜି ପରେ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଗତକାଲି ରାତିରେ ଅଭିଯୁକ୍ତକୁ ବରମୁଣ୍ଡା ଅଞ୍ଚଳରୁ ଗିରଫ କରାଯାଇଛି। ପରେ ତାଠାରୁ ୩ଟି ଚୋରା ବାଇକ ଜବତ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି।

## କୁକର୍ମ ଅଭିଯୁକ୍ତକୁ ୭ବର୍ଷ ଜେଲ ଦଣ୍ଡ

ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): ଭୁବନେଶ୍ୱର ଅତିରିକ୍ତ ଜିଲ୍ଲା ଜଜ-୪ର ବିଚାରପତି ପ୍ରଦୀପ କୁମାର ବେହେରା, ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ହୋଇଥିବା ଏକ କୁକର୍ମ ମାମଲାର ଅଭିଯୁକ୍ତ ଏ. କାଳିଆକୁ ୭ ବର୍ଷ ଜେଲ ଦଣ୍ଡ। ସୂଚନା ଯୋଗ୍ୟଯେ, ଉଭୟ ଅଭିଯୁକ୍ତ ଓ ପୀଡ଼ିତାଙ୍କ ପରିବାର ସରକାରୀ ପଲିଟେକନିକ କଲେଜ ପରିସର ମଧ୍ୟରେ କ୍ୱାର୍ଟର ପାଇ ରହୁଥିଲେ। ଗତ ୨୦୨୧ ମସିହା ଫେବୃୟାରୀ ୨୨ ତାରିଖ ସକାଳେ ପୀଡ଼ିତାଙ୍କ ପରିବାର ସଦସ୍ୟ ଘରେ ଅନୁପସ୍ଥିତ ଥିବାର ସୁଯୋଗ ନେଇ ଅଭିଯୁକ୍ତ ଏ. କାଳିଆ ସମ୍ପୃକ୍ତ ଆଦିବାସୀ ପୀଡ଼ିତା ମହିଳାଙ୍କୁ ତାଙ୍କ ଇଚ୍ଛା ବିରୁଦ୍ଧରେ ଜୋରଜବରଜସ୍ତ କୁକର୍ମ କରିଥିଲା ଏବଂ ଘଟଣା ସମ୍ପର୍କରେ ବାହାରେ ପ୍ରକାଶ କଲେ ସେ ତାଙ୍କୁ ଜୀବନରୁ ମାରିଦେବ ବୋଲି ମଧ୍ୟ ଧମକ ଦେଇଥିଲା। ପୀଡ଼ିତା ଜଣକ ଅଭିଯୁକ୍ତର କଥାରେ ଭୟଭୀତ ନହୋଇ ଘଟଣା ସମ୍ପର୍କରେ ପ୍ରଥମେ ନିଜ ମାଆଙ୍କୁ ଜଣାଇଥିଲେ। ଝିଅ ନିକଟରୁ ଘଟଣା ସମ୍ପର୍କରେ ଶୁଣିବା ପରେ ଅଭିଯୋଗକାରିଣୀ ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକାରିଣୀଙ୍କ ଅଭିଯୋଗକୁ ଆଧାରରେ ଚନ୍ଦ୍ରଶେଖରପୁର ଥାନା କେସ ନମ୍ବର-୧୧୮/୨୦୨୧, ଦଫା ୩୭୬(୨) (ଏନ)/୫୦୬ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ, ଏହି ମାମଲାର ତଦନ୍ତ ଦାୟିତ୍ୱ ସମ୍ପୃକ୍ତ ଥାନାର ଏସଆଇ ବିଜୟନୀ ବାଗଙ୍କୁ ହସ୍ତାନ୍ତର କରାଯାଇଥିଲା। ପରେ ଶ୍ରୀମତୀ ବାଗ ଏହି ମାମଲାକୁ ବିଭିନ୍ନ ଦିଗରୁ ସଠିକ ଭାବେ ତଦନ୍ତ କରିବା ସହ ଅଭିଯୁକ୍ତକୁ ଗିରଫ କରିଥିଲେ। ପରେ ତାକୁ କୋର୍ଟ ଚାଲାଣ କରାଯିବା ସହ ନିର୍ଦ୍ଧାରିତ ସମୟ ପୂର୍ବରୁ ଅଭିଯୁକ୍ତ ବିରୋଧରେ ଅଦାଲତରେ ଚାର୍ଜସିଟ୍ ଦାଖଲ କରିଥିଲେ। ଉପରୋକ୍ତ ମାମଲାର ବିଚାର କରି ÷ଦାଲତ ୧୦ ଜଣ ସାକ୍ଷୀ ଓ ୧୮ ଗୋଟି ପ୍ରଯୁର୍ଯ୍ୟ ଦସ୍ତାବିଜ ଗୁଡ଼ିକୁ ଆଧାର କରି ଅଭିଯୁକ୍ତ ଏ. କାଳିଆକୁ ଦଫା- ୩୭୬(୧) ଆଧାରରେ ୭ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜୋରିମାନା ଆଦେଶ ଶୁଣାଇଛନ୍ତି। ଜୋରିମାନା ଅନାଦେୟ କ୍ଷେତ୍ରରେ ୧ ବର୍ଷ ଅଧିକ କାରାଦଣ୍ଡ ନିମନ୍ତେ ଅଦାଲତ ଆଦେଶ ଦେଇଥିବା ବେଳେ, ପୀଡ଼ିତାଙ୍କୁ ଆର୍ଥିକ ସାହାର୍ଯ୍ୟ କରିବା ନିମନ୍ତେ ଭୁବନେଶ୍ୱର ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ଡ. ସୁରେଶ କୁମାର ବାରିକ ପରିଚାଳନା କରିଥିଲେ।

## ଛାତ୍ର ମୃତ୍ୟୁ ଘଟଣା ତଦନ୍ତ ପାଇଁ ମୋହନଙ୍କୁ ହେମନ୍ତଙ୍କ ଅନୁରୋଧ

ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): ଗତ ୧୦ ତାରିଖରେ ଜାଗମରା ସ୍ଥିତ ଘରୋଇ କଲେଜରେ ନାଁ ଲେଖାଇଥିଲେ ଝାଡଖଣ୍ଡର ଛାତ୍ର। ନାମଲେଖାର ମାତ୍ର ୩ ଦିନ ପରେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପଢୁଥିବା ଝାଡ଼ଖଣ୍ଡ ଛାତ୍ରଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ଏହି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ। ସୋଶାଲ ମିଡିଆ 'ଏକ୍ସ'ରେ ଏନେଇ ଟ୍ୱିଟ୍ କରି ସେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ହେମନ୍ତ ସୋରେନ ଟ୍ୱିଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, ରାଞ୍ଚିର ଅଭିଷେକ ରବି ଓଡ଼ିଶାର ଭୁବନେଶ୍ୱର ସ୍ଥିତ ଆଇଟିଆର କଲେଜରେ ପଢୁଥିଲେ। ତାଙ୍କର ସନ୍ଦେହ ଜନକ ମୃତ୍ୟୁ ଘଟିଛି। ଓଡ଼ିଶା ମୁଖ୍ୟମନ୍ତ୍ରୀ ଏହି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଭଗବାନ ଅଭିଷେକଙ୍କ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ। କଲେଜ କର୍ତ୍ତୃପକ୍ଷ ଆହୁରି କହିଛନ୍ତି ଯେ, ପରିବାର ଲୋକଙ୍କ ଉପସ୍ଥିତିରେ ଛାତ୍ରଙ୍କର ଶବ ବ୍ୟବଚ୍ଛେଦ କରାଯାଇଥିଲା।

# ଧାନ ସଂଗ୍ରହ ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା



ଭୁବନେଶ୍ୱର, ୧୭।୯ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଖରିଫ୍ ଧାନ ସଂଗ୍ରହ ଓ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୩୧୦୦ ଟଙ୍କା ଲାଗୁ ନେଇ ସମୀକ୍ଷା କରିଛନ୍ତି । କୃଷକମାନଙ୍କ ହିତକୁ ଦୃଷ୍ଟିରେ ରଖି ଧାନର ବର୍ଦ୍ଧିତ ସର୍ବନିମ୍ନ ସହାୟକ ମୂଲ୍ୟ ଲାଗୁ ଓ ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟାର ସରଳୀକରଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଚଳିତ ବର୍ଷ ଏକ କୋଟି ମେଟ୍ରିକ ଟନ୍ ଧାନ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି । ଏହାକୁ ଦୃଷ୍ଟିରେ ରଖି ଚାଷୀଙ୍କ ସୁବିଧା ପାଇଁ ମଣ୍ଡିରେ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ । ସଂଗୃହିତ ଧାନକୁ ସୁରକ୍ଷିତ ରଖିବା ନିମନ୍ତେ ପର୍ଯ୍ୟାପ୍ତ ଗୋଦାମ ଗୃହ ନିର୍ମାଣ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । କୃଷକ ମାନଙ୍କ ସର୍ବାଧିକ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସୂଚନାଯୋଗ୍ୟ ଯେ ସଂପ୍ରତି ରାଜ୍ୟରେ ୬୮ ଲକ୍ଷ ମେଟ୍ରିକ ଟନ୍ ଧାନ ଉତ୍ପାଦନ ହେଉଛି । ଧାନ ମଣ୍ଡିକୁ ଯିବାର ୨୪ରୁ ୪୮ ଘଣ୍ଟା ମଧ୍ୟରେ ଏହାର ମୂଲ୍ୟ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପଠାଯାଉଛି । ଏହି ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ମଣ୍ଡିରେ ଧାନ ସଂଗ୍ରହରେ ବାୟୋମେଟ୍ରିକ୍ ପଦ୍ଧତି ଓ ଆଧାର ସଂଯୋଗୀକରଣ ବ୍ୟବସ୍ଥା ହୋଇଛି । ଇ-ବାହନ ଆପ୍ ଯୋଗେ ଧାନସଂଗ୍ରହ କରୁଥିବା ଗାଡ଼ିର ଜିପିଏସ୍ ସହାୟତାରେ ଟ୍ରାକିଂ କରାଯିବ । ଏହା ଦ୍ୱାରା ମଧ୍ୟସ୍ଥି ଓ ଦଲାଲଙ୍କ ଦୌରାତ୍ମ୍ୟ କମିବ । ଧାନସଂଗ୍ରହ ସମୟରେ ଧାନର ଗୁଣବତ୍ତା ଯାଞ୍ଚ କରିବା ପାଇଁ 'ଅଟୋମେଟିକ୍ ଗ୍ରେନ୍ ଆନାଲାଇଜର'ର ବ୍ୟବସ୍ଥା ରହିବ । ଏହାର ପ୍ରକ୍ରିୟାକରଣ ସମୟରେ କୃଷି ଓ କୃଷକ ସଶକ୍ତିକରଣ, ଖାଦ୍ୟଯୋଗାଣ, ପଞ୍ଚାୟତିରାଜ, ରାଜସ୍ୱ ଆଦି ବିଭାଗର ଅଧିକାରୀମାନେ ଜିଲ୍ଲାମାନଙ୍କୁ ଯାଇ କ୍ଷେତ୍ର ସ୍ତରରେ ପ୍ରତ୍ୟକ୍ଷ ଯାଞ୍ଚ କରିବେ ଏବଂ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ । ପିପିପି ମୋଡ୍‌ରେ ଗୋଦାମ ଗୃହ ନିର୍ମାଣ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା ।

## ପତିତପାବନଙ୍କୁ ଦର୍ଶନ କଲେ ଶଙ୍କରାଚାର୍ଯ୍ୟ



ପୁରୀ ୧୮।୯ (ସଂଚାର ବ୍ୟୁରୋ): ଶ୍ରୀମନ୍ଦିର ନିକଟରେ ପହଞ୍ଚି ପତିତପାବନଙ୍କୁ ଦର୍ଶନ କରିଥିଲେ ଜଗତଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ପୂଜ୍ୟପାଦ ପୁରୀ ଗୋବର୍ଦ୍ଧନ ପୀଠାଧିଶ୍ୱର ଶ୍ରୀମଦ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଜୀ ମହାରାଜ ପ୍ରତ୍ୟେକ ବର୍ଷ ପରି ଏବର୍ଷ ଚାତୁଃମାସ ବ୍ରତ ବ୍ଯାସ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ଆଜି ସମାପନ ପୂର୍ବକ ଗୋବର୍ଦ୍ଧନ ପୀଠରୁ ବାହାରି ଶ୍ରୀମନ୍ଦିର ସିଂହଦ୍ୱାର ନିକଟରୁ ପତିତପାବନଙ୍କୁ କଲେ ଦର୍ଶନ। ଚର୍ତୁମାସ ବ୍ରତ ସମାପନ ପରେ ଆଜିପତିତପାବନଙ୍କ ଦର୍ଶନ କରିଛନ୍ତି ଶଙ୍କରାଚାର୍ଯ୍ୟ। ଏହା ପରେ ଗୋଶାଳା, ମା ବାଟମଙ୍ଗଳା ଓ ସମୁଦ୍ର ଆଳତୀ କରି ଗୋବର୍ଦ୍ଧନ ପୀଠକୁ ପ୍ରତ୍ୟାବର୍ତ୍ତନ କରିବେ ଶଙ୍କରାଚାର୍ଯ୍ୟ।

## ଦୁଇ ଗିରଫ ୧୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ

ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): ଆଇଆରସି ଭିଲେଜ ନିକଟ ଏକ ସରକାରୀ ସ୍କୁଲ ନିକଟରେ ଧଳାଜହର ବିକ୍ରି ବେଳେ ଦୁଇ ବେପାରୀଙ୍କୁ ମାଡି ବସିଲା ନୟାପଲ୍ଲୀ ଥାନା ପୁଲିସ। ସେମାନଙ୍କ ତଲାସି ବେଳେ ସେମାନଙ୍କ ଠାରୁ ୧୦ ଗ୍ରାମ ବ୍ରାଉନସୁଗାର ଓ ୭ ଶହ ଟଙ୍କା ଜବତ କରାଯାଇଛି। ପରେ ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ଗିରଫ ୨ ଅଭିଯୁକ୍ତ ହେଲେ, ନୟାପଲ୍ଲୀ ଗଡ଼ ସାହିର ସୁକାନ୍ତ ପଲେଇ ଓ ଭରତପୁର ତାରିଣୀ ବସ୍ତିର ଲିଙ୍ଗରାଜ ଘୁଟୁଲା। ଥାନାର ଏକ ସ୍ୱତନ୍ତ୍ର ଟିମ ଆଇଆରସି ଭିଲେଜ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ଅତର୍କିତ ଚଢ଼ାଉ କରି ୨ ଜଣ ଧଳାଜହର ବେପାରୀଙ୍କୁ କାବୁ କରିଥିଲେ।

## ବହୁମୁଖ୍ୟ ପ୍ରତିଭାର ଅଧିକାରୀ ଥିଲେ ଅକ୍ଷୟ କୁମାର ବରାଳ



ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): ୪ବିଶିଷ୍ଟ କୃଷି ବିତ, ସମାଜସେବୀ ତଥା ପରୋପକାରୀ ସ୍ୱର୍ଗତ ଅକ୍ଷୟ କୁମାରବରାଳଙ୍କ ପ୍ରଥମ ପୁଣ୍ୟଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରାକ୍ତନ ମନ୍ତ୍ରୀ ତଥା ବିଶିଷ୍ଟ ଜନନେତା ପ୍ରତାପ କୁମାର ଜେନା ବିଭିନ୍ନ ଉଦାହରଣ ମାଧ୍ୟମରେ ସ୍ୱର୍ଗତ ବରାଳ ବହୁ ମୁଖି ପ୍ରତି ଭାର ଅଧିକାରୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ,ପୂଜ୍ୟ ପୂଜା,ଓଡିଶାର ସଂପାଦକରମାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତଏହି ସଭାରେ ବକ୍ତା ଓଆଲୋଚକ ଭାବେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ,ଅମରକୁମାର ବରାଳ,ଅଜୟ କୁମାରବରାଳ,ଡାକ୍ତର ଅଶ୍ୱିନୀ କୁମାରବରାଳ, ରାଜକିଶୋର ମହାପାତ୍ର, ବାଳକୃଷ୍ଣ ପ୍ରଧାନ, ସୁବାସ ଚନ୍ଦ୍ର ପ୍ରଧାନ, ସୁକାନ୍ତ ପ୍ରଧାନ, ଅଜୟ ପ୍ରଧାନ,ଅତିରିକ୍ତ ଉପଜିଲ୍ଲାପାଳ କୁଇନ ଜେନା, ପଲ୍ଲବୀ ପ୍ରିୟଦର୍ଶିନୀ, ମଧୁସୂଦନ ବରାଳଆଦି ଯୋଗଦାନ କରି ନିଜନିଜର ବକ୍ତବ୍ୟ ମାଧ୍ୟମରେ ଶ୍ରଦ୍ଧା ସୁମନଅର୍ପଣ କରିଥିଲେ, ଏହି ଅବସରରେ ସ୍ମରଣିକା ଜୀବନ ପଥିକ ଅତିଥିମାନଙ୍କଦ୍ୱାରାଉନମୋଚିତ ହୋଇଥିଲା, ଦୀପକ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ,

# ଜାତୀୟ ରାଜପଥ - ମରଣ ଯନ୍ତା

ଭୁବନେଶ୍ୱର, ୧୮।୯: ମୌସୁମୀ ବର୍ଷାରେ କେବଳ ରାଜଧାନୀର ରାସ୍ତାରେ ମାଳ ମାଳ ଖାଲଖମା ସୃଷ୍ଟି ହୋଇନାହିଁ, ରାଜଧାନୀ ଦେଇ ଯାଇଥିବା ଜାତୀୟ ରାଜପଥ ବି ଖାଲଖମାରେ ଭର୍ତ୍ତି। ଏତେ ବଡ ବଡ ଖାଲ ହୋଇଥିଲେ ବି ରାଜପଥ କର୍ତ୍ତୃପକ୍ଷ କିଭଳି ଏହି ମରଣଯନ୍ତାକୁ ଦେଖିପାରୁ ନାହାନ୍ତି ତାହା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ରାଜ୍ୟ ରାଜଧାନୀରେ ରହିଛି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ। ଏହି କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ପ୍ରତିଦିନ ଭୁବନେଶ୍ୱରରୁ କଟକ ଏବଂ ସେହିବାଟ ଦେଇ ଅନ୍ୟାନ୍ୟ ସ୍ଥାନକୁ ଯାଉଛନ୍ତି। ହେଲେ ଏହି ଜାତୀୟ ରାଜପଥରେ ଏବେ ମାଳ ମାଳ ଖାଲଖମା। କଟକ ଗୋପାଳପୁର ନିକଟରେ ରାସ୍ତା ମଝିରେ ଫୁଟେ/ ଦୁଇ ଫୁଟର ଗାତ ସୃଷ୍ଟି ହୋଇଛି। ଏହି ଖାଲର ଗଭୀରତା ପ୍ରତିଦିନ ବଢ଼ୁଛି। ଏହା ଉପରେ ପିଚୁ ଗଣ୍ଡାଏ କେହି ପକାଉ ନାହାନ୍ତି। ବର୍ଷା ହେଲେ ଖାଲରେ ପାଣି ଭର୍ତ୍ତିହୋଇ ବଡ ବିପଦଜନକ ସ୍ଥିତି ସୃଷ୍ଟି କରୁଛି।

ଭୁବନେଶ୍ୱର ଠାରୁ କଟକ ପର୍ଯ୍ୟନ୍ତ ଲମ୍ବିଥିବା ରାଜପଥରର ବହୁ ସ୍ଥାନରେ ପରସ୍ତ ପରସ୍ତ ହୋଇ ପିଚୁ ଉଠିଯିବା ସହିତ କେତେକ ସ୍ଥାନରେ ସେତୁ ଉପରେ ପିଚୁ ଉଠି ଲୁହା ରଡ୍ ଦିଶିଲାଣି। କେତେବେଳେ ଏଠାରେ କାହାର ଜୀବନ ଚାଲିଯିବ ତାହା କହି ହେଉନାହିଁ। ସେହିଭଳି ହଂସପାଳ ଛକ ନିକଟରେ ଭୁବନେଶ୍ୱରରୁ କଟକକୁ ଯାଉଥିବା ଗାଡିଗୁଡିକୁ ନିୟନ୍ତ୍ରଣ କରିବାପାଇଁ କେହି ନାହାନ୍ତି। ଏଠାରେ ଟ୍ରାଫିକ ଭିଡ ଯୋଗୁଁ ଅତି କମ୍‌ରେ ୩୦ ମିନିଟ୍‌ରୁ ଏକ ଘଣ୍ଟା ଅଟକିବାକୁ ପଡୁଛି। ରାଜପଥ କର୍ତ୍ତୃପକ୍ଷ ଏଠାରେ ଗୋଟିଏ ପଟେ ଫ୍ଲାଇଓଭର ଖୋଲିଥିବାବେଳେ ଆଉ ଗୋଟିଏ ପଟରେ କାମ ଚଳାଉଛନ୍ତି। ତେବେ କାମ ସରିବା ପର୍ଯ୍ୟନ୍ତ ଏହା ପାର୍ଶ୍ୱରେ ଥିବା ସଡକକୁ ଅତ୍ୟନ୍ତ ମରାମତି କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଉଛି। ସେହି ସ୍ଥାନଟିରେ ଯେଭଳି ଖାଲଖମା ହୋଇଛି ସେଠାରେ ଦୁଇ ଚକିଆ ଓ ଚାରିଚକିଆ ଚାଳକମାନେ ଅତ୍ୟନ୍ତ ବିପଦଜନକ ସ୍ଥିତିରେ ଯା ଆସ କରୁଛନ୍ତି।

ରାଜ୍ୟ ରାଜଧାନୀରେ ରାଜପଥର ଯଦି ଅବସ୍ଥା ଏମିତି, ତେବେ ରାଜ୍ୟର ଅନ୍ୟ ସ୍ଥାନରେ ଥିବା ଜାତୀୟ ରାଜପଥର ଅବସ୍ଥା କ'ଣ ହୋଇଥିବ ବୋଲି ଲୋକେ ପ୍ରଶ୍ନ କଲେଣି। କାରଣ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଟୋଲଗେଟ୍‌ରେ ଟିକସ ଆଦାୟ ପାଇଁ ନୂଆ ନୂଆ ଫର୍ମୁଲା ଗ୍ରହଣ କରୁଥିବାବେଳେ ଅନୁରୂପ ଭାବେ ରାଜପଥର ରକ୍ଷଣା ବେକ୍ଷଣ ପ୍ରତି ଦୃଷ୍ଟି ଦେଉନାହାନ୍ତି। ରାଜ୍ୟ ରାଜଧାନୀରେ କଟକ ଦେଇ ଯାଇଥିବା ରାଜପଥରେ ଦୈନିକ ରାଜ୍ୟର ମନ୍ତ୍ରୀ, ବିଧାୟକଙ୍କ ସମେତ ରାଜପଥ କର୍ତ୍ତୃପକ୍ଷଙ୍କର ବରିଷ୍ଠ ଅଧିକାରୀମାନେ ଯାଉଛନ୍ତି। ହେଲେ ଏଠାରେ ସୃଷ୍ଟି ହୋଇଥିବା ଖାଲଖମାକୁ କାହିଁକି ମରାମତି କରାଯାଉନାହିଁ ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। (ତଥ୍ୟ)



ଜୀବନ ଅମୃତ ଅନୁଚିନ୍ତା

ପୂର୍ଣ୍ଣଭକ୍ତି-ନିଜକୁ ଶୂନ୍ୟ କରିଦେଇ ମୋତେ ଏପରି ଭକ୍ତି କର ଯେ ଦେଖିବ ଦିନେ ମୁଁ ମୋର ସର୍ବସ୍ୱ ତୁମକୁ ସମର୍ପି ଦେଇ ମୁଁ ନିଜକୁ ଶୂନ୍ୟ ହୋଇ ତୁମର ଦାସ ବନି ଭିକ୍ଷାପାତ୍ର ଧରି ଠିଆ ହୋଇଛି ତୁମ ଦାଣ୍ଡଦୁଆରେ, ତୁମ ଦରଶନ କରି ନିଜକୁ ଧନ୍ୟ ମଣି ପୁଣ୍ୟ ସଂଚିବା ପାଇଁ।



# ରଷିଆର ଶାନ୍ତି ଉଦ୍ୟମ

ୟୁକ୍ରେନ ଉପରେ ରଷିଆର ଆକ୍ରମଣକୁ ଅଢ଼େଇ ବର୍ଷ ପୂରଣ ହୋଇଛି। ୨୦୨୨ ଫେବୃଆରୀ ୨୪ରେ ରଷିଆ ଏହାର ପଡ଼ୋଶୀ ୟୁକ୍ରେନ ଉପରେ ଏୟାର ଷ୍ଟ୍ରାଇକ କରିଥିଲା। ୟୁକ୍ରେନ ମଧ୍ୟ ଏହାର ଜବାବ ଦେଇଥିଲା। ଏକଦା ଅବିଭକ୍ତ ସୋଭିଏତ ୟୁନିୟନର ଅଂଶ ଥିଲା ୟୁକ୍ରେନ। ସୋଭିଏତ ରୁଷ ବିଭାଜିତ ହୋଇ ଖଣ୍ଡ ଖଣ୍ଡ ହୋଇଯିବା ପରେ ୟୁକ୍ରେନ ତତ୍କାଳୀନ ସୋଭିଏତ ରୁଷରୁ ଅଲଗା ହୋଇଗଲା। କୃଷି ସମୃଦ୍ଧ ୟୁକ୍ରେନ ଆର୍ôଥକ ଦୃଷ୍ଟିରୁ ଏକ ସମୃଦ୍ଧ ଏବଂ ବିକଶିତ ରାଷ୍ଟ୍ର। କିନ୍ତୁ ବେଲାରୁଷ ଭଳି ଏହା ରୁଷର ଗୋଡ଼ାଣିଆ ନହୋଇ ନାଟୋ ସଦସ୍ୟଭୁକ୍ତ ହେବାକୁ ଆଗ୍ରହ ପ୍ରକାଶ କଲା। ରୁଷ ସହ ୟୁକ୍ରେନ ବିବାଦର ଏହା ହେଉଛି ମୁଖ୍ୟ କାରଣ। ଏଥିପାଇଁ ରୁଷ ଅନେକ ଦିନ ହେବ ୟୁକ୍ରେନକୁ ଧମକ ଚମକ ଦେଇ ଆସୁଥିଲା। ଶେଷରେ ଆକ୍ରମଣ କଲା। ଆରମ୍ଭରୁ କେହି ଅଶା କରିନଥିଲେ ଯେ, ଏହି ଯୁଦ୍ଧ ଏତେଦିନ ଚାଲିବ। ୟୁକ୍ରେନ ତୁଳନରେ ରୁଷର ସାମରିକ ଶକ୍ତି ଶହେ ଗୁଣ ଅଧିକ। ତେଣୁ ରୁଷ ୟୁକ୍ରେନକୁ ୭୨ ଘଣ୍ଟାରେ ଦଖଲ କରିନେବ ବୋଲି ଅନେକ ଆକଳନ କରିଥିଲେ। ଅତି ବେଶୀରେ ଏହି ଯୁଦ୍ଧ ଦୁଇ ସପ୍ତାହ ଚାଲିପାରେ ବୋଲି ଆକଳନ କରାଯାଉଥିଲା। କିନ୍ତୁ ଏହି ଆକଳନ ସମ୍ପୂର୍ଣ୍ଣ ଭୁଲ ପ୍ରମାଣିତ ହୋଇଛି। ୟୁକ୍ରେନବାସୀ ଦୀର୍ଘ ଦୁଇ ବର୍ଷ କାଳ ରୁଷ ଆକ୍ରମଣକୁ ପ୍ରତିହତ କରି ଚାଲିଛନ୍ତି। ଏବେ ବି ୟୁକ୍ରେନକୁ ସମ୍ପୂର୍ଣ୍ଣ କବଳିତ କରିବାରେ ରୁଷ ସଫଳ ହୋଇନାହିଁ। ୟୁକ୍ରେନ ଏ ପର୍ଯ୍ୟନ୍ତ ରୁଷ ନିକଟରେ ଆତ୍ମସମର୍ପଣ କରିନାହିଁ। ଏହା ୟୁକ୍ରେନର ନୈତିକ ବିଜୟ। ଏଥିପାଇଁ ୟୁକ୍ରେନବାସୀଙ୍କ ସାହସ ଓ ଦେଶପ୍ରେମକୁ ସ୍ୱୀକାର କରିବାକୁ ପଡ଼ିବ। ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କ ନେତୃତ୍ୱକୁ ଏଥିପାଇଁ ପ୍ରଶଂସା କରିବାକୁ ପଡ଼ିବ। ଦୁଇ ବର୍ଷ କାଳ ଯୁଦ୍ଧରେ ୟୁକ୍ରେନର ଅର୍ଦ୍ଧାଧିକ ଅଞ୍ଚଳ ସମ୍ପୂର୍ଣ୍ଣ ଧ୍ୱଂସସ୍ତୁପରେ ପରିଣତ ହୋଇଛି। ସରକାରୀ ହିସାବରେ ଏ ଯାବତ ଏହି ଯୁଦ୍ଧରେ ୧୫ହଜାର ୟୁକ୍ରେନ ନାଗରିକ ପ୍ରାଣ ହରାଇଲେଣି। ୫୦ହଜାରରୁ ଅଧିକ ଆହତ ହୋଇଛନ୍ତି। କିନ୍ତୁ ଜାତିସଂଘ ରିପୋର୍ଟ ଅନୁଯାୟୀ ମୃତ୍ୟୁ ସଂଖ୍ୟା ଢେର ଅଧିକ ହେବ। ଯୁଦ୍ଧରେ ରୁଷର ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଛି। କିନ୍ତୁ ରୁଷର ସାଧାରଣ ନାଗରିକ କେହି ଏଥିରେ ମୃତହତ ହୋଇନାହାଁନ୍ତି। ୟୁକ୍ରେନ କେବଳ ରୁଷ ଆକ୍ରମଣକୁ ପ୍ରତିହତ କରୁଛି। ତେବେ ରୁଷର ବହୁ ସୈନ୍ୟ ଏହି ଯୁଦ୍ଧରେ ପ୍ରାଣ ହରାଇଲେଣି ଏବଂ ଦେଶର ସାମରିକ ତଥା ଆର୍ôଥକ ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ୟୁକ୍ରେନ ସହ ଯୁଦ୍ଧରେ ରୁଷର ବିଫଳତା ଏବଂ ଦୁର୍ବଳତା ପଦାରେ ପଡ଼ିଯାଇଛି। ଏବେ ରୁଷକୁ ଆଉ କେହି ମହାଶକ୍ତି ଭାବେ ବିଚେନା କରିବେ ନାହିଁ। ଆମେରିକା ଓ ଚୀନ ତୁଳନାରେ ରୁଷ ଦୁର୍ବଳ ବୋଲି ପ୍ରମାଣିତ ହୋଇଗଲା। ଅବଶ୍ୟ ଯୁଦ୍ଧରେ ରୁଷ ଏହାର ସବୁ ଶକ୍ତି ବିନିଯୋଗ କରିନାହିଁ। କିନ୍ତୁ ଏହା ସତ୍ତ୍ୱେ ରୁଷ ଏହି ଯୁଦ୍ଧରେ ନୈତିକତା ଦୃଷ୍ଟିରୁ ପରାଜିତ ହୋଇଛି ତାହା ମାନିବକୁ ପଡ଼ିବ। ଯୁଦ୍ଧରେ ରୁଷ କେବଳ ନିଜର ସୈନ୍ୟ ଓ ଯୁଦ୍ଧ ସରଞ୍ଜାମ ହରାଇନାହିଁ, ଏହାର ଆର୍ôଥକ ସ୍ଥିତି ମଧ୍ୟ ପ୍ରଭାବିତ ହୋଇଛି। ଆମେରିକା ଏବଂ ଏହାର ସହଯୋଗୀ ରାଷ୍ଟ୍ରମାନଙ୍କ ପକ୍ଷରୁ ୟୁକ୍ରେନ ବିରୋଧରେ କଠୋର ଆର୍ôଥକ କଟକଣା ଲାଗୁ କରାଯାଇଛି। ଜି-୭ ପକ୍ଷରୁ ରୁଷର ତୈଳ ବିକ୍ରୀରେ ପ୍ରାଇସ କ୍ୟାପ ଲାଗୁ କରାଯାଇଛି। ରୁଷ ବ୍ୟାରେଲ ପିଛା ୬୦ ଡଲାରରୁ ଅଧିକ ମୂଲ୍ୟରେ କ୍ରୁଡ଼ ଅଏଲ ବିକ୍ରୀ କରିପାରିବ ନାହିଁ। ଏହା ଫଳରେ ରୁଷ ଆର୍ôଥକ ଦୃଷ୍ଟିରୁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଛି। ଅବଶ୍ୟ ରୁଷକୁ ସହାୟତା ଲାଗି ଭାରତ ଓ ଚୀନ ଆଗେଇ ଆସିଛନ୍ତି। ବିଶେଷ କରି ଭାରତର ସମର୍ଥନ ଓ ସହଯୋଗ ରୁଷ ଲାଗି ବରଦାନ ସାବ୍ୟସ୍ତ ହୋଇଛି। କିନ୍ତୁ ରୁଷକୁ ଭାରତ ଓ ଚୀନ ସହଯୋଗ କରିବା ପଛରେ ରହିଛି ରିହାତି। ରୁଷ ଭାରତ ଓ ଚୀନକୁ ରିହାତି ମୂଲ୍ୟରେ ତେଲ ବିକୁଛି। ଏଥିରେ ରୁଷ ବଞ୍ଚି ରହିଛି। କିନ୍ତୁ ଏହା ଦ୍ୱାରା ରୁଷର ଆର୍ôଥକ କ୍ଷତି ମଧ୍ୟ ହେଉଛି। ୟୁକ୍ରେନ-ରଷିଆ ଯୁଦ୍ଧ ଯୋଗୁଁ ସାରା ବିଶ୍ୱର ଅର୍ଥନୀତି ପ୍ରଭାବିତ ହୋଇଛି। ଦରଦାମ ବଢ଼ିଛି। ତେଣୁ ବିଶ୍ୱବାସୀଙ୍କ ଦୃଷ୍ଟିରେ ରୁଷ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ ଜଣେ ଖଳନାୟକ। ତାଙ୍କ ନିଜ ଦେଶର ଲୋକେ ମଧ୍ୟ ଏହା ଭାବୁଛନ୍ତି। ପୁଟିନଙ୍କ ବିରୋଧରେ ରୁଷରେ ଅସନ୍ତୋଷ ଦାନା ବାନ୍ଧୁଛି। ଯେ କୌଣସି ଦିନ ଏହା ବିସ୍ଫୋରକ ରୂପ ନେଇପାରେ। ଆଜି ପର୍ଯ୍ୟନ୍ତ ପୁଟିନ କେବଳ ସାମରିକ ଶକ୍ତି ବଳରେ ବିଦ୍ରୋହକୁ ଦମନ କରିଆସୁଛନ୍ତି। କିନ୍ତୁ ତାଙ୍କୁ ଭୟରେ ଦିନ କାଟିବାକୁ ପଡୁଛି। ତାଙ୍କ ଚାରିପଟେ ଥିବା ଲୋକଙ୍କୁ ସେ ବିଶ୍ୱାସ କରୁ ନାହାଁନ୍ତି। ଏଥିପାଇଁ ସେ ନିଜର ବ୍ୟକ୍ତିଗତ ସୁରକ୍ଷା କର୍ମୀଙ୍କୁ ବଦଳାଇଛନ୍ତି। ଅନ୍ୟ ପକ୍ଷରେ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ବିଶ୍ୱବାସୀଙ୍କ ଆଖିରେ ହିରୋ ପାଲଟି ଯାଇଛନ୍ତି। ୟୁକ୍ରେନକୁ ଆମେରିକା ଓ ନାଟୋ ସଦସ୍ୟଭୁକ୍ତ ରାଷ୍ଟ୍ରମାନେ ଆର୍ôଥକ ଏବଂ ସାମରିକ ସହାୟତା ପ୍ରଦାନ କରୁଛନ୍ତି। ଏହା ଜାରି ରହିବ। ତେଣୁ ରୁଷକୁ କେବଳ ୟୁକ୍ରେନ ନୁହେଁ, ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ର ବିରୋଧରେ ଲମ୍ବା ଯୁଦ୍ଧ ଲଢ଼ିବାକୁ ପଡ଼ିବ। ଇତିମଧ୍ୟରେ ରଷିଆ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ ୟୁକ୍ରେନ ସହ ଶାନ୍ତି ଆଲୋଚନା ନିମନ୍ତେ ସେ ପ୍ରସ୍ତୁତ ବୋଲି କହିଛନ୍ତି। ଏଥିଲାଗି ଭାରତ, ଚୀନ ଏବଂ ବ୍ରାଜିଲ ମଧ୍ୟସ୍ଥତା କରିପାରିବେ ବୋଲି ସେ କହିଛନ୍ତି। ଚୀନ ଏବଂ ବ୍ରାଜିଲ ଏଥିପ୍ରତି ଆଗ୍ରହ ପ୍ରକାଶ କରି ନାହାଁନ୍ତି। କେବଳ ଭାରତ ଏଥିଲାଗି ଆନ୍ତରିକତା ଦେଖାଇଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଭୟ ରଷିଆ ଏବଂ ୟୁକ୍ରେନ ଗସ୍ତରେ ଯାଇ ଫେରିଛନ୍ତି। ଉଭୟ ପୁଟିନ ଏବଂ ଜେଲେନସ୍କିଙ୍କ ସହ ସେ ଆଲୋଚନା କରିଛନ୍ତି। କିନ୍ତୁ ଏହି ଆଲୋଚନା କେତେ ଫଳପ୍ରଦ ହୋଇଛି ଏବଂ ଏହାର ଆଗକୁ କ'ଣ ପ୍ରଭାବ ରହିବ ତାହା ଅସ୍ପଷ୍ଟ। ସମ୍ଭବତଃ ଭାରତର ପ୍ରଧାନମନ୍ତ୍ରୀଙ୍କ ନିଃସର୍ତ୍ତ ଯୁଦ୍ଧ ବିରତି ପ୍ରସ୍ତାବକୁ ଉଭୟ ରାଷ୍ଟ୍ର ସହଜରେ ଗ୍ରହଣ କରିପାରୁନାହାଁନ୍ତି। ପୁଟିନ କହିଛନ୍ତି ଯେ, ୨୦୨୨ରେ ତୁର୍କୀ ରାଜଧାନୀ ଇସ୍ତାନବୁଲରେ ଉଭୟ ରାଷ୍ଟ୍ର ମଧ୍ୟରେ ଏକ ଶାନ୍ତି ଚୁକ୍ତି ହୋଇଥିଲା। ଏହି ଚୁକ୍ତିର ସର୍ତ୍ତ ଆଧାରରେ ଆଲୋଚନା ହେବା ଉଚିତ। କିନ୍ତୁ ଜେଲେନସ୍କି ଏହାକୁ ଗ୍ରହଣ କରିପାରୁ ନାହାଁନ୍ତି। ତେଣୁ ଶାନ୍ତି ଆଲୋଚନା ନିକଟ ଭବିଷ୍ୟତରେ ସମ୍ଭବ ହେଲା ଭଳି ଲାଗୁ ନାହିଁ। ରଷିଆ ରାଷ୍ଟ୍ରପତି ପୁଟିନ ଯୁଦ୍ଧ ବନ୍ଦ ଲାଗି ଆଗ୍ରହ ପ୍ରକାଶ କରିବାର ଏକମାତ୍ର କାରଣ ହେଲା ସେ ଏବେ ଉଭୟ ଦେଶ ଭିତରୁ ଏବଂ ବାହାରୁ ଚାପର ସମ୍ମୁଖୀନ ହୋଇଛନ୍ତି। ରୁଷବାସୀ ଯୁଦ୍ଧ ଆଉ ଅଧିକ ଦିନ ଲାଗି ରହୁ ବୋଲି ଚାହୁଁନାହାଁନ୍ତି। ସେମାନେ ଶାନ୍ତି ଚାହୁଁଛନ୍ତି। ସେମାନଙ୍କ ମତରେ ଯୁଦ୍ଧରେ ଦେଶର ଅର୍ଥନୀତି ଯେପରି ପ୍ରଭାବିତ ହାଇଛି ତାହା ଦେଶର ସ୍ୱାର୍ଥ ବିରୋଧୀ। ଆମେରିକା ସହ ମୁକାବିଲା ରଷିଆ ପାଇଁ ମହଙ୍ଗା ପଡୁଛି। ଆଉ ରଷିଆର ଅନେକ ସୈନିକ ମଧ୍ୟ ଯୁଦ୍ଧରେ ପ୍ରାଣ ହରାଇଲେଣି। ଆମେରିକା ଚାହୁଁଛି ଯେ, ଅଧିକ ଦିନ ଯୁଦ୍ଧ କରି କ୍ଳାନ୍ତ ହୋଇପଡୁ, ଏହାର ଯୁଦ୍ଧାସ୍ତ୍ର ଏବଂ ଲଢୁଆ ବିମାନ ଧ୍ୱଂସ ପାଇଯାଉ। ପୁଟିନ କିନ୍ତୁ ଏହା ବୁଝି ପାରୁନାହାଁନ୍ତି। ୟୁକ୍ରେନ ଏକ ଛୋଟ ଦେଶ। ଏହା ସହିତ ଅଧିକ ଦିନ ଯୁଦ୍ଧ ଲାଗିବା ଅର୍ଥ ରଷିଆର ଶକ୍ତି କ୍ଷୟ ହେବା। ଏହା ମଧ୍ୟ ରଷିଆର ଭାବମୂର୍ତ୍ତୀକୁ ନଷ୍ଟ କରୁଛି। ତେଣୁ ପୁଟିନ ଏବେ ଆଭ୍ୟନ୍ତରୀଣ ଚାପର ସମ୍ମୁଖୀନ ହୋଇଛନ୍ତି। ରଷିଆର ବାଣିଜ୍ୟ କାରବାର କେବଳ ଚୀନ ଏବଂ ଭାରତ ପାଇଁ ବଞ୍ଚି ରହିଛି। ଏଥିପାଇଁ ରଷିଆକୁ ବେଶ ରିହାତି ପ୍ରଦାନ କରିବାକୁ ପଡୁଛି। ଫଳରେ ବିଗତ ଅଢ଼େଇ ବର୍ଷ ଭିତରେ ରଷିଆର କୋଟି କୋଟି ଡଲାର କ୍ଷତି ହେଲାଣି। କିନ୍ତୁ ୟୁକ୍ରେନ ନାଟୋ ସହାୟତାରେ ଯୁଦ୍ଧ ଜାରି ରଖିଛି। ନିକଟରେ ୟୁକ୍ରେନ ସେନା ରଷିଆ ଉପରେ ଡ୍ରୋନ ଆକ୍ରମଣ କରିଛି। ଜେଲେନସ୍କି ଆମେରିକାକୁ ବାଲିଷ୍ଟିକ ମିଶାଇଲ ବ୍ୟବହାର ଲାଗି ଅନୁମତି ମାଗିଛନ୍ତି। ଆମେରିକା ଏ ଯାବତ ଏଥିଲାଗି ଅନୁମତି ଦେଇ ନାହିଁ। ଆମେରିକା ଚାହୁଁଛି ୟୁକ୍ରେନ କେବଳ ରଷିଆ ଆକ୍ରମଣକୁ ପ୍ରତିହତ କରୁ। ରଷିଆ କ୍ଷତିଗ୍ରସ୍ତ ହେଉ। ୟୁକ୍ରେନର ନିରୀହ ଲୋକଙ୍କ ଜୀବନ ରକ୍ଷା ନେଇ ଆମେରିକା ସେଭଳି ଚିନ୍ତାପ୍ରକଟ କରୁନି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବିରତି ଲାଗି ଆମେରିକା ଯେପରି ଆଗ୍ରହ ପ୍ରକାଶ କରୁଛି, ରଷିଆ-ୟୁକ୍ରେନ ଯୁଦ୍ଧ ବିରାମ ଲାଗି ସେପରି ଉଦ୍ୟମ କରୁନି। ନଚେତ ଆମେରିକା ଅନ୍ତତଃପକ୍ଷେ ଭାରତକୁ ଶାନ୍ତି ଆଲୋଚନା ଶୀଘ୍ର ଆରମ୍ଭ କରିବାକୁ ଅନୁରୋଧ କରିଥାଆନ୍ତା। ଏଥିରୁ ଯାହା ଅନୁମାନ କରାଯାଉଛି ନିକଟ ଭବିଷ୍ୟତରେ ଶାନ୍ତି ଆଲୋଚନା ଆରମ୍ଭ ହେବାର ନାହିଁ କିମ୍ବା ଯୁଦ୍ଧର ପରିସମାପ୍ତି ସମ୍ଭାବନା ନାହିଁ। ବରଂ ଉଭୟ ଦେଶ ଆକ୍ରମଣକୁ ଆହୁରି ଶାଣୀତ କରିବାରେ ଲାଗିଛନ୍ତି।

# ଅନାଥର ନାଥ କାଳିଆ ସାଆନ୍ତ

ଆଶୁତୋଷ ନାୟକ

ଏ ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶେଷ୍ଠ ପ୍ରାଣୀ। ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣିତ ଅଛିଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ। ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶେଷ୍ଠ, ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ ପ୍ରାଣୀ। ସେଥିପାଇଁ ଶ୍ରୀମଦଭାଗବତମଂ ୭/ ୬/୨ ରେ ଏହା ବର୍ଣିତ ଅଛି,

'କୌମାର ଆଚରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହ।
ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟ ଧ୍ରୁବମର୍ଥଦମ୍।'

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ। ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ। ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପ୍ରଯ୍ୟନ୍ତ ସବୁଦିନ ମାଟିରେ ମିଶିବ। ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ। ଏହା ଚିରନ୍ତନ ସତ୍ୟ। ମନୁଷ୍ୟ ଜୀବନ ମଧ୍ୟ କ୍ଷଣସ୍ଥାୟୀ। ପାଣି ଫୋଟକା ପରି ମନୁଷ୍ୟ ର ଆୟୁଷ ମଧ୍ୟ୍ୟ ଅତି ସଂକ୍ଷିପ୍ତ।

ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟଂତ୍ରଣରେ ନଥାଏ।ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ।କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟାବନ୍ଧନରେ ଆବଦ୍ଧ ହୋଇ ଇଶ୍ୱରଙ୍କ ଅସିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିବ ତାହାକୁ କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ।ତାହା କେବଳ ସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁ ଜଣା।

ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ। ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରା ର ମହାନତା ର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା।

ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ ମନେକରୁଛି। ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚରମସୀମାରେ। ଇଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର।ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି। ଏହାଛଡା ନିରୀହ ପଶୁ, ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି। କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି।

ସତ୍ୟସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷ, ଜାପାନ, ଇଂଲଣ୍ଡ ମଧ୍ୟ ସନାତନ ହିନ୍ଦୁ ଧର୍ମ କୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ ମହତ୍ତ୍ୱ କୁ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୁର୍ଣ କରିବା ପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି। ସେଥିପାଇ କୁହାଯାଇଛି

'ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ। ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ, ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ।

ବହୁମତ ବହୁପଥ ମିଳିତ ଏଠାରେ, ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ। ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ, ବିଧର୍ମୀ ଷଡ଼ଯନ୍ତ୍ର ର ରହିଛି ଦୃଷ୍ଟାନ୍ତ, ସବୁ ଭୟ ପ୍ରଲୋଭନ କରି ପ୍ରତିହତ, ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ। ସତ୍ୟ ଓ ଅହିଂସା ମୂଳତତ୍ତ୍ୱ ଏ ଧର୍ମର, ଦୟା, କ୍ଷମା, ଦାନ, ପରୋପକାର ଚ଼ରିତ୍ର ହିନ୍ଦୁ ର।

ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ। ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ। ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ। ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ। ଋକ, ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ। ଅନେକ ପରମ୍ପରା ଓ ଦର୍ଶନ ନୀତି, ନିୟମ ଆଦର୍ଶ ର ମେଳ, ସନାତନ ଧର୍ମ ଏହାଥିବ ଚିରକାଳ।'

ଇତିହାସରୁ ଜଣାଯାଏ ଯେ ଶ୍ରୀମନ୍ଦିର ଉପରେ ସମୁଦାୟ ଅଠରଥର ଆକ୍ରମଣ ହୋଇଥିଲା। ଏଥିମଧ୍ୟରୁ ପାଞ୍ଚଥର ଆକ୍ରମଣର ସବିଶେଷ ବିବରଣୀ ଗବେଷଣା ହୋଇ ଆଲୋଚନା ପରିସରକୁ



ଆସିନାହିଁ। ତେରଥର ଆକ୍ରମଣ କାଳରେ ମହାପ୍ରଭୁ ଶ୍ରୀମନ୍ଦିର ରତ୍ନବେଦିରୁ ଯାଇ ଓଡ଼ିଶାର ବିଭିନ୍ନ ସ୍ଥାନକୁ ୨୧ ଥର ସ୍ଥାନାନ୍ତର ହୋଇଛି। ସେଥିମଧ୍ୟରୁ ଦୁଇଥର

ଶ୍ରୀକ୍ଷେତ୍ର ଭିତରେ ଲୀଳା ହୋଇଥିବା ବେଳେ ଶ୍ରୀକ୍ଷେତ୍ର ବାହାରେ ଉଣେଇଶ ଥର ସ୍ଥାନାନ୍ତର ହୋଇ ଲୀଳା କରିଛନ୍ତି। ଚିଲିକାର ଗୁରୁବାଇଗଡ଼ ଓ ବାଣପୁର ତହସିଲର ନଈରୀଗ୍ରାମର ହରେଶ୍ୱର ମଣ୍ଡପକୁ ଦୁଇ ଦୁଇ ଥର ବିଜେ କରି ଲୀଳା କରିଥିଲେ। ମହାପ୍ରଭୁ ସମୁଦାୟ ଦୁଇଥର ପାତାଳୀ ଲୀଳା କରିଛନ୍ତି। ଥରେ ସୋନପୁରଠାରେ ଓ ୧୫୬୮ ମସିହାରେ କଳାପାହାଡ଼ ଆକ୍ରମଣରେ ଚିଲିକାର ହାତୀପଡ଼ାଠାରେ ମହାପ୍ରଭୁଙ୍କର ପାତାଳୀଲୀଳା ହୋଇଥିଲା। ଦୁଇଥର ମହାପ୍ରଭୁ ବ୍ରହ୍ମଲୀଳା କରିଛନ୍ତି। ଏହାଥିଲା ମହାପ୍ରଭୁଙ୍କର ଅଭିନବ ବ୍ରହ୍ମଲୀଳା। ନଷ୍ଟ ହେଇଯାଉ ଦାରୁ ବିଗ୍ରହ, କିନ୍ତୁ ବ୍ରହ୍ମ ସୁରକ୍ଷିତ ଥାଆନ୍ତୁ। ଏ ଜାତିର 'ବିଶ୍ୱାସ' ଟିକକ ହସ୍ତାନ୍ତର ହୋଇ ନଯାଉ କି ମନୋବଳ ଭାଙ୍ଗି ଚୁରମାର ହୋଇ ନଯାଉ। ସେହି ବିଶ୍ୱାସରେ ବ୍ରହ୍ମଲୀଳା ସମ୍ପନ୍ନ ହୋଇଥିଲା। ପ୍ରଥମ ବ୍ରହ୍ମଲୀଳା ବିଶର ମହାନ୍ତିଙ୍କଦ୍ୱାରା ହୋଇଥିଲା। ଦ୍ୱିତୀୟ ବାର ବ୍ରହ୍ମଲୀଳା ୧୬୨୨ ମସିହାରେ ମିର୍ଜା ଅହମ୍ମଦ ବେଗ ସମୟରେ ହୋଇଥିଲା। ଖୁବ ଗୋପନରେ ଗଜପତିଙ୍କ ପରାମର୍ଶରେ ସେବକମାନେ ଖୋର୍ଦ୍ଧାଜିଲାର ଗଡ଼ମାଣତ୍ରୀରେ ବ୍ରହ୍ମଲୀଳା କରେଇଥିଲେ। ୧୭୩୧ ମସିହାରେ ଶ୍ରୀମନ୍ଦିର ଉପରେ ତକି ଖାଁ ଦ୍ୱିତୀୟବାର ଆକ୍ରମଣ କରିଥିଲେ। ସେତିକିବେଳେ ମହାପ୍ରଭୁଙ୍କୁ ଭାର୍ଗବୀ ନଦୀର ଦୋବନ୍ଧା ପେଣ୍ଠରୁ ବଡ଼ ପରୀକ୍ଷା ପରମାନନ୍ଦ କୁଅଁର ମହାପାତ୍ର ଓ ସାନ ପରୀକ୍ଷା ବିଷ୍ଣୁ ପଶ୍ଚିମ କବାଟ ଚିଲିକା ବାଟଦେଇ ନଈରୀ ଗ୍ରାମର ମଣ୍ଡପରେ ଗୋପନରେ ବିଜେ କରାଇଥିଲେ। ଶ୍ରୀମନ୍ଦିର ଉପରେ ପ୍ରଥମେ ୬୭୦ ମସିହାରେ ଆକ୍ରମଣ ହୋଇଥିଲା। ଏହା ୧୭୩୩ ମସିହା ପର୍ଯ୍ୟନ୍ତ ଚାଲିଥିଲା। ଏହି ସମୟ ମଧ୍ୟରେ ହାରାହାରି ୨୫୦ ବର୍ଷରୁ ଅଧିକ ସମୟ ମହାପ୍ରଭୁ ଶ୍ରୀକ୍ଷେତ୍ର ବାହାରେ ଲୀଳା କରିଥିଲେ। ତାଙ୍କର ଲୀଳାରେ ଶ୍ରୀକ୍ଷେତ୍ର ବାହାରେ ନଈରୀଠାରେ ଗୋଟିଏ ଥର ରଥଯାତ୍ରା ହୋଇଥିଲା।

ଶାସ୍ତ୍ର ବେଦ ଉପନିଷେଦ କହେ ସନାତନ ହିନ୍ଦୁ ଧର୍ମ ସର୍ବଶ୍ରେଷ୍ଠ ଓ ସର୍ବପୁରାତନ ଏଥିରେ ହିଂସାର କୌଣସି ସ୍ଥାନ ନଥାଏ। ଅନାଥର ନାଥ କାଳିଆ ସାଆନ୍ତ, ଦୀନବନ୍ଧୁ, ଭାବଗ୍ରାହୀ, ଭକ୍ତବତ୍ସଳ ଜଗନ୍ନାଥଙ୍କ ବାଖ୍ୟା କରିବାକୁ କିଏ ବା ସମର୍ଥ ହେବ

ସେ ଅନନ୍ତ, ଅସୀମ, ଚିରସତ୍ୟ ତାଙ୍କର ଆଦି ନାହିଁ କି ଅନ୍ତ ନାହିଁ, ସେ ନଶ୍ୱର, ନିରାକାର, ପରମବ୍ରହ୍ମ, ପୁରୁଷୋତ୍ତମ। ମହାପ୍ରଭୁ କାଳିଆ ସାଆନ୍ତ ବିଶ୍ୱର ସବୁଠାରୁ ରହସ୍ୟମୟ ଠାକୁର। ଜଗନ୍ନାଥ ମନ୍ଦିରର ଇତିହାସ ଏବଂ ତାର ରହସ୍ୟ ବୁଝିବା ଆମ ପରି ରକ୍ତ ମାଂସ ଧାରୀ ସାଧାରଣ ମନୁଷ୍ୟ ପକ୍ଷେ ଅସମ୍ଭବ। ଅନେକ ବିଦ୍ୱାନ ପଣ୍ଡିତ, ଶାସ୍ତ୍ର ବିଶାରଦ, ଜ୍ଞାନୀ ଗୁଣୀ, ଜଗନ୍ନାଥ ସଂସ୍କୃତି ଇତିହାସ ସମ୍ପୂର୍ଣ୍ଣ ଭାବେ ବୁଝିବାରେ ଜାଣିବାରେ ସମର୍ଥନ ହୋଇପାରି ନାହାନ୍ତି।ଏବେବି ଏହା ରହସ୍ୟମୟ ହୋଇରହିଛି।

ଜଗନ୍ନାଥ ଉପାସନା କେବେ କେଉଁଠାରୁ ହେଲା ଓ ଜଗନ୍ନାଥଙ୍କ ନାମକରଣ କେବେ କାହିଁକି ହେଲା ସେ ବିଷୟ ଏବେବି ନିର୍ବିବାଦରେ ନିର୍ଣ୍ଣିତ ହୋଇପାରିନାହିଁ। ଜଗନ୍ନାଥଙ୍କ ସଂସ୍କୃତି ସହିତ ବହୁ ଧର୍ମ ଜଡିତ ହୋଇରହିଛି। ଯୁଗ ଯୁଗ ଧରି ଜଗନ୍ନାଥ ରହସ୍ୟମୟ ଦେବତା ହୋଇ ରହିଆସିଛନ୍ତି। ଅନାଥର ନାଥ ଜଗତର ନାଥ ଜଗନ୍ନାଥ ଏକ ଚେତନାର ଚିନ୍ତାଧାରାର ସଂସ୍କୃତିର ସଂକେତ। ଜଗନ୍ନାଥ ସଂସ୍କୃତି ପରମ୍ପରା ବସୁଦେବ କୁଟୁମ୍ବକମର ଚିନ୍ତାଧାରା ଉପରେ ପ୍ରଯ୍ୟବେଷିତ।ସମଗ୍ର ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧି ରଖିବା ଏହାର ମୂଳମନ୍ତ୍ର। ଜଗନ୍ନାଥ ସଂସ୍କୃତିର ମୂଳମନ୍ତ୍ର ବିଶ୍ୱପ୍ରେମ, ଶାନ୍ତି, ଅହିଂସା, ପ୍ରେମ ମୁକ୍ତି, ଆନନ୍ଦ, ସତ୍ୟ, ଦୟା, କ୍ଷମା ଓ ଅନନ୍ତ ବ୍ୟାପିର ପ୍ରତୀକ।

ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ କାଳିଆ ସାଆନ୍ତ ଅସୀମ ବିଶ୍ୱବ୍ରହ୍ମାଣ୍ଡର ଜୀବନ୍ତ ଦେବତା।ସେ ପରବ୍ରହ୍ମ, ପୁରୁଷୋତ୍ତମ ସର୍ବବ୍ୟାପି, ସାର୍ବଭୌମ୍ୟ, ନିରାକାର। ତାଙ୍କର ଆରମ୍ଭ ନାହିଁ କି ଅନ୍ତ ନାହିଁ। ସେ ଅନାଦି ସେ ଅଶେଷ।ପୁଣି ତାଙ୍କର ଯେଉଁ ଦୁଇଟି ବାହୁର କଳ୍ପନା କରାଯାଇଛି ତାହା ସମାନ୍ତରାଳ।। ଦୁଇ ସମାନ୍ତରାୟ ସରଳ ଲେଖାରେ ମିଳନ ଏକ ଅନନ୍ତ ବିନ୍ଦୁରେ।

ଜଗନ୍ନାଥଙ୍କ ପରମ ଓ ଚରମ ସତ୍ତ୍ୱ ସେହି ସେହି ଅନନ୍ତ ବିନ୍ଦୁରେ ହିଁ ଉପଲବ୍ଧି କରିହୁଏ। ସେ ଅରୂପ ପୁଣି ସ୍ୱରୂପ। ସେ ନିର୍ଗୁଣ ପୁଣି ସଗୁଣ। ବହୁ ରୂପରେ ତାଙ୍କର ପରିକଳ୍ପନା। ବିଶ୍ୱର ତେତିଶି କୋଟି ଦେବାଦେବୀଙ୍କ ମଧ୍ୟରେ ଜଗନ୍ନାଥଙ୍କର ନୀତିକାନ୍ତି ସ୍ୱତନ୍ତ୍ର ଏବଂ ସର୍ବଶ୍ରେଷ୍ଠ।ଆଉ କୌଣସି ଦେବତାଙ୍କର ଏପରି ମାନବୀୟ ଲୀଳା ଦେଖିବାକୁ ଏ ବିଶ୍ୱ ବ୍ରହ୍ମାଣ୍ଡରେ ମିଳିନଥାଏ।

ବୈଷ୍ଣବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବିଷ୍ଣୁ ରୂପରେ। ବୌଦ୍ଧ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବୁଦ୍ଧ ରୂପରେତ୍ସ ଶୈବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ଶିବ ରୂପରେ। ଗାଣପତ୍ୟ ଭକ୍ତ ମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଗଣପତି ରୂପରେ। ତେଣୁ ମହାପ୍ରଭୁ ଜଗନ୍ନାଥ ନିର୍ଦ୍ଦିଷ୍ଟ ସୀମା ବା ରୂପରେ ଆବଦ୍ଧ ନୁହନ୍ତି। ଗୋଟିଏ ବଳୟ ଭିତରେ ଗୋଟିଏ ନିର୍ଦ୍ଦିଷ୍ଟ ପରିସୀମା ଭିତରେ ମହାପ୍ରଭୁ କାଳିଆ ସାଆନ୍ତଙ୍କର ସ୍ଥିତି କଳ୍ପନା କରିବା ଅସମ୍ଭବ। ଜଗନ୍ନାଥ ହେଉଛନ୍ତି ବଡ଼ ଠାକୁର, ଜଗନ୍ନାଥଙ୍କର ଦେଉଳ ହେଉଛି ବଡ଼ ଦେଉଳ, ଜଗନ୍ନାଥଙ୍କ ଦାଣ୍ଡ ହେଉଛି ବଡ଼ ଦାଣ୍ଡ, ପଣ୍ଡା ହେଉଛି ବଡ଼ ପଣ୍ଡା, ତାଙ୍କର ଦୀପ ହେଉଛି ମହାଦୀପ, ତାଙ୍କର ଉଦଧି ହେଉଛି ମହା ଉଦଧି (ମହୋଦଧି ), ତାଙ୍କର ଶକ୍ତି ହେଉଛନ୍ତି ମହାଲକ୍ଷ୍ମୀ, ତାଙ୍କର ପ୍ରସାଦ ହେଉଛି ମହା ପ୍ରସାଦ। ତେଣୁ ଜଗନ୍ନାଥଙ୍କ ଚେତନା ଭିତରେ ନାହିଁ ସଂକୀର୍ଣ୍ଣତା, ନାହିଁ ଅହମିକା, ନାହିଁ ଅହଂକାର, ନାହିଁ ଉଚ୍ଚନୀଚ, ବଡ଼ସାନର ଭେଦଭାବ।

ଶ୍ରୀକ୍ଷେତ୍ର, ସୁଭଦ୍ରା, ବଳଭଦ୍ର, ସୁଦର୍ଶନଙ୍କ ନାମ ଭିତରେ ରହିଛି ସୁସୁନ୍ଦର, ଶିବ ବା ଶୁଭର ସୂଚନା।ନୀଳଚକ୍ର ଚିରନ୍ତନ ସତ୍ୟ ଓ ନ୍ୟାୟର ପ୍ରତୀକ।କାଳିଆ ସାଆନ୍ତଙ୍କ ସିଂହଦୁଆରରୁ କୌଣସି ଭକ୍ତ ଖାଲି ହାତରେ ଫେରିନି। ମହାପ୍ରଭୁ ପାଖରେ ଧନୀ, ଗରିବ ସମସ୍ତେ ସମାନ। ସମସ୍ତଙ୍କର ମନସ୍କାମନା ପୂର୍ଣ୍ଣ କରିଛନ୍ତି ଦରଦୀ ଠାକୁର, ଦୀନବନ୍ଧୁ, ଅନାଥର ନାଥ, ଜଗତର ନାଥ ବଡ଼ ଠାକୁର ଜଗନ୍ନାଥ।

ମହାପ୍ରଭୁ କାଳିଆ ସାଆନ୍ତଙ୍କ ଦିବ୍ୟ ଲୀଳାକୁ ଆମ ପରି ସାଧାରଣ ରକ୍ତ ମାଂସ ଧାରୀ ମନୁଷ୍ୟ ବୁଝିବା ଅସମ୍ଭବ। ବିଶ୍ୱ ବ୍ରହ୍ମାଣ୍ଡର ସର୍ବଶ୍ରେଷ୍ଠ ଯାତ୍ରା ଘୋଷଯାତ୍ରାର ଯେଉଁ ଇଶ୍ୱରୀୟ ବାର୍ତ୍ତା ରହିଛି ତାହା ଆମ ମାନବ ସମାଜ ପାଇଁ ଅତୀବ ଉପାଦେୟ। ମହାପ୍ରଭୁ କାଳିଆ ସାଆନ୍ତଙ୍କ ପାଖରେ ଧନୀ, ଗରିବ, ଉଚ୍ଚ, ନୀଚର ଭେଦଭାବ ନଥାଏ।ଏ ବିଶ୍ୱବ୍ରହ୍ମାଣ୍ଡର ମାଲିକ ଜଗନ୍ନାଥ।ସମସ୍ତଙ୍କ ଦୁଃଖ ବୁଝନ୍ତି ସେ।

ଏ ବିଶ୍ୱବ୍ରହ୍ମାଣ୍ଡରେ କେହିବି ଅନାଥ, ନିରାଶୟ, ନହୁଅନ୍ତୁ ଏହି ଆଶ୍ୱାସନା ମିଳେ ଜଗନ୍ନାଥଙ୍କ ନାମ ଭିତରେ। ଜାତିବର୍ଣ, ଧର୍ମ ନିର୍ବିଶେଷରେ ମହାପ୍ରଭୁ ଚକାଡୋଳା ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ଜଗତର ନାଥ ଜଗନ୍ନାଥ ଦର୍ଶନ ଦିଅନ୍ତି ରଥଯାତ୍ରାରେ। ସେହ୍ନ, ପ୍ରେମ, ଭାତୃତ୍ୱ, ବଳିଦାନ, ଭଲପାଇବା, ମାନବିକତା, ତ୍ୟାଗର ବାର୍ତ୍ତା ମିଳେ ରଥଯାତ୍ରାରେ। ଯେଉଁଠି ସ୍ୱାର୍ଥପର ଅହଙ୍କାରୀ ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ପାଇଁ ନିଜର ଜନ୍ମଦାତା ପିତା, ଜନ୍ମଦାତ୍ରୀ ମାତା, ବନ୍ଧୁ, ପରିଜନକୁ ହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହିଁ, ସେଠି ମହାପ୍ରଭୁ ଜଗନ୍ନାଥଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନକୁ ଶୃଙ୍ଖଳିତ କରିପାରିଲେ ମାନବ ସମାଜ ପାଇଁ ଏହା ଏକ ବରଦାନ ସାବ୍ୟସ୍ତ ହେବ।


ଗୋପାଳପୁର, ବାଲେଶ୍ୱର

ମୋବାଇଲ- ୭୦୨୦୬୧୧୩୦୦


# ଜନନେତା ବିଷ୍ଣୁ ସେଠୀ

ଜ୍ୟୋତି ପ୍ରକାଶ ମହାନ୍ତି



ଓଡ଼ିଶାର ଜଣେ ଉଚ୍ଚକୋଟୀର ବାଗ୍ମୀ ଜନନେତା ହିସାବରେ ବିଷ୍ଣୁଭାଇଙ୍କୁ କିଏ ବା ନଜାଣେ। ବିଧାନସଭା ଭିତରେ ୨୦୧୯ ରୁ ୨୦୨୩ ଭିତରେ ବିଷ୍ଣୁ ଭାଇଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥିଲା। ବିରୋଧି ଦଳର ଉପନେତା ହିସାବରେ। ସ୍କୁଲରେ ପଢ଼ିଲା ବେଳରୁ ବିଷ୍ଣୁ ଭାଇଙ୍କୁ ଆମ୍ଭ କୁଆଁସ ଗ୍ରାମର ବାସିନ୍ଦା ହିସାବରେ ଜାଣିଥିଲି। ୧୯୯୧ ମସିହାରେ ବାବ୍ରୀ ମସ୍‌ଜିଦ୍ ଘଟଣାରେ ସେ ଅଯୋଧ୍ୟା କର ସେବକ ହିସାବରେ ଯାଇଥିଲେ ବୋଲି, ମୁଁ ତାଙ୍କୁ ଦେଖିଲି ଜୟ ଶ୍ରୀରାମ ବୋଲି କୁହେ ଓ ସେ ମଧ୍ୟ ପ୍ରତି ଉତରରେ ଜୟ ଶ୍ରୀରାମ ବୋଲି କୁହନ୍ତି। ୨୦୦୦ ମସିହାରେ ତିହିଡ଼ି ଚାନ୍ଦବାଲିର ବିଧାୟକ ହେଲେ ତା ପୂର୍ବରୁ ଲୋକସଭା ନିର୍ବାଚନରେ ବିଜେପିର ଭୋଟକୁ ୫୦୦୦ ରୁ ଏକଲକ୍ଷ ପର୍ଯ୍ୟନ୍ତ ପହଁଚାଇଥିଲେ। ବିଧାୟକ ଥିଲାବେଳେ ଆମ୍ଭ ଘରପାଖ ଇସ୍କନ ମନ୍ଦିର ପାଖରେ ବିଷ୍ଣୁ ଭାଇଙ୍କ ଧର୍ମପତ୍ନୀ ଉର୍ମିଳା ଭାଉଜ କିଣିଲେ ଓ ସେଠି ଘର କରି ରହିଲେ ଓ ଏକପ୍ରକାର ଆମ୍ଭର ପଡ଼ୋଶୀ ହେଲେ। ୨୦୦୪ ରେ ଅଳ୍ପ ବ୍ୟବଧାନରେ ବିଧାୟକ ଭାବେ ପରାଜିତ ହେବା ପରେ ମୁଁ ତାଙ୍କ ପାଖକୁ ଯିବାଆସିବା କରେ କାହିଁକିନା ମୁଁ ଏକ ଜାତୀୟ ସଦସ୍ୟ ଭାବେ କାମ କରୁଥାଏ। ମୋତେ ଯେତେବେଳେ ଦେଖା ହୁଅନ୍ତି ସବୁବେଳେ କୁହନ୍ତି ତୋ ବାପା ତ ସେ ଦଳର ଘୋର ବିରୋଧି ତୁ କାହିଁକି ସେ ଦଳରେ ରାଜନୀତି କରୁଛୁ। ମୋତେ ସବୁବେଳେ କୁହନ୍ତି ତୁ ଆମ ବିଜେପିକୁ ଆସେ ଏହି ଦଳରେ ନୀତି ଆଦର୍ଶ ଅଛି ଓ Nepotism ଘରନାହିଁ କିନ୍ତୁ ମୋର ରାଜନୈତିକ ଦୂରଦୃଷ୍ଟି କମ ଥିବାରୁ ତାଙ୍କ କଥାକୁ ଆଡ଼େଇଯାଏ। ମୋ ଜେଜେବାପା ୰ ଗୋକୁଳାନନ୍ଦ ମହାନ୍ତି ସ୍ୱାଧିନତା ସଂଗ୍ରାମୀ ଓ ସାଂସଦ ବିଧାୟକଙ୍କର ପ୍ରତ୍ୟେକ ବର୍ଷ ଶୁଣିବାକୁ ସୁଯୋଗ ପାଉ ଶ୍ରାଦ୍ଧ ସଭାରେ, ତାଙ୍କର ଗାନ୍ଧି ଦର୍ଶନ ଉପରେ ଏତେ ଦଖଲ ଥିଲା ବୋଲି ସବୁ ବର୍ଷ ତାଙ୍କ ବକ୍ତବ୍ୟରେ ଶୁଦ୍ଧିବୃନ୍ଦ ଜାଣିପାରନ୍ତି। ଜଣେ ଗାନ୍ଧୀ ଦର୍ଶନରେ ବିଶ୍ୱାସ ରଖୁଥିବା ମଣିଷ ବିଷ୍ଣୁ ଭାଇ ସ୍ୱଛତା ହିଁ ପବିତ୍ରତା କୁ ମୂଳମନ୍ତ୍ର କରିଥିଲେ। ପ୍ରତ୍ୟେକ ଦିନ ନିଜ ବାଡ଼ିଘର ସାମ୍ନା ସଫା ରଖିବା ସଙ୍ଗେ ସଙ୍ଗେ ବହୁବାର ଝାଡୁ ଧରି ଓଳେଇ ଓଳେଇ ଆମ ଓଳି ପର୍ଯ୍ୟନ୍ତ ଆସନ୍ତି ଓ ମୁଁ ତାଙ୍କୁ ବହୁବାର କୁହେ ଆପଣ ଜଣେ ବିଧାୟକ ହୋଇ ମଧ୍ୟ କୌଣସି ପ୍ରକାର ସଙ୍କୋଚ ନାହିଁ, ହସନ୍ତି ଓ କୁହନ୍ତି ଯେ ମୁଁ ବିଜେପି ବାଲା ହେଲେ ମଧ୍ୟ ଜଣେ ଗାନ୍ଧିବାଦୀ। ମୋର ମୁଣ୍ଡ ସାଙ୍ଗେ ସାଙ୍ଗେ ତାଙ୍କ ସାମ୍ନାରେ ନଇଁ ଯାଏ। ତାଙ୍କର ଓଡ଼ିଆ ଭାଷା ସାହିତ୍ୟ ଉପରେ ଯେଉଁ ପରାକାଷ୍ଠା ଥିଲା ଏହାକୁ ଭଦ୍ରକବାସୀଙ୍କ ଛଡ଼ା ସାରା ଓଡ଼ିଶାର ଲୋକ ଜାଣିବାର ସୁଯୋଗ ପାଉଥିଲେ ବିଧାନସଭା ଅଧିବେସନ ବା କୌଣସି ବିଷୟ ଉପରେ ଚର୍ଚ୍ଚାରେ, ଗୀତ ଗାଇ ସେ ସବୁକଥାକୁ ସୁନ୍ଦର ଭାବରେ ଲୋକଲୋଚନକୁ ଆଣୁଥିଲେ। ଓଡ଼ିଶାର ଇତିହାସ ବିଷୟରେ ମୁଁ ତାଙ୍କଠାରୁ ବହୁକଥା ଜାଣିବାକୁ ପାଇଛି ବିଭିନ୍ନ ସମୟରେ। ୨୦୧୯ ରେ ବିଧାୟକ ଭାବେ ନିର୍ବାଚନ ଜିତିଲା ପରେ ତାଙ୍କୁ ତାଙ୍କ ଘରେ ମୁଁ ଭେଟିଲା ବେଳେ ସେ ମୋତେ କହିଲେ ଏଥର ଭଦ୍ରକରେ ବିଶ୍ୱ ବିଦ୍ୟାଳୟର ଓ ମେଡିକାଲ କଲେଜକୁ କେହି ଅଟକାଇ ପାରିବେ ନାହିଁ। ଆରମ୍ଭରୁ ଜଣେ ବିରୋଧି ଦଳ ସଦସ୍ୟ ହିସାବରେ ସ୍ୱରକୁ ଶାଣିତ କଲେ କିନ୍ତୁ ତାଙ୍କ ସମୟରେ ସମ୍ଭବ ହୋଇପାରିଲା ନାହିଁ। କୋଭିଡ଼ ମହାମାରୀ ସମୟରେ ତାଙ୍କ ସହିତ ଟିକେ ଅଧିକ ସମୟ କାଟିବାକୁ ସୁଯୋଗ ପାଇଲି। ସବୁଆଡ଼େ ବନ୍ଦ ସେଥିପାଇଁ ମୁଁ ଘରୁ ବାହାରି ସନ୍ଧ୍ୟା ସମୟରେ ତାଙ୍କ ପାଖରେ ବସେ ଓ ବିଭିନ୍ନ ବିଷୟରେ ଚର୍ଚ୍ଚା କରେ। ଲୋକସଭାର ଜଣେ ସଦସ୍ୟାଙ୍କର Youtubeରେ ପାରଦର୍ଶିତା ଦେଖି ସେ ଇଛା କରିଥିଲେ ଯେ ମୁଁ ଆଉ ବିଧାନସଭା ଲଢ଼ିବି ନାହିଁ ବରଂ ଆସନ୍ତା ନିର୍ବାଚନରେ ଲୋକସଭା ଯିବି ଓ ଅଟଳ ବିହାରୀ ବାଜପେୟୀଙ୍କ ଭଳି ଈରସ୍ୱସ୍ୱ Best Parliamentarian ହେବାପାଇଁ ଚେଷ୍ଟା କରିବି। ଦିନେ ସନ୍ଧ୍ୟା ସମୟରେ ମୁଁ ଭଦ୍ରକରେ ତତ୍କାଳୀନ ଏସ୍‌ପିଙ୍କୁ



ଗୋଟିଏVehicle Pass, ଭୁବନେଶ୍ୱର ଯିବାପାଇଁ ମୋ ପାଇଁ Phone କରିବା ପାଇଁ କହିଲି ତୁରନ୍ତ Phone କଲେ ଓ କହିଲେ ଗୋଟିଏ Application ନେଇକି ଯା ସେ Pass କରିଦେବେ। ମୁଁ ବିଷ୍ଣୁ ଭାଇଙ୍କ ପାଖରୁ ଗୋଟିଏ କାଗଜ ଆଣି ତାଙ୍କ ସାମ୍ନାରେ Englishରେ ଦରଖାସ୍ତ ଲେଖିଲି ଓ ତାଙ୍କୁ ଦେଖାଇଲି। ସେ ଦରଖାସ୍ତ ଦେଖି ମୋତେ କହିଲେ ଏଥିପାଇଁ ତୋ ବାପା ରାଜନୀତିରେ Sucess ହେଲେନାହିଁ, ତୋର ମଧ୍ୟ ସେଇୟା ହେବ। କାହିଁକି ନା ମୁଁ ସେ ଚିଠିରେ କୌଣସି Medical Ground ଲେଖିନଥିଲି ବରଂ ଲେଖିଥିଲି ମୋର ଭୁବନେଶ୍ୱର ଘରେଥିବା ଛାତ ଉପରେ ଓ ଘରତଳେ ଥିବା ଗଛ ଗୁଡ଼ିକ ଖରାଦିନରେ ପାଣି ଅଭାବରୁ ମରିଯିବେ ତେଣୁ ମୁଁ ଯାଇଁ ତାର ରକ୍ଷଣା ବେକ୍ଷଣ ପାଇଁ ଯିବି। ସେ ଦରଖାସ୍ତଟିକୁ ଦେଖିଲେ ମୋତେ କୌଣସି ପରିବର୍ତ୍ତନ କରିବା ପାଇଁ ମଧ୍ୟ କହିଲେ ନାହିଁ। ସେ ଦରଖାସ୍ତ ନେଇ SPଙ୍କ ପାଖକୁ ଗଲି ଓ SP କହିଲେ ବିଷ୍ଣୁ ବାବୁ କହିଛନ୍ତି ମୁଁ Pass ଦେଉଛି। କିନ୍ତୁ ଏଇଟା ଗୋଟିଏ Ground ନୁହେଁ। ତାଙ୍କ ଦେହ ଅବସାନର ଆଠ ଦିନ ପୂର୍ବରୁ AIIMS ଯାଇ ତାଙ୍କ ସହିତ ପାଖପାଖି ଦେଢ଼ ଘଣ୍ଟା ବିତେଇଲି ସେଠି ଉର୍ମିଳା ଭାଉଜ ଓ ତାଙ୍କ ଝିଅ ମଧ୍ୟ ଥାଆନ୍ତି। ବହୁ ବିଷୟରେ ଚର୍ଚ୍ଚା ହେଲା। ସେ ସେଦିନ ମଧ୍ୟ ମୋତେ କହିଲେ ତୁ ଏଥର ବିଜେପିର ମିଶିଯା ଏଥର ଆମର ସରକାର ନିଶ୍ଚିତ ହେବ ବୋଲି ଦୃଢ଼ୋକ୍ତି (ବିଧାୟକ) ପ୍ରକାଶ କରିଥିଲେ। ମୁଁ ତାଙ୍କୁ କହିଲି ଆପଣ ମୋର ଟିକେଟ କରେଇଲେ ତ ତାହେଲେ ମୁଁ ଆପଣଙ୍କ ଭରସାରେ Medicalରୁ Discharge ହେବାପରେ ମିଶିବି। କିନ୍ତୁ ବିଧିର ବିଧାନ ଅଲଗା ଥିଲା। ମୁଁ ଭୁବନେଶ୍ୱରରେ ଥିଲି ସକାଳୁ ଶୁଣିଲି ବିଷ୍ଣୁ ଭାଇ ଚାଲିଗଲେ ଅବିଳମ୍ବେ AIIMS ରେ ପହଞ୍ଚିଲା ବେଳକୁ ଦେଖିଲି ସବୁ ଦଳର ନେତା ସବୁ Media Channel ସେଠି ପହଞ୍ଚିବାକୁ ଆରମ୍ଭ କଲେ। ତାଙ୍କ ଶେଷ ଇଛାକୁ ସମ୍ମାନ ଜଣାଇ ବିଜେପିରେ ଗତ ନିର୍ବାଚନ ଆଗରୁ ତାଙ୍କର ପୁତ୍ର ସୂର୍ଯ୍ୟବଂଶୀର ସୁରଜଙ୍କର ପ୍ରଚେଷ୍ଟାରେ ଦଳରେ ମିଶିଲି। ଜନନେତା ସମ୍ବୋଧନ କରିବାର ତାତ୍ପର୍ଯ୍ୟ ହେଲା ତାଙ୍କ ପାଖରେ ମହାତ୍ମା ଗାନ୍ଧୀଙ୍କର ସର୍ବୋଦୟ ପନ୍ଥାରେ କାର୍ଯ୍ୟ କରିବାର ପ୍ରବଳ ଇଛା ଶକ୍ତି ଥିଲା। କ୍ଷମତା ଥାଉ ନଥାଉ ଜଣେ ଜ୍ଞାନୀ ସାହିତ୍ୟିକ ଓ ବାଗ୍ମୀ ହିସାବରେ ରାଜନୈତିକ ବ୍ୟକ୍ତି ହିସାବରେ ବିରଳ ଥିଲେ। ତାଙ୍କର ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକିରେ ତାଙ୍କର ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରୁଛି।

ବିଷ୍ଣୁ ଭାଇ ଅମର ରହେ।


ଭଦ୍ରକ

# ଶୁକ୍ର ପ୍ରଦକ୍ଷିଣ ଯାନ ପଠାଇବ ଭାରତ

## ଖର୍ଚ୍ଚ ହେବ ୧୨୩୬ କୋଟି ଟଙ୍କା



**ନୂଆଦିଲ୍ଲୀ, ୧୮।୯ :** ଭାରତର ମହାକାଶ ଅନ୍ୱେଷଣ ଅଭିଯାନକୁ ଆଉ ଏକ ଲମ୍ବଡିଆଁ ଦେଇ ଭାରତ ସରକାର ପୃଥିବୀର ନିକଟତର ଗ୍ରହ ଶୁକ୍ର ପ୍ରଦକ୍ଷିଣ ଅଭିଯାନ ବା ଭେନସ୍ ଅର୍‌ବିଟର୍ ମିଶନ (ଭୋମ)କୁ ମଂଜୁରୀ ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟରେ ଏ ସଂକ୍ରାନ୍ତ ପ୍ରସ୍ତାବ ଅନୁମୋଦନ ଲାଭ କରିଛି। ଏହି ଅଭିଯାନରେ ଭାରତର ଏକ ବୈଜ୍ଞାନିକ ଯାନ ପୃଥିବୀର ପଡ଼ୋଶୀ ଶୁକ୍ର ଗ୍ରହ ଚାରିପଟେ ପ୍ରଦକ୍ଷିଣ କରିବ। ଏହି ଯାନ ଶୁକ୍ର ଗ୍ରହର ପୃଷ୍ଠ, ପୃଷ୍ଠତଳ, ବାୟୁମଣ୍ଡଳ, ଏହା ଉପରେ ସୂର୍ଯ୍ୟଙ୍କ ପ୍ରଭାବ ଆଦି ସଂପର୍କରେ ଅନୁସନ୍ଧାନ କରିବ।

ଭାରତର ମହାକାଶ ମନ୍ତ୍ରଣାଳୟ ତରଫରୁ ଏହି ଅଭିଯାନ ଆରମ୍ଭ ହେବ। ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ୨୦୨୮ ମାର୍ଚ୍ଚ ମାସରେ ଶୁକ୍ରଯାନ ମହାକାଶକୁ ଉତ୍‌କ୍ଷେପିତ ହେବ। ଏହି ଅଭିଯାନରେ ମୋଟ ୧୨୩୬ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିରୁ ୮୨୪ କୋଟି ଟଙ୍କା ଶୁକ୍ର ପ୍ରଦକ୍ଷିଣ ପାଇଁ ଯାନ ତିଆରିରେ ଖର୍ଚ୍ଚ ହେବ। ଭାରତର ମହାକାଶ ଗବେଷଣା ସଂସ୍ଥା ବା ଇସ୍ରୋ ଏହି ଯାନ ତିଆରି ଓ ଉତକ୍ଷପେଣର ଦାୟିତ୍ୱ ନେବ। ଏଯାବତ ଜଣାଥିବା ତଥ୍ୟ ଅନୁସାରେ ଏକଦା ଶୁକ୍ର ଜୀବଜଗତ ପାଇଁ ବାସୋପଯୋଗୀ ଥିଲା। ମାତ୍ର, ଇତିମଧ୍ୟରେ ଏଥିରେ ଅନେକ କିଛି ପରିବର୍ତ୍ତନ ଘଟିଛି। ଏହାକୁ ପୃଥିବୀ ଯାଆଁଳା ଭାଇ କୁହାଯାଏ। କାରଣ ଏହା ପୃଥିବୀର ସବୁଠୁ ନିକଟତର ଗ୍ରହ। ଶୁକ୍ର ସଂପର୍କରେ ଅନୁସନ୍ଧାନରୁ ଅନେକ ଉପାଦେୟ ତଥ୍ୟ ମିଳିବାର ସମ୍ଭାବନା ରହିଛି। ଗ୍ରହଗୁଡ଼ିକର ସୃଷ୍ଟି, ପୃଥିବୀ ଓ ଶୁକ୍ରର ବିକାଶ ସଂପର୍କରେ ମିଳିବାକୁ ଥିବା ତଥ୍ୟ ସବୁ ବିଜ୍ଞାନ ଜଗତରେ ପ୍ରସାରିତ ହେବ। ଏହା ମଣିଷ ସମାଜ ପାଇଁ ଏକ ନୂଆ ପ୍ରଗତି ଆଣିବ। ଏହା ବ୍ୟତିତ ଏହି ପ୍ରକଳ୍ପ ଜରିଆରେ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଶୁକ୍ରଯାନ ଓ ଏହାର ଉତକ୍ଷେପଣ ଯାନ ତିଆରି ପାଇଁ ବହୁ ଶିଳ୍ପ ସଂସ୍ଥାଙ୍କ ସଂପୃକ୍ତି ଆବଶ୍ୟକ। ଏଥିପାଇଁ ମଧ୍ୟ ଅନେକ ଗବେଷଣା ସଂସ୍ଥାର ସହଯୋଗ ଦରକାର। ବିଜ୍ଞାନ ଓ ପ୍ରଯୁକ୍ତିର ଛାତ୍ର ଓ ଗବେଷକଙ୍କ ପାଇଁ ଏହା ଅନେକ ସୁଯୋଗ ସୃଷ୍ଟି କରିବ।ପୂର୍ବରୁ ଭାରତ ଚନ୍ଦ୍ର ଓ ମଙ୍ଗଳକୁ ଯାନ ପଠାଇ ସାରିଛି। ଶୁକ୍ର ପ୍ରଦକ୍ଷିଣ ଅଭିଯାନ ସଫଳ ହେଲେ ଭାରତ ବିଶ୍ୱର ଏକ ସମ୍ଭ୍ରାନ୍ତ ବର୍ଗରେ ସ୍ଥାନ ପାଇବ।



# ସିରିଏଲ୍ ପେଜର୍ ବ୍ଲାଷ୍ଟ, ମୃତ୍ୟୁ ସଂଖ୍ୟା ୧୧କୁ ବୃଦ୍ଧି

**ବିରୁଟ୍, ୧୮।୯ :** ଲେବାନନରେ ସିରିଏଲ୍ ବ୍ଲାଷ୍ଟ। ପେଜର୍ ବିସ୍ଫୋରଣରେ ମୃତ୍ୟୁସଂଖ୍ୟା ୧୧କୁ ବୃଦ୍ଧି ପାଇଛି। ପ୍ରାୟ ୨୮ ଶହରୁ ଅଧିକ ଆହତ ହୋଇଛନ୍ତି। ଶତାଧିକ ଗୁରୁତର ଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।

ଗତକାଲି ଲୋକଙ୍କ ପକେଟ୍‌ରେ ଥିବା ପେଜରରେ ହଠାତ୍ ବିସ୍ଫୋରଣ ହୋଇଥିଲା। ଜଣେ କି ଦୁଇ ଜଣ ନୁହେଁ, ଶହ ଶହ ଲୋକଙ୍କ ପକେଟ୍‌ରେ ଏକାସଙ୍ଗେ ହୋଇଥିଲା ବିସ୍ଫୋରଣ। ଏଥିପାଇଁ ହିଜବୁଲ୍ଲା ପକ୍ଷରୁ ଇସ୍ରାଏଲକୁ ଦାୟୀ କରାଯାଇଛି। ଇସ୍ରାଏଲ ପକ୍ଷରୁ ପେଜରକୁ ହ୍ୟାକ୍ କରି ବିସ୍ଫୋରଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ଲେବାନନରେ ଜାରି ହୋଇଛି ହାଇଆଲର୍ଟ। ଲୋକଙ୍କୁ ପେଜର ବ୍ୟବହାର ନକରିବାକୁ କୁହାଯାଇଛି। ପେଜର ହେଉଛି ଏକ ଇଲେକ୍ଟ୍ରୋନିକ୍ସ ଡିଭାଇସ। ମେସେଜ୍ ପଠାଇବା ଏବଂ ପଢ଼ିବା ପାଇଁ ଏହାକୁ ବ୍ୟବହାର କରାଯାଇଥାଏ। ରେଡିଓ ସିଗନାଲ୍ ଦ୍ୱାରା ଏହା ମେସେଜ୍ ରିସିଭ୍ କରିଥାଏ। ମୋବାଇଲ୍ ନଥିବା ବେଳେ ଏହାର ବହୁଳ ବ୍ୟବହାର ହେଉଥିଲା।

୧୯୯୦ ଦଶକରେ ବେଶ୍ ଲୋକପ୍ରିୟ ଥିଲା ପେଜର। ବିଶେଷ କରି ଡାକ୍ତର, ବ୍ୟବସାୟୀ ଏବଂ ଜରୁରୀ ସେବା ସହ ଜଡିତ ବ୍ୟକ୍ତି ଏହାକୁ ବ୍ୟବହାର କରୁଥିଲେ।

# ଭାରତ ପାଇଁ ଚିନ୍ତା | ଅରୁଣାଚଳ ସୀମାରେ ଚୀନର ନୂଆ ହେଲିପୋର୍ଟ

**ନୂଆଦିଲ୍ଲୀ, ୧୮।୯ :** ଚୀନ ସୀମାକୁ ଲାଗିଥିବା ପୂର୍ବ ଅରୁଣାଚଳ ପ୍ରଦେଶର ନିକଟରେ ଚୀନ ଏକ ନୂତନ ହେଲିପୋର୍ଟ ନିର୍ମାଣ କରିଛି। ଏହା ଭାରତ ପାଇଁ ଚିନ୍ତାର କାରଣ ହୋଇଛି। ଅରୁଣାଚଳକୁ ସବୁ ବେଳେ ନିଜର ବୋଲି ଦାବି କରି ଆସୁଥିବା ଚୀନ ଅତୀତରେ ଅରୁଣାଚଳ ପ୍ରଦେଶରେ ବାରମ୍ବାର ଅନୁପ୍ରବେଶ କରିଛି। ୧୯୬୨ରେ ଚୀନ ଏହାର ଏକ ବିରାଟ ଅଞ୍ଚଳ ନିଜ ଦଖଲକୁ ନେଇଯାଇଛି। ବାକି ଅଞ୍ଚଳକୁ ମଧ୍ୟ ନେବା ପାଇଁ ଚୀନ ସବୁ ବେଳେ ଯୋଜନା କରୁଛି। ଅରୁଣାଚଳ ପ୍ରଦେଶ ସୀମାରେ ଚୀନ ସେନା ସବୁ ବେଳେ ଜାଗତିଆର ରହିଛି। ଏହାକୁ ଦୃଷ୍ଟିରେ ରକି ଭାରତୀୟ ସେନା ମଧ୍ୟ ଅରୁଣାଚଳରେ ଚୀ ସେନାର ଅନୁପ୍ରବେଶ ରୋକିବାକୁ ପ୍ରସ୍ତୁତ ରହିଛି। ସାଟେଲାଇଟ ଚିତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପୂର୍ବ ଅରୁଣାଚଳ ସୀମା ଏଲଏସିର ୨୦ କିମି ଭିତରେ ଚୀନ ସେନା ଏହି ହେଲିପୋର୍ଟ ନିର୍ମାଣ କରିଛି। ଏହି ଦୁର୍ଗମ ଅଞ୍ଚଳରେ ଆବଶ୍ୟକ ସ୍ଥଳେ ସେନା ପାଇଁ ଅତ୍ୟାବଶ୍ୟକ ସାମଗ୍ରୀକୁ ଆଣି ମହଜୁଦ ରଖାଯାଇପାରିବ। ଭବିଷ୍ୟତରେ ଭାରତ ସହିତ ସମ୍ଭାବ୍ୟ ଯୁଦ୍ଧ ଲାଗି ଚୀନର ଏହା ପ୍ରାକ୍ ପ୍ରସ୍ତୁତି ବୋଲି କୁହାଯାଉଛି। ଏହି ହେଲିପୋର୍ଟ ଗର୍ଙ୍ଗିଗାବୁ ନଦୀ କୂଳରେ ଅବସ୍ଥିତ। ୨୦୨୩ ଡିସେମ୍ବର ୧ରେ ମିଳିଥିବା ସାଟେଲାଇଟ ଚିତ୍ରରେ ଏହି ହେଲିପୋର୍ଟ ନଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଆସିଥିବା ଫଟୋରେ ଏହି ନିର୍ମାଣ ସ୍ପଷ୍ଟ ଦେଖାଯାଉଛି। ଅର୍ଥାତ ମାତ୍ର କିଛି ମାସ ଭିତରେ ଚୀନ ଏହାକୁ ନିର୍ମାଣ କରିଛି। ଗତ ୧୬ ତାରିଖରେ ଆସିଥିବା ସାଟେଲାଇଟ ଚିତ୍ରରୁ ଏହି ନିର୍ମାଣ ଅତ୍ୟାଧୁନୀକ ଜ୍ଞାନ କୌଶଳରେ ହୋଇଥିବା ଜଣାଯାଇଛି। ,ହି ହେଲିପୋର୍ଟ ମାଧ୍ୟମରେ ଚୀନ ସେନା ସୀମାରେ ଏହାର ସର୍ଭିଲେନ୍ସ ବଢ଼ାଇପାରିବ। ଏଲଏସିରେ ଭାରତୀୟ ସେନାର ଗତିବିଧି ଉପରେ ଏହା ତୀକ୍ଷ୍ଣ ନଜର ରଖିପାରିବ।



# ଜମ୍ମୁ-କଶ୍ମୀରରେ ପ୍ରଥମ ପର୍ଯ୍ୟାୟ ଭୋଟ୍

**ଶ୍ରୀନଗର, ୧୮।୯:** ଭୋଟ୍ ଦେଉଛି ଜମ୍ମୁ କଶ୍ମୀର। ସମ୍ବିଧାନର ଧାରା ୩୭୦ ଉଚ୍ଛେଦ ପରେ ପ୍ରଥମ ଥର ଜମ୍ମୁ ଓ କଶ୍ମୀରରେ ହେଉଛି ବିଧାନସଭା ନିର୍ବାଚନ। କଡ଼ା ସୁରକ୍ଷା ଭିତରେ ଆରମ୍ଭ ହୋଇଛି ମତଦାନ। ସକାଳୁ ସକାଳୁ ବିଭିନ୍ନ ବୁଥରେ ଭୋଟରଙ୍କ ଭିଡ଼ ଲାଗିଲାଣି। ପ୍ରାୟ ୧୦ ବର୍ଷ ପରେ ଏଠାରେ ବିଧାନସଭା ନିର୍ବାଚନ ହେଉଛି।

### ୨୪ ସିଟ୍‌ରେ ମତଦାନ

୯୦ ଆସନ ମଧ୍ୟରୁ ଆଜି ପ୍ରଥମ ପର୍ଯ୍ୟାୟରେ ୭ ଜିଲ୍ଲାର ୨୪ ସିଟରେ ମତଦାନ ନିଆଯାଉଛି। ଏହା ଭିତରେ ରହିଛି କଶ୍ମୀର ଡିଭିଜନ ଅନ୍ତର୍ଗତ ପୁଲୱାମା, ସୋପିଆନ୍, ଅନନ୍ତନାଗ, କୁଲଗାଁଓର ୧୬। ସେହିପରି ଜମ୍ମୁ ଡିଭିଜନର ରାମବନ, କିସ୍ତୱାଡ଼ା ଓ ଡୋଡାର ୮ ବିଧାନସଭା ସିଟ୍। ମୋଟ୍ ୨୧୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୨୩ ଲକ୍ଷ ୨୭ ହଜାର ଭୋଟର। ଏଥିପାଇଁ ମୋଟ୍ ୩ହଜାର ୨୭୬ ବୁଥ୍ କରାଯାଇଥିବା ବେଳେ ୧୪ହଜାର ପୋଲିଂ କର୍ମଚାରୀ ନିୟୋଜିତ ଅଛନ୍ତି।

ଦ୍ୱିତୀୟ ପର୍ଯ୍ୟାୟ ସେପ୍ଟେମ୍ବର ୨୫ରେ ଓ ଶେଷ ତଥା ତୃତୀୟ ପର୍ଯ୍ୟାୟ ଭୋଟ୍ ଅକ୍ଟୋବର ୧ରେ ହେବ। ଆସନ୍ତା ଅକ୍ଟୋବର ୮ ତାରିଖରେ ଜଣାପଡିବ କିଏ ମାରିବ ବାଜି। ଧାରା ୩୭୦ର ଉଚ୍ଛେଦ ପରେ ଜମ୍ମୁ କଶ୍ମୀର ବିଧାନସଭା ନିର୍ବାଚନ ବିଜେପି ପାଇଁ ଲିଟମସ୍ ଟେଷ୍ଟ। ସେଠାରେ କଂଗ୍ରେସ ଓ ଏନସି ମେଣ୍ଟ ବିଜେପି ବିରୋଧରେ ନିର୍ବାଚନ ଲଢୁଛି।

# ଲଗାଣ ବର୍ଷା ଯୋଗୁ ଭୁଶୁଡ଼ିଲା ବିଲ୍ଡିଂ



**ନୂଆଦିଲ୍ଲୀ, ୧୮।୯ :** ରାଜଧାନୀ ଦିଲ୍ଲୀରେ ଲଗାଣ ବର୍ଷା ହେଉଥିବା ବେଳେ ଭୁଶୁଡ଼ିଲା ବିଲ୍ଡିଂ । ଆଉ ଏହା ତଳେ ଚାପି ହୋଇ ଯାଇଛନ୍ତି ବହୁ ଲୋକ । ଏପରି ଏକ ଅଘଟଣ ଆଜି ସକାଳେ ଘଟିଛି। ଖବର ପାଇ ଦିଲ୍ଲୀ ଅଗ୍ନିଶମ ବିଭାଗର ୫ଟି ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଛି। ଏହାପରେ ତୁରନ୍ତ ଆରମ୍ଭ ହୋଇଛି ରେସକ୍ୟୁ ଅପରେସନ । ଉକ୍ତ ସମୟରେ ବହୁ ଲୋକ ବିଲ୍ଡିଂରେ ଥିବା ବେଳେ ସେମାନେ ତା' ତଳେ ଚାପି ହୋଇ ରହିଥିବା ଅନୁମାନ କରାଯାଉଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କାହାକୁ ଉଦ୍ଧାର କରାଯାଇ ପାରି ନ ଥିବା ଜଣାଯାଇଛି। ଗତ ମାସରେ ବି ରାଜଧାନୀ ଦିଲ୍ଲୀରେ ଏପରି ଏକ ଘଟଣା ଘଟିଥିଲା। ପୁନଃନିର୍ମାଣ ନିମନ୍ତେ ନଷ୍ଟ କରାଯାଉଥିବା କିଛି ବିଲ୍ଡିଂ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଥିଲେ।

# ବିସର୍ଜନ ବେଳେ ଗଣେଶଙ୍କୁ ପଥର ମାଡ଼

### ଦୁଇ ଗୋଷ୍ଠୀ ମୁହାଁମୁହିଁ

**ମୁମ୍ବାଇ, ୧୮।୯ :** ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ହିଂସା। ଗଜାନନଙ୍କ ଉପରକୁ ହେଲା ପଥର ମାଡ଼। ମୁହାଁମୁହିଁ ହେଲେ ଦୁଇ ଗୋଷ୍ଠୀ। ଏଥିରେ ଅନେକ ଲୋକ ଆହତ ହୋଇଛନ୍ତି। ପୁଲିସ ଲାଠିଚାର୍ଜ କରିଛି। ମହାରାଷ୍ଟ୍ର ଥାଣେ ଜିଲ୍ଲାର ଭିଓ୍ୱଣ୍ଡିରେ ଘଟିଛି ଏଭଳି କିଛି ହିଂସାକାଣ୍ଡ। ଗତକାଲି ମହାରାଷ୍ଟ୍ର ଥାଣେ ଜିଲ୍ଲାର ଭିଓ୍ୱଣ୍ଡିରେ ଗଣେଶ ବିଜର୍ସନ କାର୍ଯ୍ୟକ୍ରମ ଥିଲା। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମଧ୍ୟ ମୋହନଲା କମିଟି ଏବଂ ପୁଲିସ ବଞ୍ଜାରପାଟୀ ଛକରେ ଥିବା ହିନ୍ଦୁସ୍ତାନୀ ମସଜିଦ ବାହାରେ ଏକ ମଣ୍ଡପ ନିର୍ମାଣ କରି ଗଣେଶ ମଣ୍ଡଳକୁ ସ୍ୱାଗତ କରୁଥିଲେ। ତେବେ ରାତି ପ୍ରାୟ ୧୨ଟା ସମୟରେ ଭଗବାନ ଗଣେଶଙ୍କୁ ଘୁଙ୍ଗହାଟ ନାଗରରୁ କାମୱାରୀ ନଦୀକୁ ବିସର୍ଜନ ପାଇଁ ନିଆଯାଉଥିଲା।

## ବଢ଼ିବ ବାୟୁସେନାର ଶକ୍ତି

**ନୂଆଦିଲ୍ଲୀ, ୧୮।୯ :** ଅକ୍ଟୋବର ଶେଷ ସୁଦ୍ଧା ଭାରତୀୟ ବାୟୁସେନାରେ ସାମିଲ ହେବ ତେଜସର ଅପଗ୍ରେଡେଡ୍ ଭର୍ସନ ଏମକେ-ୱାନ ଏ । ତେଜସର ଏହି ଅତ୍ୟାଧୁନିକ ଯୁଦ୍ଧ ବିମାନ ସେନାରେ ସାମିଲ ହେଉଥିବା ଶୁଣି ଶତ୍ରୁରାଷ୍ଟ୍ର ପାକିସ୍ତାନ ଓ ଚୀନ ମଧ୍ଯରେ ଛନକା ପଶିଛି। ଆସନ୍ତା ମାସରେ ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ୍ ପକ୍ଷରୁ ବାୟୁସେନାକୁ ତେଜସ ୪ର୍ଥ ପୀଢ଼ିର ୮୩ଟି ଲଢୁଆ ଏମକେ-ୱାନ ଏ ଯୁଦ୍ଧ ବିମାନ ଯୋଗାଇ ଦିଆଯିବ। ତେଜସ୍ ଯୁଦ୍ଧ ବିମାନ ହେଉଛି ଭାରତୀୟ ବାୟୁସେନାର ସ୍ୱଦେଶୀ ମାରାତ୍ମକ ଅସ୍ତ୍ର ଭାରତୀୟ ବାୟୁସେନାର ତେଜସ୍ ବର୍ତ୍ତମାନ ଅଧିକ ମାରାତ୍ମକ, ଅଧୁକ ଶକ୍ତିଶାଳୀ ଏବଂ ଅଧିକ ମାରାତ୍ମକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇଛି। ବାୟୁସେନାରେ ସାମିଲ ହେବା ପୂର୍ବରୁ ଏହି ଯୁଦ୍ଧବିମାନ ଉପରେ ଅଧିକ ପରୀକ୍ଷା ନିରୀକ୍ଷା ଚାଲିଛି। ଯୁଦ୍ଧର କଠିନ ସମୟରେ, ଖରାପ ପାଣିପାଗରେ କିପରି ଏହା ଶତ୍ରୁମାନଙ୍କୁ ଚକମା ଦେଇ ଟାର୍ଗେଟକୁ ବିଧ୍ୱଂସ କରିପାରିବ ସେନେଇ ଏହାକୁ ପ୍ରସ୍ତୁତ କରାଯାଉଛି।



# ଚାକିରି ପାଇଁ ଜମି ମାମଲା ; ତେଜ ପ୍ରତାପଙ୍କ ନାଁରେ ସମନ୍

**ନୂଆଦିଲ୍ଲୀ, ୧୮।୯ :** ଆରଜେଡି ମୁଖ୍ୟ ତଥା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ଅଡୁଆ ବଢ଼ିଲା। ଚାକିରି ପାଇଁ ଜମି ଦୁର୍ନୀତି ମାମଲାରେ ପୂର୍ବରୁ ଲାଲୁଙ୍କ ସମେତ ତାଙ୍କ ପରିବାରର ଅନ୍ୟ ସଦସ୍ୟ ଫସିଥିବା ବେଳେ ଏଥର ଏଥିରେ ସାମିଲ ହୋଇଛି ତେଜପ୍ରତାପ ଯାଦବଙ୍କ ନାଁ। ଲାଲୁଙ୍କ ବଡ଼ ପୁଅ ତେଜ ପ୍ରତାପଙ୍କ ନାଁରେ ପ୍ରଥମ ଥର ପାଇଁ ଜାରି ହୋଇଛି ସମନ । ଆସନ୍ତା ୭ ତାରିଖରେ ଏହି ମାମଲାର ଶୁଣାଣି ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ । ଉକ୍ତ ଦିନ ଲାଲୁ ଯାଦବଙ୍କ ସମେତ ତାଙ୍କ ପରିବାରର ୮ ଜଣ ହାଜିର ହେବାକୁ କୋର୍ଟ ସମନ ଜାରି କରିଛନ୍ତି। ଏହି ମାମଲାରେ ଲାଲୁଙ୍କ ସମେତ ତାଙ୍କ ଦୁଇ ପୁଅ ତେଜସ୍ୱୀ ଯାଦବ ଓ ତେଜ ପ୍ରତାପ ଯାଦବଙ୍କୁ ଅଭିଯୁକ୍ତ ଭାବେ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଇଡି ନିଜ ଚାର୍ଜଶିଟ୍‌ରେ ତେଜପ୍ରତାପଙ୍କ ନାଁ ସାମିଲ କରି ନ ଥିଲା। ମାତ୍ର ଚାକିରି ପାଇଁ ଜମି ଦୁର୍ନୀତି ମାମଲାରେ ତେଜ ପ୍ରତାପଙ୍କ ଭୂମିକାକୁ ଏଡ଼ାଇ ଦିଆଯାଇ ପାରିବନି କହି ତାଙ୍କ ନାଁରେ ସମନ ଜାରି କରିଛନ୍ତି କୋର୍ଟ। ଚାକିରି ପାଇଁ ଜମି ଦୁର୍ନୀତି ଘଟଣାରେ ମାମଲା ଚାଲୁ କରିବାକୁ ପର୍ଯ୍ୟାପ୍ତ ପ୍ରମାଣ ଥିବା କହିଛନ୍ତି କୋର୍ଟ। କୋର୍ଟଙ୍କ କହିବାନୁଯାୟୀ, ଯାଦବ ପରିବାର କ୍ଷମତାରେ ଥିବା ବେଳେ ବହୁ ପରିମାଣର ଜମି ନିଜ ନାଁକୁ ଟ୍ରାନ୍ସଫର କରାଯାଇଛି। ଲାଲୁ ଯାଦବ ମନି ଲଣ୍ଡ୍ରିଂ ମାମଲାରେ ବି ସାମିଲ ଥିଲେ। ତେଜସ୍ୱୀଙ୍କ ବିରୋଧରେ ବି ପର୍ଯ୍ୟାପ୍ତ ପ୍ରମାଣ ଅଛି।ଚାକିରି ପାଇଁ ଜମି ଦୁର୍ନୀତି ମାମଲା ୨୦୦୪ରୁ ୨୦୦୯ ମସିହା ମଧ୍ୟରେ ଘଟିଛି। ରେଳ ମନ୍ତ୍ରୀ ଥିବା ବେଳେ ଲାଲୁ ଯାଦବ ନିଜ ପଦର ଅପବ୍ୟବହାର କରିଥିଲେ। ଜମି ବଦଳରେ ସେ ଗ୍ରୁପ ଡି ପୋଷ୍ଟରେ ବହୁ ଜଣଙ୍କୁ ଚାକିରିରେ ଭର୍ତ୍ତି କରାଇଥିଲେ।

### ନାମ୍ବିଆ ପରେ ଜିମ୍ବାୱେରେ ଖାଦ୍ୟ ସଙ୍କଟ

# ବଳି ପଡ଼ିବେ ୨୦୦ ହାତୀ

**ଜିମ୍ବାୱେ, ୧୮।୯ :** ନାମ୍ବିଆ ପରେ ଜିମ୍ବାୱେରେ ଭୀଷଣ ଖାଦ୍ୟ ସଙ୍କଟ। ଭୋକିଲା ଲୋକଙ୍କୁ ଖାଦ୍ୟ ଯୋଗାଇବାକୁ ମରାଯିବ ୨୦୦ ହାତୀ। ହାତୀ ଗଣହତ୍ୟାକୁ ଅନୁମତି ଦେଇଛନ୍ତି ଜିମ୍ବାୱେ ସରକାର। ହାତୀମାନଙ୍କୁ ମାରି ସେମାନଙ୍କ ମାଂସ ଭୋକ ଉପାସରେ ରହୁଥିବା ନାଗରିକଙ୍କୁ ଦିଆଯିବ। ଜିମ୍ବାୱେ ଦଶନ୍ଧି ମଧ୍ୟରେ ସବୁଠୁ ଭୟଙ୍କର ମରୁଡ଼ିର ମୁକାବିଲା କରୁଛି। ସମଗ୍ର ଦେଶରେ ଖାଦ୍ୟ ପାଇଁ ହାହାକାର ସୃଷ୍ଟି ହୋଇଛି। କ୍ଷୁଧାରେ ଛଟପଟ ହେଉଥିବା ଲୋକଙ୍କୁ ଖାଇବାକୁ ଦେବା ନିମନ୍ତେ ୨୦୦ ହାତୀ ମାରିବାକୁ ସରକାର ଅନୁମତି ଦେଇଛନ୍ତି। ଯାହାକୁ ନେଇ ବିଶ୍ୱବ୍ୟାପୀ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ପାଲଟିଛି।

ଜିମ୍ବାୱେ ପାର୍କ ଓ ବନ୍ୟପ୍ରାଣୀ ପ୍ରାଧୀକରଣର ମୁଖପାତ୍ର ଟିନାସେ ଫାରାଓ କହିଛନ୍ତି, ଦେଶର ପ୍ରାୟ ଅଧା ଜନସଂଖ୍ୟା ତୀବ୍ର କ୍ଷୁଧାର ସମ୍ମୁଖୀନ ହେଉଛନ୍ତି । ହାତୀ ମାରି ସେମାନଙ୍କୁ ଖାଇବାକୁ ଦେବାକୁ ଯୋଜନା କରାଯାଇଛି। ପଶୁ ଅଧିକାର କର୍ମୀ ଏବଂ ସଂରକ୍ଷକଙ୍କ ଦ୍ୱାରା ଏହି ପଦକ୍ଷେପକୁ ସମାଲୋଚନା କରାଯାଇଛି। ଜିମ୍ବାୱେରେ ପ୍ରାୟ ୮୪ ହଜାରରୁ ଅଧିକ ହାତୀ ରହୁଛନ୍ତି ବୋଲି ଫାରାଓ କହିଛନ୍ତି, ଯାହା ଏହାର କ୍ଷମତାର ପ୍ରାୟ ଦୁଇଗୁଣ। ଜିମ୍ବାୱେର ହାତୀ ସଂଖ୍ୟା ବିଶ୍ୱର ଦ୍ୱିତୀୟ ବୃହତ୍ତମ। ସେପଟେ ନାମ୍ବିଆରେ ୮୩ ହାତୀ ସହ ୭୦୦ ପଶୁଙ୍କୁ ମାରି ଖାଇବାକୁ ପାଉନଥିବା ଲୋକଙ୍କୁ ଦେବାକୁ ତିନି ସପ୍ତାହ ତଳେ ନିର୍ଦ୍ଦେଶ ନେଇଥିଲେ ଜିମ୍ବାୱେ ସରକାର।



# ଆତିଶୀ ୨୧ରେ ଶପଥ ନେବେ



**ନୂଆଦିଲ୍ଲୀ, ୧୮।୯ :** ଅରବିନ୍ଦ କେଜରିୱାଲଙ୍କ ସ୍ଥାନରେ ଆପ ବିଧାୟକ ଦଳର ନୂଆ ନେତା ଭାବେ ନିର୍ବାଚିତ ଆତିଶୀ ଆସନ୍ତା ୨୧ରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ଗତ କାଲି କେଜରିୱାଲ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଆତିଶୀ ନୂଆ ସରକାର ଗଠନ ନିମନ୍ତେ ଦାବି ଜଣାଇଥିଲେ। ଗତ କାଲି ପୂର୍ବାହ୍ନରେ ଆମ ଆଦମୀ ପାର୍ଟି ବିଧାୟକ ଦଳର ବୈଠକ ବସି ଆତିଶୀଙ୍କୁ ନେତା ନିର୍ବାଚିତ କରାଯାଇଥିଲା। ଆଜି ଦିଲ୍ଲୀ ଉପ-ରାଜ୍ୟପାଳ ଭି କେ ସାକ୍ସେନା କେଜରିୱାଲଙ୍କ ଇସ୍ତଫାପତ୍ରକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ପଠାଇ ଦେଇଛନ୍ତି। ଇସ୍ତଫାପତ୍ରକୁ ଗ୍ରହଣ କରିବା ସହ ଆତିଶୀଙ୍କୁ ଆସନ୍ତା ୨୧ରେ ଶପଥ ଗ୍ରହଣ ଲାଗି ଉରାଜ୍ୟପାଳ ରାଷ୍ଟ୍ରପତିଙ୍କୁ ସୁପାରିସ କରିଛନ୍ତି। ଆତିଶୀ ଦିଲ୍ଲୀର ତୃତୀୟ ମହିଳା ମୁଖ୍ୟମନ୍ତ୍ରୀ ହେବେ।

# କଂଗ୍ରେସର କୁକୁରଙ୍କୁ ଏଇଠି ପୋତି ଦେବୁ



### ବିଧାୟକଙ୍କ ବିବାଦୀୟ ବୟାନ

**ନୂଆଦିଲ୍ଲୀ, ୧୮।୯ :** କଂଗ୍ରେସ ନେତାଙ୍କ ଉପରେ ବର୍ଷିଲେ ବିଧାୟକ। ଦେଲେ ବିବାଦୀୟ ବୟାନ। କଂଗ୍ରେସ ନେତାଙ୍କୁ କୁକୁର ବୋଲି ସମ୍ବୋଧନ କଲେ। ଏକନାଥ ସିନ୍ଦେଙ୍କ ଶିବସେନା ବିଧାୟକ ସଞ୍ଜୟ ଗାଏକ୍ୱାଡ ଆପତ୍ତିଜନକ ଭାଷା ବ୍ୟବହାର କରି କଂଗ୍ରେସକୁ ପୁଣି ଥରେ ଟାର୍ଗେଟ୍ କରିଛନ୍ତି। ନିକଟରେ ବିଧାୟକ ଗାଏକ୍ୱାଡ ଗଣମାଧ୍ୟମ ସହ କଥାବାର୍ତ୍ତା କରିବା ବେଳେ ବିବାଦୀୟ ବୟାନ ଦେଇଛନ୍ତି। ସେ କହିଛନ୍ତି, 'ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ତାଙ୍କ ଜିଲ୍ଲାର ମହିଳାମାନଙ୍କ ପାଇଁ ସରକାରଙ୍କ 'ମୁଖମନ୍ତ୍ରୀ ଲାଡକି ବହିନ ଯୋଜନା' ବିଷୟରେ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଯଦି କୌଣସି କଂଗ୍ରେସର କୁକୁର ଏହି କାର୍ଯ୍ୟକ୍ରମରେ ପ୍ରବେଶ କରିବାକୁ ଚେଷ୍ଟା କରନ୍ତି, ତେବେ ମୁଁ ସେଠାରେ ସେମାନଙ୍କୁ ପୋତି ଦେବି। ତାଙ୍କୁ କବର ଦେଇଦେବି। ଶିବସେନା ବିଧାୟକଙ୍କ ଏହି ବିବାଦୀୟ ବୟାନର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହାପୂର୍ବରୁ ସଞ୍ଜୟ ଗାଏକ୍ୱାଡ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କୁ ନେଇ ମଧ୍ୟ ବିବାଦୀୟ ବୟାନ ଦେଇଥିଲେ। ଯିଏ ତାଙ୍କର ଜିଭ କାଟି ଆଣିବ ସେ ତାଙ୍କୁ ୧୧ ଲକ୍ଷ ଟଙ୍କା ଦେବେ ବୋଲି ଘୋଷଣା କରିଥିଲେ। ରାହୁଲ ଗାନ୍ଧିଙ୍କ ବିରୋଧରେ ଏଭଳି ବିବାଦୀୟ ବୟାନ ଦେଇଥିବାକୁ ନେଇ ପୁଲିସ ଗାଏକ୍ୱାଡଙ୍କ ବିରୋଧରେ ସୋମବାର ମାମଲା ରୁଜୁ କରିଛି। ପୂରା ମାମଲାର ତଦନ୍ତ ଜାରି ରଖିଛି ପୁଲିସ। ଶିବସେନା ବିଧାୟକଙ୍କ ଏହି ବିବାଦୀୟ ବୟାନର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହାପୂର୍ବରୁ ସଞ୍ଜୟ ଗାଏକ୍ୱାଡ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କୁ ନେଇ ମଧ୍ୟ ବିବାଦୀୟ ବୟାନ ଦେଇଥିଲେ। ଯିଏ ତାଙ୍କର ଜିଭ କାଟି ଆଣିବ ସେ ତାଙ୍କୁ ୧୧ ଲକ୍ଷ ଟଙ୍କା ଦେବେ ବୋଲି ଘୋଷଣା କରିଥିଲେ। ରାହୁଲ ଗାନ୍ଧିଙ୍କ ବିରୋଧରେ ଏଭଳି ବିବାଦୀୟ ବୟାନ ଦେଇଥିବାକୁ ନେଇ ପୁଲିସ ଗାଏକ୍ୱାଡଙ୍କ ବିରୋଧରେ ସୋମବାର ମାମଲା ରୁଜୁ କରିଛି। ପୂରା ମାମଲାର ତଦନ୍ତ ଜାରି ରଖିଛି ପୁଲିସ।

# ୭ ଦିନ ଭିତରେ ବଦଳିବ ଅରବିନ୍ଦ କେଜ୍ରିୱାଲଙ୍କ ଠିକଣା

**ନୂଆଦିଲ୍ଲୀ, ୧୮।୯ :** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଏବେ କ୍ୱାର୍ଟର ଛାଡ଼ିବାକୁ ଯାଉଛନ୍ତି ଅରବିନ୍ଦ କେଜ୍ରିୱାଲ । ମୁଖ୍ୟମନ୍ତ୍ରୀ ଥିବାବେଳେ ତାଙ୍କୁ ଯେଉଁ ସରକାରୀ ସୁବିଧା ମିଳୁଥିଲା ଏବେ ସେ ସବୁକୁ ଛାଡ଼ିବାକୁ ଯାଉଛନ୍ତି । ତେବେ କ୍ୱାର୍ଟର ଛାଡ଼ିବା ପରେ କେଉଁଠି ରହିବେ କେଜ୍ରିୱାଲ, ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ସୃଷ୍ଟି ହୋଇଥିବାବେଳେ ଆପ ନେତା ସଞ୍ଜୟ ସିଂ କହିଛନ୍ତି କି, ତାଙ୍କୁ ସୁରକ୍ଷା ଦିଆଯାଉ । ତାଙ୍କ ଜୀବନ ପ୍ରତି ବିପଦ ରହିଛି । ଅନ୍ୟପଟେ କେଜ୍ରିୱାଲ କହିଛନ୍ତି ମୋତେ କେବଳ ଭଗବାନ ରକ୍ଷା କରିବେ । ଏତେଦିନ ଜେଲରେ ରହିଲି । ବହୁ ଗୁଣ୍ଡା ଶ୍ରେଣୀର ଲୋକଙ୍କ ସହ ରହିଛି ଏଣୁ ମୋର କାହାକୁ ଭୟ କରିବାର ନାହିଁ। ମୋତେ କେବଳ ଭଗବାନ ରକ୍ଷା କରିବେ । ତେବେ ବିଜେପି ଲଗାତାର ଭାବେ କେଜ୍ରିୱାଲଙ୍କୁ ବଦନାମ କରିବା ପାଇଁ ବିଭିନ୍ନ ଯୋଜନାମାନ କରୁଥିବାବେଳେ ତାଙ୍କୁ ଜେଲରେ ଭର୍ତ୍ତି କରିଥିଲା । ଯାହାକୁ ନେଇ ଆପ ନେତାମାନେ ନିନ୍ଦା କରିଛନ୍ତି । ଅନ୍ୟପଟେ କେଜ୍ରିୱାଲ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାପରେ ଦିଲ୍ଲୀବାସୀ ବେଶ ଦୁଃଖ ପ୍ରକାଶ

# ଡାକ୍ତରଖାନାରେ ଚପଲ କାଢ଼ିବାକୁ ନେଇ ତୁମୂଳକାଣ୍ଡ



**ଗୁଜୁରାଟ, ୧୮।୯ :** ଏକ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତରଙ୍କୁ ରୋଗୀଙ୍କର ସମ୍ପର୍କୀୟ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ମେଡିକାଲର ଜରୁରୀକାଳୀନ ୱାର୍ଡରେ ଡ୍ୟୁଟି କରୁଥିବା ଜଣେ ଡାକ୍ତରଙ୍କୁ ଘୋଷାଡ଼ିବା ସହିତ କିଛି ଯୁବକ ମାଡ଼ ମାରିଥିବା ଭିଡିଓ ଏବେ ସାମ୍ନାକୁ ଆସିଛି। ଏହାକୁ ନେଇ ମେଡିକାଲ ପରିସରରେ ଉତ୍ତେଜନା ଦେଖିବାକୁ ମିଳିଛି।ସୂଚନା ଅନୁସାରେ, ଗତ ଶନିବାର ଭବନଗର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଜଣେ ମହିଳା ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ଉକ୍ତ ମହିଳାଙ୍କୁ ଦେଖା କରିବା ପାଇଁ ତାଙ୍କ ସମ୍ପର୍କୀୟ ଡାକ୍ତରଖାନାକୁ ଆସିଥିଲେ। ତେବେ ଡାକ୍ତରଖାନାର ଜରୁରୀକାଳୀନ ୱାର୍ଡରେ ପ୍ରବେଶ କରିବା ପରେ ଡାକ୍ତର ଜୟଦୀପ ସିଂ ଗୋହିଲ ରୋଗୀର ପରିବାର ସଦସ୍ୟଙ୍କୁ ଚପଲ କାଢ଼ିବାକୁ କହିଥିଲେ। ଯାହାକୁ ନେଇ ସେଠାରେ ପ୍ରବଳ ଯୁକ୍ତିତର୍କ ଆରମ୍ଭ ହୋଇଥିଲା ଏବଂ ପରେ କାର୍ଯ୍ୟରତ ଡାକ୍ତରଙ୍କ ଉପରେ ଆକ୍ରମଣ କରିଥିଲେ ୩ ଜଣ ଯୁବକ। ଏହି ଘଟଣାରେ ୱାର୍ଡରେ ରଖାଯାଇଥିବା ଔଷଧ ଏବଂ ଅନ୍ୟାନ୍ୟ ଉପକରଣ ମଧ୍ୟ ନଷ୍ଟ ହୋଇଯାଇଥିଲା। ଯାହାକୁ ନେଇ ମେଡିକାଲ ପରିସରରେ ଉତ୍ତେଜନା ଦେଖିବାକୁ ମିଳିଛି। ଏହି ଘଟଣାରେ ସଂପୃକ୍ତ ଥିବା ତିନି ଜଣ ଯୁବକକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକମାନେ ହେଲେ ହିରେନ ଡଙ୍ଗର, ଭବଦୀପ ଡଙ୍ଗର ଓ କୌଶିକ କୁଭାଦିଆ ବୋଲି ପୁଲିସ ସୂଚନା ଦେଇଛି।

## ଆଜିଠାରୁ ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜ

# ବିଜୟରୁ ନୂଆ ସିଜନ ଆରମ୍ଭ କରିବା ଭାରତର ଲକ୍ଷ୍ୟ

**ଚେନ୍ନାଇ, ୧୮।୯(ଏଜେନ୍ସି) :** ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି ଭାରତ-ବାଂଲାଦେଶ ଦୁଇଟିକିଆ ଟେଷ୍ଟ ସିରିଜର ପ୍ରଥମ ଟେଷ୍ଟ। ଚେପକ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଥିବା ଏହି ଟେଷ୍ଟ ହେବ ନୂଆ କ୍ରିକେଟ ସିଜନର ପ୍ରଥମ ମ୍ୟାଚ। ଏହି ମ୍ୟାଚରେ ବିଜୟ ହାସଲ କରି ଭାରତ ନୂଆ ସିଜନ ପଜିଟିଭ ନୋଟରେ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି। ଅନ୍ୟ ପକ୍ଷରେ ଭାରତ ବିରୋଧରେ ପ୍ରଥମ ଟେଷ୍ଟ ବିଜୟର ସ୍ୱାଦ ଚାଖିବାକୁ ବାଂଲାଦେଶ ମଧ୍ୟ ବେଶ ଆଶାବାଦୀ ଅଛି। ନିକଟରେ ପାକିସ୍ତାନ ବିପକ୍ଷରେ ୨-୦ରେ ଟେଷ୍ଟ ସିରିଜ ବିଜୟ ହାସଲ କରିଥିବା ବାଂଲାଦେଶ ଦଳର ମନୋବଳ ଏବଂ ଆତ୍ମବିଶ୍ୱାସ ଅଧିକ ରହିଛି। ଏହି ଟେଷ୍ଟରେ ବାସ୍ତବରେ ଘରୋଇ ଦଳ ହିଁ ଚାପରେ ଅଛି।

ଚେପକ ପିଚ ସାଧାରଣତଃ ପ୍ରଥମରୁ ବ୍ୟାଟ୍ସମ୍ୟାନଙ୍କୁ ସୁହାଇଥାଏ। ଶେଷ ଦୁଇ ଦିନରେ ଏଠାରେ ସ୍ପିନରଙ୍କୁ ସହାୟତା ମିଳିଥାଏ। ତେଣୁ ଏଠାରେ ଟସ ଜିତିବା ଏକ ବଡ଼ କଥା ହେବ। ଯେଉଁ ଦଳ ଟସ ଜିତିବ ପ୍ରଥମେ ବ୍ୟାଟିଂ କରିବାକୁ ଚାହିଁବ। ଏକ ବଡ଼ ସ୍କୋର କରି ପ୍ରତିପକ୍ଷ ଦଳ ଉପରେ ଚାପ ପକାଇବାକୁ ଉଦ୍ୟମ କରିବ। ବାଂଲାଦେଶ ଦଳରେ ସାମିକ ଅଲ ହସନ ଏବଂ ମେହଦି ରାଜାଙ୍କ ଭଳି ବିଶ୍ୱସ୍ତରୀୟ ସ୍ପିନର ଅଛନ୍ତି। ଯଦି ଭାରତ ଶେଷ ଇନିଂସରେ ବ୍ୟାଟିଂ କରେ ତେବେ ବାଂଲାଦେଶ ଦଳର ସ୍ପିନରଙ୍କ ମୁକାବିଲା ସହଜ ହେବ ନାହିଁ। ବାଂଲାଦେଶ ଦଳର ସ୍ପିନରମାନେହିଁ ପାକିସ୍ତାନ ବିପକ୍ଷରେ ବିଜୟରେ ବଡ଼ ଭୂମିକା ନେଇଥିଲେ। ଯଦି ଭାରତ ପ୍ରଥମେ ବ୍ୟାଟିଂ କରିବ ତେବେ ଏହା ଏକ ବଡ଼ ସ୍କୋର କରିବା ନିଶ୍ଚିତ। ଚତୁର୍ଥ ଇନିଂସରେ ଭାରତର ତିନିଜଣ ସ୍ପିନର ବାଂଲାଦେଶ ବ୍ୟାଟିଂ ଲାଇନଅପକୁ ଧ୍ୱଂସ କରିବା ପାଇଁ ସମର୍ଥ ହେବେ।

ଭାରତର ଚୂଡ଼ାନ୍ତ ଏକାଦଶରେ ୱିକେଟ କିପରଙ୍କୁ ମିଶାଇ ୬ଜଣ ବ୍ୟାଟ୍ସମ୍ୟାନ ଏବଂ ୨ଜଣ ପେସ ବୋଲର ଓ ୩ଜଣ ସ୍ପିନର ଖେଳିବା ନିଶ୍ଚିତ। ବୁମରା ଓ ସିରାଜ ନୂଆ ବଲରେ ।ବାଲିଂ ଦାୟିତ୍ୱ ସମ୍ଭାଳିବେ। ଉଭୟ ବୋଲର ନିର୍ଜୀବ ପିଚରେ ମଧ୍ୟରେ ବ୍ୟାଟ୍ସମ୍ୟାନଙ୍କୁ ଅସୁବିଧାରେ ପକାଇବାର ସାମର୍ଥ୍ୟ ରଖିଛନ୍ତି। ସେମାନେ ପ୍ରଥମ ଘଣ୍ଟାରେ ଅତି କମରେ ୨ଟି ୱିକେଟ ନେଇପାରିଲେ ତାହା ପରବର୍ତ୍ତୀ ସମୟରେ ସ୍ପିନରଙ୍କ ପାଇଁ ସହାୟକ ହେବ। ତିନିଜଣ ସ୍ପିନର ଭାବେ ଅଶ୍ୱିନୀ, ଜାଡେଜା ଏବଂ କୁଲଦୀପ କେଳିବା ନିଶ୍ଚିତ। ଯାଶ ଦୟାଲଙ୍କୁ ନିଜ ଜୀବନର ପ୍ରଥମ ଟେଷ୍ଟ ଖେଳିବାକୁ ଅପେକ୍ଷା କରିବାକୁ ପଡ଼ିପାରେ। ଅଶ୍ୱିନୀ ଓ ରବିନ୍ଦ୍ର ଜାଡେଜା ଅଲ ରାଉଣ୍ଡର ଭୂମିକା ତୁଲାଇବେ। ରୋହିତ ଓ ଜୟସ୍ୱାଲ ଇନିଂସ ଓପନ କରିବେ। ତିନି ନମ୍ବର ସ୍ଥାନରେ ଆସିବେ ସୁବମନ ଗିଲ। ସବୁଠାରୁ ବଡ଼ ଆଶା ରହିଛି ବିରାଟ କୋହଲିଙ୍କ ଉପରେ। ଦୀର୍ଘଦିନ ହେବ ସେ ଟେଷ୍ଟରେ ଶତକ ହାସଲ କରିନାହାଁନ୍ତି। ତାଙ୍କଠାରୁ ଚେପକରେ ଏକ ବଡ଼ ଶତକ ଆଶା କରାଯାଉଛି। ଦୀର୍ଘ ୬୨୬ ଦିନ ପରେ ଟେଷ୍ଟକୁ ପ୍ରତ୍ୟାବର୍ତ୍ତନ କରିଥିବା ରିଷଭ ପନ୍ତଙ୍କ ଉପରେ ମଧ୍ୟ ସମସ୍ତଙ୍କର ନଜର ରହିଛି। ଅନ୍ୟ ଦୁଇ ଫର୍ମାଟ ତୁଳନାରେ ଟେଷ୍ଟ ଫର୍ମାଟରେ ପନ୍ତଙ୍କ ପ୍ରଦର୍ଶନ ଅପେକ୍ଷାକୃତ ଭଲ। ତାଙ୍କଠାରୁ ଚେପକରେ ଏକ ବଡ଼ ଆକ୍ରମଣାତ୍ମକ ଇନିଂସ ଆଶା କରାଯାଉଛି।

### ଭାରତରେ ପ୍ରଥମ ବିଜୟ ଲାଗି ବାଂଲାଦେଶ ଆଶାବାଦୀ




ଟେଷ୍ଟ ସିରିଜ ଆରମ୍ଭ ପୂର୍ବରୁ ଅଧିନାୟକ ରୋହିତ ଶର୍ମା କହିଛନ୍ତି ଯେ, ଆସନ୍ତା ୧୫ ସପ୍ତାହ ମଧ୍ୟରେ ଭାରତକୁ ୧୦ଟି ଟେଷ୍ଟ ଖେଳିବାକୁ ପଡ଼ିବ। ତେଣୁ ଦଳରେ ପାଳି କରି ପ୍ରମୁଖ ଖେଳାଳୀଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରିବାକୁ ପଡ଼ିବ। ବିଶେଷ କରି ପେସ ବୋଲରଙ୍କ ଉପରେ ଚାପ ହ୍ରାସ କରିବାକୁ ହେଲେ ସେମାନଙ୍କୁ ମଝିରେ ବିଶ୍ରାମ ଆବଶ୍ୟକ। ମହମ୍ମଦ ସାମିଙ୍କ ଅନୁପସ୍ଥିତିର ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜଙ୍କୁ ସମ୍ପୂର୍ଣ୍ଣ ଭାବେ ପେସ ବୋଲିଂ ଦାୟିତ୍ୱ ତୁଲାଇବାକୁ ପଡ଼ିବ। ତେବେ ଆଗାମୀ ନଭେମ୍ବରରେ ଭାରତ ଅଷ୍ଟ୍ରେଲିଆକୁ ଏକ ଲମ୍ବା ଗସ୍ତରେ ଯିବାର ଅଛି। ସେଠାରେ ପେସ ବୋଲରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ। ତେଣୁ ଅଷ୍ଟ୍ରେଲିଆ ସିରିଜ ନିମନ୍ତେ ବୁମରା, ସିରାଜ ଏବଂ ଅନ୍ୟ ପ୍ରମୁଖ ପେସବୋଲରମାନେ ଯେପରି ଫିଟ ରହିଥିବେ ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଭାରତୀୟ ଦଳର ନୂଆ ମୁଖ୍ୟ କୋଚ ଗୌତମ ଗମ୍ଭୀର ଏବଂ ବୋଲିଂ କୋଚ ମୋର୍କେଲଙ୍କ ଦିଗଦର୍ଶନରେ ପ୍ରଥମ ଥର ପାଇଁ ଭାରତୀୟ ଦଳ ଟେଷ୍ଟ ସିରିଜ ଖେଳିବ। ଉଭୟେ ଭାରତୀୟ ଦଳର ଅଧିକାଂଶ ଖେଳାଳୀଙ୍କ ସହ ବେଶ ପରଚିତ। ସମସ୍ତଙ୍କର ଦକ୍ଷତା ଏବଂ ଦୁର୍ବଳତା ସମ୍ପର୍କରେ ସେମାନେ ଭଲଭାବେ ଅବଗତ । ତେଣୁ ଦଳକୁ ସେମାନେ ସଠିକ ଭାବେ ହାଣ୍ଡଲ କରିପାରିବେ ବୋଲି ଆଶା।

ଚେନ୍ନାଇରେ ପ୍ରଥମ ଟେଷ୍ଟ ଆରମ୍ଭ ପୂର୍ବରୁ ବାଲଂଦେଶ ଦଳର ମୁଖ୍ୟ କୋଚ ହାଥୁରୁସିଂଘେ କହିଛନ୍ତି ଯେ, ପାକିସ୍ତାନ ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରି ୨-୦ରେ ଟେଷ୍ଟ ସିରିଜ ଜିତିବା ପରେ ବାଂଲାଦେଶର ସବୁ ଖେଳାଳୀଙ୍କ ଆତ୍ମବିଶ୍ୱାସ ବଢ଼ିଯାଇଛି। ସେମାନେ ଏଥର ଭାରତ ବିପକ୍ଷରେ ପ୍ରଥମ ଥର ପାଇଁ ଟେଷ୍ଟ ବିଜୟ ହାସଲ ନିମନ୍ତେ ପୁରା ଦମ ଲଗାଇଦେବେ। ବର୍ତ୍ତମାନର ବାଂଲାଦେଶ ଦଳ ଏକ ସନ୍ତୁଳିତ ଦଳ। ଦଳର ପ୍ରମୁଖ ଖେଳାଳୀମାନେ ଫର୍ମରେ ଅଛନ୍ତି। ତେଣୁ ବାଂଲାଦେଶ ଭାରତ ବିପକ୍ଷରେ ବିଜୟ ହାସଲ ନକରିବାର କୌଣସି କାରଣ ନାହିଁ। ତେବେ ମୁସଫିକର ରହିବ, ସାକିବ ଅଲ ହାସନ ଏବଂ ମେହଦି ରାଜାଙ୍କ ଉପରେ ଦଳର ସଫଳତା ଅନେକାଂଶରେ ନିର୍ଭରଶୀଳ। ଯଦି ମୁସଫିକର ଭଲ ରନ କରିବେ ତେବେ ସାକିବ ଏବଂ ମେହଦି ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଉପରେ ଚାପ ପକାଇପାରିବେ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।

### ୬୨୯ ଦିନ ପରେ ଟେଷ୍ଟକୁ ଫେରିବେ ପନ୍ତ

୨୦୨୨ ଡିସେମ୍ବର ୩୦ରେ ପନ୍ତ ସଡ଼କ ଦୁର୍ଘଟଣାରେ ଆହତ ହୋଇଥିଲେ। ଏହାପରେ ସେ ଦ୍ରୁତ ଆରୋଗ୍ୟ ଲାଭ କରି କ୍ରିକେଟ୍‌କୁ ଫେରିଥିଲେ। ଏବେ ସେ ଟେଷ୍ଟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରସ୍ତୁତ ଅଛନ୍ତି। ସେ ୬୨୯ ଦିନ ପରେ ଟେଷ୍ଟ ଖେଳିବେ।



# ପୁଣି ମୁହାଁମୁହିଁ ହେଲେ କୋହଲି-ଗମ୍ଭୀର

**ନୂଆଦିଲ୍ଲୀ,୧୮।୯(ଏଜେନ୍ସି):** ଭାରତୀୟ ଦଳର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍‌ଙ୍କ ମଧ୍ୟରୁ ବିରାଟ କୋହଲି ଅନ୍ୟତମ। ଗୌତମ ଗମ୍ଭୀର ଟିମ ଇଣ୍ଡିଆର ମୁଖ୍ୟ କୋଚ ଦାୟିତ୍ୱ ତୁଲାଉଛନ୍ତି। ଟିମ ଇଣ୍ଡିଆରେ ଉଭୟ ମହାନଙ୍କୁ ଏକାଠି ଦେଖାଯାଉଥିଲେ ମଧ୍ୟ ଉଭୟେ ପରସ୍ପରର ସବୁଠାରୁ ବଡ 'ଶତ୍ରୁ' ବୋଲି କେହି ଅସ୍ୱୀକାର କରିପାରିବେ ନାହିଁ। ବର୍ତ୍ତମାନ ବୋର୍ଡ ଅଫ କଣ୍ଟ୍ରୋଲ ଫର କ୍ରିକେଟ ଇନ ଇଣ୍ଡିଆ (ବିସିସିଆଇ) ସାକ୍ଷାତକାରରେ ଉଭୟ ଶତ୍ରୁଙ୍କୁ ମୁହାଁମୁହିଁ ବସାଇଛି।

ବୋର୍ଡ ଅଫ କଣ୍ଟ୍ରୋଲ ଫର୍ କ୍ରିକେଟ ଇନ ଇଣ୍ଡିଆ (ବିସିସିଆଇ) ବିରାଟ କୋହଲି ଏବଂ ଗୌତମ ଗମ୍ଭୀରଙ୍କ ମଧ୍ୟରେ କଥାବାର୍ତ୍ତାର ଏକ ଭିଡିଓ କ୍ଲିପ ଶେୟାର କରିଛି। ଏହି ଭିଡିଓରେ ବିରାଟ ଏବଂ ଗମ୍ଭୀର ପରସ୍ପରକୁ ସାକ୍ଷାତକାର ଦେଉଥିବାର ନଜର ଆସିଛନ୍ତି। ଉଭୟ ପୁରୁଣା ସ୍ମୃତି ଶେୟାର କରିଛନ୍ତି ଏବଂ ପରସ୍ପରକୁ ପ୍ରଶ୍ନ ପଚାରନ୍ତି। ଏହି ସମୟରେ ଦୁହେଁ ବହୁତ ହସନ୍ତି ଏବଂ ଥଟ୍ଟା କରନ୍ତି। ବିସିସିଆଇ ଏହାର କ୍ୟାପସନରେ ଲେଖିଛି - ଏକ ବିଶେଷ ସାକ୍ଷାତକାର। ମହାନ କ୍ରିକେଟର୍‌ଙ୍କ ମସ୍ତିଷ୍କ କେମିତି ଚାଲେ। ଟିମ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ବିରାଟ କୋହଲିଙ୍କ ଫ୍ରିୱେଲିଂ ବାର୍ତ୍ତାଳାପରେ ଏକାଠି ନଜର ଆସିଥିଲେ।

ବିସିସିଆଇ ବିରାଟ କୋହଲି ଏବଂ ଗୌତମ ଗମ୍ଭୀରଙ୍କ ସାକ୍ଷାତକାରର ଭିଡିଓ ବିଶ୍ୱକପ ୨୦୧୧ର ଫାଇନାଲରେ ବିରାଟ କୋହଲି ଏବଂ ଗୌତମ ଗମ୍ଭୀରଙ୍କ ଦ୍ୱାରା ଖେଳାଯାଇଥିବା ଇନିଂସରୁ ଆରମ୍ଭ ହୋଇଥିଲା। ତା'ପରେ ଭିଡିଓଟି ସେହି ଐତିହାସିକ ମୁହୂର୍ତ୍ତକୁ ଦର୍ଶାଇଥିଲା ଯେତେବେଳେ ଟିମ ଇଣ୍ଡିଆ ୨୮ ବର୍ଷ ପରେ ଦିନିକିଆ ବିଶ୍ୱକପ ଟାଇଟଲ ଜିତିଥିଲା। ଏହା ପରେ ସାକ୍ଷାତକାର ଆରମ୍ଭ ହୁଏ।

ସାକ୍ଷାତକାର ଆରମ୍ଭ କରି ଗମ୍ଭୀର କହିଛନ୍ତି, ମୋର ମନେ ଅଛି ଯେ ଅଷ୍ଟ୍ରେଲିଆରେ ତୁମର ଏକ ବମ୍ପର ସିରିଜ ଥିଲା, ଯେଉଁଠାରେ ତୁମେ ବହୁତ ରନ ସ୍କୋର କରିଥିଲ ଏବଂ ତାହା ତୁମକୁ ସେଫ୍ ଜୋନ୍ ଭିତରକୁ ଆଣିଥିଲା। ମୋ ପାଇଁ ଏହା ନାପିରରେ ଖେଳିବା ପରି ସମାନ ଥିଲା। ସେହି ଜୋନ୍‌ରେ ରହିବା କେତେ ଚମତ୍କାର ତାହା ତୁମେ ଜାଣିଛ।

ତା'ପରେ ବିରାଟ କୋହଲି କହିଛନ୍ତି, କିନ୍ତୁ ଯେତେବେଳେ ତୁମେ ବ୍ୟାଟିଂ କରୁଥିଲ ଏବଂ ତୁମର ପ୍ରତିପକ୍ଷଙ୍କ ସହ କିଛି ଯୁକ୍ତିତର୍କ ହୋଇଥିଲା, ତୁମେ କେବେ ଭାବିଥିଲ କି ଏହି କାରଣରୁ ତୁମେ ସେହି ଜୋନ ବାହାରକୁ ଯାଇ ପାରିବ।

କୋହଲିଙ୍କ ବିବୃତ୍ତିର ଜବାବରେ ଗମ୍ଭୀର କହିଛନ୍ତି, ତୁମ ସହ ମୋ ଅପେକ୍ଷା ଅଧିକ ବିବାଦ ହୋଇଛି। ଏହା ଶୁଣି କୋହଲି ହସିବାକୁ ଲାଗିଲେ।

## ପ୍ରଥମ ଟେଷ୍ଟରେ ବର୍ଷା ସମ୍ଭାବନା

**ଚେନ୍ନାଇ, ୧୮।୯ (ଏଜେନ୍ସି):** ଗୁରୁବାର ଠାରୁ ଭାରତ ଓ ବାଂଲାଦେଶ ମଧ୍ୟରେ ଆରମ୍ଭ ହେବାକୁ ଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ ବର୍ଷାରେ ପ୍ରଭାବିତ ହୋଇପାରେ। ପାଣିପାଗ ୱେବ୍‌ସାଇଟ୍ ଆକ୍ୟୁୱେଦର୍ ଅନୁଯାୟୀ, ଚେନ୍ନାଇରେ ମ୍ୟାଚ୍ ଦିନଗୁଡ଼ିକରେ ବର୍ଷା ହୋଇପାରେ। ଅର୍ଥାତ୍ ମ୍ୟାଚ୍‌ର ପ୍ରଥମ ଦୁଇ ଦିନରେ ବର୍ଷା ସମ୍ଭାବନା ରହିଛି।

ଆକ୍ୟୁୱେଦର୍‌ର ପୂର୍ବାନୁମାନ ଅନୁଯାୟୀ, ବର୍ଷା ଯୋଗୁଁ ବେଶୀ କ୍ଷତି ହେବ ନାହିଁ, କାରଣ ୧୯ ତାରିଖ ପ୍ରଥମ ସତ୍ରର ପ୍ରଥମ ଘଣ୍ଟେ-ଦେଢ଼ ଘଣ୍ଟା ବର୍ଷାରେ ପ୍ରଭାବିତ ହୋଇପାରେ। ୨୦ରେ ବି ଏଭଳି ପାଗ ରହିପାରେ। ୧୯ରେ ୪୧ ପ୍ରତିଶତ ଓ ୨୦ରେ ୪୦ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ୨୧, ୨୨ ଓ ୨୩ରେ ବର୍ଷା ସମ୍ଭାବନା କମ୍ ରହିଛି। ଏହି ସମୟରେ ଯଥାକ୍ରମେ ୨୫, ୧୩ ଓ ୨୧ ପ୍ରତିଶତ ବର୍ଷା ସମ୍ଭାବନା ଥିବା ପୂର୍ବାନୁମାନ କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ ଗତ ସପ୍ତାହରେ ଆଫଗାନିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ନୋଏଡ଼ା ଟେଷ୍ଟ ବର୍ଷା ଯୋଗୁଁ ବାତିଲ୍ ହୋଇଯାଇଥିଲା। ଏହି ମ୍ୟାଚ୍‌ର ଟସ୍ ବି ପଡ଼ିପାରି ନ ଥିଲା ଏବଂ ପ୍ରଶଂସକମାନଙ୍କୁ ନିରାଶ ହୋଇ ଫେରିବାକୁ ପଡ଼ିଥିଲା।

## ପଣ୍ଟିଂ ପଞ୍ଜାବ କିଙ୍ଗ୍‌ସର ମୁଖ୍ୟ କୋଚ୍

**ମୁମ୍ବାଇ, ୧୮।୯ (ଏଜେନ୍ସି):** ପଞ୍ଜାବ କିଙ୍ଗ୍‌ସ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂଙ୍କୁ ଇଣ୍ଡିଆନ୍ ପ୍ରିମିଅର୍ ଲିଗ୍ (ଆଇପିଏଲ୍) ୨୦୨୫ ସିଜନ୍ ପାଇଁ ନିଜ ଟିମ୍‌ର ମୁଖ୍ୟ କୋଚ୍ ନିଯୁକ୍ତ କରିଛି। ଏହା ପୂର୍ବରୁ ପଣ୍ଟିଂ ପୂର୍ବ ସାତ ସିଜନ୍ ଧରି ଦିଲ୍ଲୀ କ୍ୟାପିଟାଲ୍ସର ମୁଖ୍ୟ କୋଚ୍ ଥିଲେ ଏବଂ ଦୁଇ ମାସ ପୂର୍ବେହିଁ ଟିମ୍ ଠାରୁ ଅଲଗା ହୋଇଥିଲେ। ରିପୋର୍ଟ ଅନୁଯାୟୀ, ପଣ୍ଟିଂ ପଞ୍ଜାବ ଫ୍ରାଞ୍ଚାଇଜ୍ ସହ ଏକାଧିକ ବର୍ଷ ପାଇଁ ଚୁକ୍ତି କରିଛନ୍ତି। ଏବେ ସେ ନିଜ କୋଚିଂ ଟିମ୍‌ର ଅନ୍ୟ ସଦସ୍ୟମାନଙ୍କୁ ଚୟନ କରିବେ। ଏହା ପୂର୍ବରୁ ପଞ୍ଜାବର କୋଚିଂ ଟିମ୍‌ରେ ଟ୍ରେଭର୍ ବେଲିସ୍ (ମୁଖ୍ୟ କୋଚ୍), ସଞ୍ଜୟ ବାଙ୍ଗର (କ୍ରିକେଟ୍ ବିକାଶ ମୁଖ୍ୟ), ଚାର୍ଲ ଲାଙ୍ଗଭେଲ୍ଟ (ଦ୍ରୁତ ବୋଲିଂ କୋଚ୍) ଓ ସୁନୀଲ ଜୋଶୀ (ସ୍ପିନ୍ ବୋଲିଂ କୋଚ୍) ଥିଲେ। ଅଷ୍ଟ୍ରେଲିଆର ଦୁଇ ଥର ବିଶ୍ୱକପ୍ ଚାମ୍ପିଅନ୍ ଟିମ୍‌ର ଅଧିନାୟକ ଥିବା ପଣ୍ଟିଂ ୨୦୧୮ରେ ଦିଲ୍ଲୀ କ୍ୟାପିଟାଲ୍ସର ମୁଖ୍ୟ କୋଚ୍ ହୋଇଥିଲେ। ତାଙ୍କ ମାର୍ଗଦର୍ଶନରେ ଟିମ୍ ଆଇପିଏଲ୍ ୨୦୨୦ରେ ଫାଇନାଲ୍‌ରେ ପହଞ୍ଚିଥିଲା। ଏହାଛଡ଼ା ୨୦୧୯ ଓ ୨୦୨୧ରେ ଟିମ୍ ପ୍ଲେଅଫ୍‌କୁ ଯାଇଥିଲା। ତେବେ ୨୦୨୧ ପରେ ଟିମ୍‌ର ପ୍ରଦର୍ଶନରେ ଅବନତି ଦେଖିବାକୁ ମିଳିଥିଲା ଏବଂ ଟିମ୍ ପ୍ଲେଅଫ୍ ଯାଏଁ ଯାଇପାରି ନ ଥିଲା। ୨୦୨୪ ସିଜନ୍‌ରେ ଦିଲ୍ଲୀ ଷଷ୍ଠ ସ୍ଥାନରେ ରହିଥିଲା। ଏହା ପୂର୍ବରୁ ପଣ୍ଟିଂଙ୍କ ପ୍ରଶିକ୍ଷଣରେ ମୁମ୍ବାଇ ଇଣ୍ଡିଆନ୍ସ ୨୦୧୫ ଓ ୨୦୧୭ରେ ଚାମ୍ପିଅନ୍ ହୋଇଥିଲା।




### ସଙ୍କେତ ଦେଲା ବିସିସିଆଇ

## ବର୍ବାଦ ହୋଇଯିବ କି ଶ୍ରେୟସଙ୍କ ଟେଷ୍ଟ କ୍ୟାରିଅର୍

**ମୁମ୍ବାଇ, ୧୮।୯ (ଏଜେନ୍ସି):** ଭାରତୀୟ କ୍ରିକେଟ୍ ଟିମ୍‌ର ଅଭିଜ୍ଞ ମଧ୍ୟକ୍ରମ ବ୍ୟାଟର୍ ଶ୍ରେୟସ ଆୟରଙ୍କ ସମୟ ଏବେ ଠିକ୍ ଚାଲି ନାହିଁ। କ୍ରିକେଟ୍‌ର ଲମ୍ବା ଫର୍ମାଟ୍‌ରେ ସେ ବାରମ୍ବାର ବିଫଳ ହେଉଛନ୍ତି,।ହା ଫଳରେ ତାଙ୍କୁ ଟେଷ୍ଟ ଟିମ୍‌ରେ ସ୍ଥାନ ମିଳୁ ନାହିଁ। ବିସିସିଆଇ ଅଧିକାରୀଙ୍କ ଏକ ମନ୍ତବ୍ୟ ପରେ ଏବେ ଚର୍ଚ୍ଚା ହେଉଛି େ ତାଙ୍କ ପାଇଁ ବନ୍ଦ ହୋଇଯିବ କି ଟେଷ୍ଟ ଟିମ୍‌ର ଦ୍ୱାର? ବରବାଦ୍ ହୋଇଯିବ କି ତାଙ୍କ ଟେଷ୍ଟ କ୍ୟାରିଅର୍?

ବର୍ଷର ଆଦ୍ୟଭାଗରେ ଇଂଲଣ୍ଡ ବିପକ୍ଷ ଘରୋଇ ଟେଷ୍ଟ ଶୃଙ୍ଖଳାରେ ଫ୍ଲପ୍ ହେବା ରେ ଶ୍ରେୟସଙ୍କୁ ଟିମ୍ ଇଣ୍ଡିଆରୁ କାଢ଼ି ଦିଆଯାଇଥିଲା। ଏହାପରେ ବିସିସିଆଇ ତାଙ୍କୁ ଏଥର କେନ୍ଦ୍ରୀୟ ଚୁକ୍ତିରେ ସାମିଲ୍ କରି ନ ଥିଲା। ଆୟରଙ୍କ ପାଖରେ ନିଜକୁ ପ୍ରମାଣିତ କରିବା ପାଇଁ ଦଲୀ ଟ୍ରଫିରେ ଭଲ ସୁଯୋଗ ଥିଲା। କିନ୍ତୁ ପ୍ରଥମ ଦୁଇ ମ୍ୟାଚ୍‌ରେ ସେ ନିରାଶ କରିଛନ୍ତି। ସେ ଚାରି ଇନିଂସ୍ ଖେଳି ମାତ୍ର ୧୦୪ ରନ୍ କରିଛନ୍ତି। ଏବେ ବିସିସିଆଇ ଅଧିକାରୀ ଟେଲିଗ୍ରାଫ୍‌କୁ ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି। ଟେଷ୍ଟ ଟିମ୍‌ରେ ଏହି ସମୟରେ ଶ୍ରେୟସଙ୍କ ପାଇଁ କୌଣସି ସ୍ଥାନ ନାହିଁ ବୋଲି ସେ କଡ଼ା କଣ୍ଠରେ କହିଛନ୍ତି।ବିସିସିଆଇର ଜନୈକ ଅଧିକାରୀ ଶ୍ରେୟସଙ୍କ ବିଷୟରେ କହିଛନ୍ତି, "ଏବେ ଏହି ସମୟରେ ଶ୍ରେୟସଙ୍କ।ଇଁ ଟେଷ୍ଟ ଟିମ୍‌ରେ ସ୍ଥାନ ନାହିଁ। ସେ କାହା ସ୍ଥାନ ନେବେ? ଏହାଛଡ଼ା ଦଲୀ ଟ୍ରଫିରେ ବିଶେଷକରି ରବିବାର ତାଙ୍କ ସଟ୍ ଚୟନ ଚିନ୍ତାର ବିଷୟ ଥିଲା। ସେ ଭଲ ଭାବେ ସେଟ୍ ଥିଲେ ଏବଂ ଏହାପରେ ଅଚାନକ ଏଭଳି ସଟ୍ (ବାମହାତି ସ୍ପିନର୍ ଶମ୍ସ ମୁଲାନୀଙ୍କ ବିପକ୍ଷରେ) ଖେଳିଥିଲେ। ଯେତେବେଳେ ଆପଣ ସେଟ୍ ହୋଇଯାଆନ୍ତି ଏବଂ ଏକ ଫ୍ଲାଟ୍ ପିଚ୍‌ରେ ବ୍ୟାଟିଂ କରୁଥାଆନ୍ତି, ସେତେବେଳେ ଆପଣଙ୍କୁ ଏହି ସୁଯୋଗର ସଦୁପଯୋଗ କରିବା ଆବଶ୍ୟକ।" ତେବେ ଅନ୍ୟ ଜଣେ ଅଧିକାରୀ କହିଛନ୍ତି, "ଶ୍ରେୟସଙ୍କୁ ଇରାନୀ କପ୍ (ଅକ୍ଟୋବର ୧ରୁ ଲକ୍ଷ୍ନୌରେ ଆରମ୍ଭ ହେବ) ପାଇଁ ମୁମ୍ବାଇ ଟିମ୍‌ରେ ସାମିଲ୍ କରାଯାଇପାରେ। ବାଂଲାଦେଶ ବିପକ୍ଷ ଟି-୨୦ ଶୃଙ୍ଖଳା (ଅକ୍ଟୋବର ୬ରୁ ଆରମ୍ଭ) ପାଇଁ ତାଙ୍କ ଚୟନ ହେଲେ ବି ସେ ଇରାନୀ କପ୍ ଖେଳିପାରିବେ ଏବଂ ଦ୍ୱିତୀୟ ଟି-୨୦ ପାଇଁ ଉପଲବ୍ଧ ହୋଇପାରିବେ। ସେ ଆହୁରି ମଧ୍ୟ କହିଛନ୍ତି, "ଯଦି ସେ ଇରାନୀ ଟ୍ରଫିରେ ବି ଭଲ ଖେଳିପାରିବେନି, ତା'ହେଲେ ତାଙ୍କ।ଖରେ ରଣଜୀ ଟ୍ରଫିରେ ରନ୍ କରିବାର ସୁଯୋଗ ରହିଛି। ବେଶୀ ଦିନ ତଳର କଥା ନୁହେଁ ଯେତେବେଳେ ସେ ଗତ ବର୍ଷ ଦିନିକିଆ ବିଶ୍ୱକପ୍‌ରେ ବହୁତ ଭଲ ବ୍ୟାଟିଂ କରୁଥିଲେ। ସେ ଆହତ ବି ହୋଇଥିଲେ, ଯାହା ଉପରେ ବିଚାର କରାଯିବାର ଆବଶ୍ୟକତା ଅଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ୱାନ୍ ନେସନ...

ନେଇ 'ୱାନ ନେସନ-ୱାନ ଇଲେକ୍ସନ' ଉପରେ ୧୯୧ ଦିନରେ ରିପୋର୍ଟ ପ୍ରସ୍ତୁତ କରିଥିଲେ। ରାଜନୈତିକ ଦଳଗୁଡିକ ମଧ୍ୟରୁ ୩୨ଟି ଦଳ ସମର୍ଥନ କରିଥିଲେ, ୧୫ଟି ଦଳ ବିରୋଧ କରିଥିଲେ ଏବଂ ୧୫ଟି ଦଳ ଉତ୍ତର ଦେବାକୁ ମନା କରିଦେଇଥିଲେ। ୧୮,୬୨୬ ପୃଷ୍ଠାର ଏହି ରିପୋର୍ଟରେ ୱାନ ନେସନ ୱାନ ଇଲେକ୍ସନ ଚିନ୍ତାଧାରାକୁ କିପରି କାର୍ଯ୍ୟକାରୀ କରାଯାଇପାରିବ ଏବଂ ଏଥିରେ ଥିବା ସୁବିଧା ଅସୁବିଧା ସମ୍ପର୍କରେ ବିସ୍ତୃତ ତଥ୍ୟ ରହିଛି। ଦେଶରେ ଏକକାଳୀନ ଲୋକସଭା ଓ ବିଧାନସଭା ନିର୍ବାଚନ କରିବାକୁ ସୁପାରିଶ କରାଯାଇଛି। ଲୋକସଭା ଏବଂ ବିଧାନସଭା ନିର୍ବାଚନର ୧୦୦ଦିନ ମଧ୍ୟରେ ନଗର ନିଗମ ନିର୍ବାଚନ ମଧ୍ୟ କରିବାକୁ ସୁପାରିଶ ହୋଇଛି।

ଏହି ପ୍ରସ୍ତାବକୁ କଂଗ୍ରେସ ବିରୋଧ କରିଥିବା ବେଳେ ଏହାର ସହଯୋଗୀମାନେ ସମର୍ଥନ କରିଛନ୍ତି। ୱାନ ନେସନ ୱାନ ଇଲେକ୍ସେନ କାର୍ଯ୍ୟକାରୀ କରାଯିବା ଅସମ୍ଭବ। ଏହା ମଧ୍ୟ ସମ୍ବିଧାନ ବିରୋଧୀ ବୋଲି କହିଛନ୍ତି କଂଗ୍ରେସର ବରିଷ୍ଠ ନେତା ପି. ଚିଦାମ୍ବରମ। ସେହିପରି ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି, ବିଜେପି ସୁବିଧାବାଦ ନୀତି ଆପଣାଇଛି। ଏହା କଦାପି ସଫଳ ହେବନି।

ଅନ୍ୟପକ୍ଷରେ କଂଗ୍ରେସ ସହଯୋଗୀ ତଥା ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ଏନ୍‌ସିପି ସୁପ୍ରିମୋ ଶରଦ ପାୱାର, କେ ଚନ୍ଦ୍ରଶେଖର ରାଓ, ଜଗନମୋହନ ରେଡ୍ଡୀ, ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ଜମ୍ମୁ କଶ୍ମୀର ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି ମୁଖ୍ୟ ମେହବୁବା ମୁଫତି, ଜେଡିୟୁ ମୁଖ୍ୟ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପ୍ରମୁଖ ସମର୍ଥନ କରିଛନ୍ତି।

ସୂଚନାଯୋଗ୍ୟ, ଗତ ସ୍ୱାଧୀନତା ଦିବସ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ମୋଦି ଏକ ଦେଶ ଏକ ନିର୍ବାଚନ ଉପରେ ସୂଚନା ଦେଇଥିଲେ। ସେ କହିଥିଲେ, ବାରମ୍ବାର ନିର୍ବାଚନ ହେଉଥିବାରୁ ବିପୁଳ ଅର୍ଥ ବ୍ୟୟ ହେବା ସହିତ ଦେଶର ବିକାଶ ଉପରେ ଗୁରୁତର ପ୍ରଭାବ ପଡୁଛି। ଏହାସହିତ ମଙ୍ଗଳବାର ମୋଦି ସରକାରଙ୍କ ତୃତୀୟ ପାଳିର ଶହେ ଦିନ ପୂର୍ତ୍ତି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଥିଲେ, ଏହା ହେଉଛି ସାଂପ୍ରତିକ ସମୟର ବଡ଼ ଆବଶ୍ୟକତା। ତୃତୀୟ କାର୍ଯ୍ୟକାଳରେ ହିଁ ୱାନ ନେସନ ୱାନ ଇଲେକ୍ସନ ପ୍ରସ୍ତାବ କାର୍ଯ୍ୟକାରୀ କରାଯିବ।

ତେବେ ଏହା ସଂସଦରେ ପାରିତ ହେବା ପାଇଁ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଆବଶ୍ୟକ। ଏଥିରେ ସମ୍ବିଧାନର ସଂଶୋଧନ ପ୍ରକ୍ରିୟା ସାମିଲ ରହିଛି। ଏହାକୁ କାର୍ଯ୍ୟକାରୀ କରିବାକୁ ଅତିକମରେ ୬ ଟି ସଂଶୋଧନ ଆବଶ୍ୟକ ହେବ। ଏହା ପରେ ଏହାକୁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଦ୍ୱାରା ଅନୁମୋଦନ କରିବାକୁ ପଡିବ।

ସଂସଦର ଉଭୟ ଗୃହରେ ଏନଡିଏର ସାଧାରଣ ସଂଖ୍ୟାଗରିଷ୍ଠତା ଥିବାବେଳେ ଉଭୟ ଗୃହରେ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ପାଇବା ଏକ ଚ୍ୟାଲେଞ୍ଜ ହୋଇପାରେ। ରାଜ୍ୟସଭାର ୨୪୫ ଟି ଆସନ ମଧ୍ୟରୁ ଏନଡିଏରେ ୧୧୨ ଓ ଲୋକସଭାରେ ୨୯୨ ଟି ଆସନ ଅଛି। ହେଲେ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ମାର୍କ ହେଉଛି ୩୬୪। ଏହାପରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ଅନୁମୋଦନ କରିବାକୁ ପଡ଼ିବ।

### ବନ୍ୟାସ୍ଥିତି...

ସେଠାରେ ରନ୍ଧା ଖାଦ୍ୟ ଓ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆଯାଉଛି। ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଗ୍ରାମ ଗୁଡିକରେ ଉଦ୍ଧାର କାର୍ଯ୍ୟ ପାଇଁ ୮ଟି ଅଗ୍ନିଶମ ବାହିନୀ, ୩ଟି ଓଡ୍ରାଫ ବାହିନୀ ଓ ଗୋଟିଏ ଏନଡିଆରଏଫ ଟିମ୍ ନିୟୋଜିତ ଅଛନ୍ତି। ଆବଶ୍ୟକ ସ୍ଥଳେ ଆଉ ଅଧିକ ଟିମ୍ ନିୟୋଜିତ ହେବେ। ସୁବର୍ଣ୍ଣରେଖା ଓ ଜଳକା ନଦୀର ଗତିବିଧିକୁ ନଜର ରଖି ଜିଲ୍ଲାପାଳ ଓ ଜିଲ୍ଲା ପ୍ରଶାସନର ଅଧିକାରୀ ମାନେ ୨୪ ଘଣ୍ଟା ଏହାର ସ୍ଥିତି ଅନୁଧ୍ୟାନ କରୁଛନ୍ତି। କ୍ଷୟକ୍ଷତି, ରିଲିଫ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ସାଂସଦ, ମନ୍ତ୍ରୀ ଓ ବିଧାୟକଙ୍କ ମତ ନିଆଯାଇଛି । ଜିଲ୍ଲାପାଳ ମଧ୍ୟ ତାଙ୍କ ରିପୋର୍ଟ ପ୍ରଦାନ କରିଛନ୍ତି। ବନ୍ୟା ପ୍ରଭାବିତ ଲୋକଙ୍କ ପାଖରେ ତୁରନ୍ତ ପହଞ୍ଚି ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଉପମୁଖ୍ୟ ସଚେତକ ଗୋବିନ୍ଦ ଦାସ, ଜିଲ୍ଲାର ବିଧାୟକ ବୃନ୍ଦ, ଆରଡିସି, ଜିଲ୍ଲାପାଳ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ପ୍ରକ୍ରିୟାକୁ ପ୍ରକ୍ରିୟାକୁ...

ପ୍ରତିଶ୍ରୁତି ପାଳନ କରି ଆସୁଛନ୍ତି। ଏକକାଳୀନ ନିର୍ବାଚନ ଆମର ନିର୍ବାଚନ ପ୍ରକ୍ରିୟାକୁ ସହଜ କରିବା ସହିତ ସମଗ୍ର ଦେଶରେ ନିରନ୍ତର ବିକାଶକୁ ସୁନିଶ୍ଚିତ କରିବ। ଏକ ସମନ୍ୱିତ, ଦକ୍ଷ ଏବଂ ବିକଶିତ ଭାରତ ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ । ଭାରତକୁ ଆଗକୁ ନେବା ପାଇଁ 'ମୋଦୀ ଗ୍ୟାରେଣ୍ଟି'ର ଆଉ ଏକ ପ୍ରତିଶ୍ରୁତି ପୂରଣ ହୋଇଛି ।

ଏହି ନିଷ୍ପତ୍ତିକୁ ବିରୋଧ କରିଥିବା କଂଗ୍ରେସର ଟିପ୍ପଣୀ ଉପରେ ଶ୍ରୀ ପ୍ରଧାନ କହିଛନ୍ତି 'ଗୋଟିଏ ଦେଶ-ଗୋଟିଏ ନିର୍ବାଚନ'କୁ ନେଇ କଂଗ୍ରେସ ସମେତ କେତେକ ବିରୋଧୀ ଦଳର ଆଭିମୁଖ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ଦେଶ ଓ ଲୋକଙ୍କ ସ୍ୱାର୍ଥର ପ୍ରସଙ୍ଗ, ନିର୍ବାଚନୀ ପ୍ରସଙ୍ଗ ନୁହେଁ । ୧୯୫୧ରୁ ୧୯୬୭ ପର୍ଯ୍ୟନ୍ତ ଦେଶରେ ଏକକାଳୀନ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଇନ୍ଦିରା ଗାନ୍ଧି ପ୍ରଧାନମନ୍ତ୍ରୀ ଥିବା ସମୟରେ କଂଗ୍ରେସ ଦଳ ଏହି ପରମ୍ପରାକୁ ଭାଙ୍ଗିଥିଲା । ଦେଶର ସଂଘୀୟ ଢାଞ୍ଚା ଉପରେ ବାରମ୍ବାର ଆକ୍ରମଣ କରି ଲୋକଙ୍କ ସାମ୍ବିଧାନିକ ଅଧିକାର ଛଡ଼ାଇ ନେଇ ଜରୁରୀକାଳୀନ ପରିସ୍ଥିତି ଲାଗୁ କରି ସମଗ୍ର ଦେଶକୁ ଜେଲରେ ପରିଣତ କରିଥିବା କଂଗ୍ରେସ ଦଳ ପ୍ରଥମେ ନିଜ କଳଙ୍କିତ ଇତିହାସରୁ ଶିକ୍ଷା ଗ୍ରହଣ କରିବା ଉଚିତ୍ । ଅନ୍ତଃକନ୍ଦଳ ଜାଲରେ ଛନ୍ଦି ହୋଇ ଦିଶାହୀନ ହୋଇପଡିଥିବା କଂଗ୍ରେସ ଦଳ ନକାରାତ୍ମକତାରେ ବୁଡ଼ି ରହି ଏପରି ମିଛ କହୁଛି । ଭାରତୀୟ ଗଣତନ୍ତ୍ରକୁ ସୁଦୃଢ଼ କରିବା ସହ ଲୋକଙ୍କ ସ୍ୱାର୍ଥକୁ ସୁରକ୍ଷିତ କରି 'ବିକଶିତ ଭାରତ' ଗଠନରେ 'ୱାନ୍ ନେସନ୍-ୱାନ୍ ଇଲେକ୍ସନ୍' ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ତେଣୁ ଜାତୀୟ ସ୍ୱାର୍ଥରୁ ନିଆଯାଇଥିବା ଏହି ନିଷ୍ପତ୍ତିରେ କଂଗ୍ରେସ ସମେତ ସମସ୍ତ ବିରୋଧୀ ଦଳ ନିଜର ଜିଦ୍ ଛାଡି ଭାରତ ସରକାରଙ୍କ ଏହି ନିର୍ଣ୍ଣୟକୁ ସ୍ୱାଗତ କରିବା ଉଚିତ୍ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

### ୨ ହଜାର...

ମୋଦି ଗତକାଲି ୨୫ ଲକ୍ଷ ୧୧ଜଣ ହିତାଧିକାରୀଙ୍କୁ ବାଣ୍ଟିଛନ୍ତି ସୁଭଦ୍ରା ପ୍ରଥମ କିସ୍ତି। ଯେଉଁଥିରେ ଖର୍ଚ୍ଚ ହୋଇଛି ୧୨୫୦ କୋଟି ୫୫ ହଜାର ଟଙ୍କା। ଏ ଯୋଜନାର ଲାଭ ଓଡ଼ିଶାର ୧ କୋଟିରୁ ଅଧିକ ମହିଳାଙ୍କୁ ମିଳିବ ବୋଲି ପ୍ରଧାନମନ୍ତ୍ରୀ କହିଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି- ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ନିର୍ବାଚନ ପୂର୍ବରୁ ଯେଉଁ ପ୍ରତିଶ୍ରୁତି ଦେଇଥିଲୁ, ତାହା ପାଳନ କରୁଛୁ। ସେମିତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସୂଚନା ଅନୁସାରେ ଏଯାବତ୍ ୭୪ ଲକ୍ଷ ମହିଳା ସୁଭଦ୍ରା ଯୋଜନାରେ ସାମିଲ ହେବାକୁ ପଞ୍ଜୀକରଣ କରିଛନ୍ତି।

### ରଘୁବରଙ୍କ...

ତେଣୁ ରଘୁବରଙ୍କୁ ନିଚା ଦେଖାଇବାକୁ ହେମନ୍ତ ଖେଳିଛନ୍ତି ପଲିଟିକାଲ୍ କାର୍ଡ। ଝାଡ଼ଖଣ୍ଡର ନେତା ରାଜ୍ୟର ରାଜ୍ୟପାଳ ଥାଇ ବି ସେଇ ରାଜ୍ୟର ଛାତ୍ରଙ୍କୁ ରାଗିଂ କରି ମାରି ଦିଆଯାଉଥିବା ପ୍ରଚାର କରିବାକୁ ହେମନ୍ତ ଗୋଟି ଚଳାଇଛନ୍ତି। କିନ୍ତୁ ଏହି ମାମଲାରେ ତୁରନ୍ତ ରାଜ୍ୟପାଳଙ୍କ ହସ୍ତକ୍ଷେପ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି। ନିରପେକ୍ଷ ତଦନ୍ତ କରି ପ୍ରକୃତ ସତ ପଦାକୁ ଆଣିବାକୁ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯାହା ପ୍ରମାଣ କରୁଛି ଛାତ୍ରମୃତ୍ୟୁ ଘଟଣାରେ କେତେ ସମ୍ବେଦନଶୀଳ ରାଜ୍ୟପାଳ ରଘୁବର ଦାସ। ରାଜନୀତିରୁ ଊର୍ଦ୍ଧ୍ୱରେ ଥିବା ରଘୁବରଙ୍କୁ ନିନ୍ଦିତ କରିବାକୁ ଯେଉଁ ଉଦ୍ୟମ ଝାଡ଼ଖଣ୍ଡରେ ରଚା ଯାଉଛି, ଓଡ଼ିଶା ସରକାରଙ୍କ ତଦନ୍ତ ତାହାକୁ ପାଣିଚିଆ କରିବ ବୋଲି ଆଶା କରାଯାଉଛି।

୧୦ ତାରିଖରେ ହଷ୍ଟେଲରେ ଆଡମିସନ୍ ନେଇଥିଲେ ଅଭିଶେକ। କିନ୍ତୁ ସେହି ହଷ୍ଟେଲରେ ଥିବା ସମସ୍ତ ଛାତ୍ର ରାଞ୍ଚିର ଓ ସମସ୍ତେ ପ୍ରଥମ ବର୍ଷ ଛାତ୍ର ଥିଲେ। ପ୍ରଶ୍ନ ଉଠିଛି, ଅଭିଶେକଙ୍କୁ ରାଗିଂ କରିବା ପ୍ରଶ୍ନ ଉଠିଲା କେଉଁଠି? ଅଭିଶେକଙ୍କ ମୃତ୍ୟୁ ପଛରେ ତାଙ୍କ ପରିବାରର ହାତ ନାହିଁ ତ? ପୁଅର ଜନ୍ମଦିନ ପାଳନ କରୁନଥିବା ପରିବାର ପୁଅକୁ ମାନସିକ ନିର୍ଯାତନା ଦେଉନଥିଲେ ତ? ପରିବାରର ନିର୍ଯାତନା ସହି ନ ପାରି ଛାତରୁ ଡେଇଁ ପଡ଼ିଛନ୍ତି କି ଅଭିଶେକ? ସମ୍ପର୍କୀୟା ଭଉଣୀଙ୍କ ଭୂମିକାକୁ ନେଇ ଉଠିଛି ପ୍ରଶ୍ନ। ରାଜନୀତି ନିଆଁକୁ ତେଜୁଥିବା ସମ୍ପୃକ୍ତ ଭଉଣୀଙ୍କର କି ସ୍ୱାର୍ଥ ରହିଛି? ଏବେ ସମୟ ଆସିଛି ରାଜ୍ୟ ସରକାର ଏଭଳି ସମ୍ବେଦନଶୀଳ ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବାକୁ। ଏ ରାଜ୍ୟର ରାଜ୍ୟପାଳଙ୍କୁ ନିନ୍ଦିତ କରିବାକୁ ଯେଉଁ ହୀନ ଚକ୍ରାନ୍ତ ହେଉଛି, ସିବିଆଇ ତଦନ୍ତ ହେଲେ ତାହାର ଭାଣ୍ଡାଫୋଡ଼ ହେବ ବୋଲି ଆଲୋଚନା ହେଉଛି।

### ଦାଗ ଲଗାଇଲେ...

ସାହୁ, ସାଗରିକା ରଥ ଓ କନଷ୍ଟେବଳ ବଳରାମ ହାଁସଦାଙ୍କୁ ନିଲମ୍ବନ କରାଯାଇଛି। କିନ୍ତୁ ନିଲମ୍ବନକୁ ପନିସମେଣ୍ଟ ଭାବେ ଗ୍ରହଣ ନକରି ସମ୍ପୃକ୍ତ ପୋଲିସଙ୍କ ବିରୋଧରେ ଜୁଡିସିଆଲ ଇଂକ୍ୱାରି ଦାବି କରିଛି କାର୍ଯ୍ୟରତ ଓ ଅବସରପ୍ରାପ୍ତ ସେନା ସଂଘ। ସେପଟେ ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ମେଜରଙ୍କ ବାନ୍ଧବୀଙ୍କୁ ଭେଟିଛି ବିଜେଡିର ଟିମ । ସେପଟେ ଥାନାଧିକାରୀ ଦୀନକୃଷ୍ଣ ମିଶ୍ରଙ୍କ ଟ୍ରାକ ରେକର୍ଡ ଯଦି ଦେଖାଯାଏ, ପୂର୍ବରୁ କ୍ୟାଣ୍ଟନମେଣ୍ଟ ଥାନା ଦାୟିତ୍ୱରେ ଥିବାବେଳେ ୪୦ ହଜାର ଟଙ୍କା ଲାଞ୍ଚ ମାଗି କମିଶନରେଟ ପୋଲିସକୁ ବଦନାମ କରିଥିଲେ ଏ ବାବୁ। ମହିଳା ଏତଲାକାରୀଙ୍କୁ ଦୁଷ୍କର୍ମ ଧମକ ଦେଇଥିବା ଏହି ଅଧିକାରୀଙ୍କୁ ବହିଷ୍କାର ସହ ଗିରଫ ଗିରଫ ଦାବି କରିଛନ୍ତି ସେନା ଅଧିକାରୀ। ଅନ୍ୟପଟେ ମେଜରଙ୍କ ବାନ୍ଧବୀଙ୍କୁ ଆଜି ହାଇକୋର୍ଟରୁ ଜାମିନ ମିଳିଛି।

ସେପଟେ ଗତ ୧୪ତାରିଖ ରାତିରେ ମେଜର ଗୁରୁବଂଶ ସିଂ ଏବଂ ତାଙ୍କ ବାନ୍ଧବୀ କାରରେ ଘରକୁ ଫେରିବା ବେଳେ ତାଙ୍କ ଗାଡ଼ିକୁ ଅଟକାଇ ଦୁର୍ବ୍ୟବହାର କରିଥିଲେ ଦୁର୍ବୃର୍ତ୍ତ। ଏହାକୁ ନେଇ ସଂପୃକ୍ତ ଆର୍ମି ମେଜର ଓ ତାଙ୍କ ବାନ୍ଧବୀ ଅଭିଯୋଗ କରିବାକୁ ଭରତପୁର ଥାନାକୁ ଯାଇଥିଲେ। ତେବେ ସେଠାରେ ପୋଲିସ ଅଭିଯୋଗ ରଖିବା ବଦଳରେ ତାଙ୍କୁ ଦୁର୍ବ୍ୟବହାର ଓ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏଭଳିକି ସେନା ଅଧିକାରୀଙ୍କୁ ଲକ୍ ଅପ୍ ରେ ରାତିତମାମ ରଖିଥିଲା ପୋଲିସ । ଏହାକୁ ନେଇ ତାଙ୍କ ବାନ୍ଧବୀ ଅଭିଯୋଗ କରିବାରୁ ତାଙ୍କୁ ଉପସ୍ଥିତ ପୋଲିସ ଅଧିକାରୀ ଅର୍ଦ୍ଧନଗ୍ନ କରି ମାଡ ମାରି ଲହୁଲୁହାଣ କରି ଦେଇଥିଲେ । ତତ୍କାଳୀନ ଆଇଆଇସି ଦୀନକୃଷ୍ଣ ମିଶ୍ର ଦୁଷ୍କର୍ମ ଧମକ ଦେଇଥିବା ମଧ୍ୟ ଅଭିଯୋଗ ହୋଇଥିଲା । ଏହି ଘଟଣାର ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ । ତେବେ ଭରତପୁର ଥାନା ଏକ ମଡେଲ ଥାନା ହୋଇଥିଲେ ବି ସେଠାରେ ସିସିଟିଭି କ୍ୟାମେରା କେମିତି ନଥିଲା ତାକୁ ନେଇ ପ୍ରଶ୍ନ ଉଠିବା ପରେ ସାରା ଦେଶରେ ଓଡିଶା ପୋଲିସର ଛବି ଖରାପ ହୋଇଛି। ଏଠାରେ ପ୍ରଶ୍ନ ଉଠୁଛି ପୋଲିସ ବାବୁଙ୍କର ଯଦି ଭୁଲ ଥିଲା ତେବେ ତାଙ୍କୁ ନିଲମ୍ବନ କରିବାକୁ କାହିଁକି ଲାଗିଲା ୪ ଦିନ ? ସେଦିନ ରାତିରେ ମେଜର ଙ୍କୁ ଦୁର୍ବ୍ୟବହାର ଘଟଣାରେ ଅଭିଯୁକ୍ତଙ୍କୁ କାହିଁକି ଧରୁନି ପୋଲିସ ? ଏସବୁକୁ ନେଇ ଏଯାଏଁ ପୋଲିସ କମିଶନର ଓ ଡିସିପି କାହିଁକି ଚୁପ ବସିଛନ୍ତି ? ଏହାକୁ ନେଇ ଏବେ ଉଠିଛି ବଡ଼ ପ୍ରଶ୍ନ ।

### କାହା କାନ୍ତ...

କରିଥିଲେ । ତାଙ୍କ ଅମଳରେ ଓଡିଆମାନଙ୍କୁ ଧିରେ ଧିରେ ସେଠାରୁ ହଟାଇଥିଲେ । ଯାହା ଫଳରେ ଅଚିହ୍ନା ଆଗନ୍ତୁକଙ୍କ ବିଷୟରେ କେହି କିଛି ଟେର୍ ପାଇଲେ ନାହିଁ । ଏବେ ବି ବାବଙ୍କର ଏକାନ୍ତ ଅନୁଗତ ଥିବା ୫୧ଜଣ ଅଣଓଡିଆ ଓଡିଶା ନିବାସରେ କାର୍ଯ୍ୟରତ ଥିବା ଜଣାଯାଇଛି ।

ତେବେ ଆବାସିକ ଆୟୁକ୍ତ ପଦବୀରେ ରହି ରବି କାନ୍ତ ଓଡିଶାର ସ୍ୱାର୍ଥ ସାଧନ ପାଇଁ ଦିଲ୍ଲୀରେ କ'ଣ କ'ଣ ସବୁ କାର୍ଯ୍ୟ କରୁଥିଲେ ଏବଂ ଓଡିଶା ନିବାସରେ ନିର୍ଦ୍ଦିଷ୍ଟ ରୁମ୍‌ରେ କାହାକୁ ରଖୁଥିଲେ ତାହାର ଖୋଳତାଡ ପାଇଁ ଦାବି ଉଠିଲାଣି । ବାବୁଙ୍କ କାରନାମାର ସମକ୍ୟ ସୂଚନା ପାଇ ଓଡିଶାର ମୋହନ ସରକାର ତାଙ୍କୁ ଦିଲ୍ଲୀରୁ ଓଡିଶା ଆଣି ଗୃହ ବିଭାଗରେ ଓଏସ୍‌ଡି କରି ବସାଇଛନ୍ତି । ହେଲେ ତାଙ୍କ କାରନାମାର ଏପର୍ଯ୍ୟନ୍ତ ଖୋଳତାଡ ହୋଇନାହିଁ ।

ଓଡିଶାର ସ୍ୱାର୍ଥ ସୁରକ୍ଷା ପାଇଁ ଦିଲ୍ଲୀରେ ମୋଟା ଅଙ୍କର ଦରମା ନେଇ ପୁଲିସ୍ ବାବୁ ଜଣଙ୍କ କାହା କାହା ସ୍ୱାର୍ଥ ରକ୍ଷା କରୁଥିଲେ ଏବଂ ଓଡିଶା ନିବାସର ଦୁଇଟି କୋଠରି କିଭଳି ଭାବେ ବ୍ୟବହୃତ ହେଉଥିଲା ତାହାର ସରଜମିନ ତଦନ୍ତ ପାଇଁ ଦାବି ଉଠିଲାଣି। ଏହି ରହସ୍ୟ ଉପରୁ ପରଦା ହଟିଲେ ଅନେକ ଅନାଲୋଚିତ ଓ ଅଦୃଶ୍ୟ ଖେଳ ପଦାକୁ ଆସିବ ବୋଲି ସୂଚନା ଅଧିକାରକର୍ମୀମାନେ ମତ ଦେବା ସହିତ ସମ୍ପୃକ୍ତ ଦୁଇଟି କୋଠରିର ରହସ୍ୟ ଉନ୍ମୋଚନ ପାଇଁ ଦାବି ଉଠାଇଛନ୍ତି ।

## ନାଳରେ ପଡି ଶିଶୁକନ୍ୟା ମୃତ

ରାଜନଗର, ୧୮।୯ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଖମାରସାହି ପଂଚାୟତ ରାଜେନ୍ଦ୍ର ନାରାୟଣପୁର ଗାଁର ଦିଲ୍ଲୀପ ଦାସଙ୍କ ଦେଢ ବର୍ଷର ଶିଶୁକନ୍ୟା ଅର୍ପିତା ଦାସ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି । ଆଜି ସକାଳ ୮ଟା ବେଳେ ଅର୍ପିତା ଘର ଆଗରେ ଖେଳୁଥିବା ସମୟରେ ଅସାବଧାନତା ହେତୁ ଘର ଆଗରେ ଥିବା ନାଳରେ ପଡିଯାଇଥିଲେ। କିଛି ସମୟ ପରେ ପରିବାର ଲୋକେ ଅର୍ପିତାକୁ ନଦେଖି ଖୋଜାଖୋଜି କରିଥିଲେ । ଅର୍ପିତାଙ୍କ ବଡବୋଉ କାଜଲ ମଣ୍ଡଳ ଅର୍ପିତା ପାଣିନାଳରେ ଭାସୁଥିବା ଦେଖି ତାଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅର୍ପିତା ଦିଲ୍ଲୀପଙ୍କ ଏକମାତ୍ର କନ୍ୟା। ଦିଲ୍ଲୀପ ରାଜ୍ୟ ବାହାରେ ଦାଦନ ଖଟୁଥିବା ବେଳେ ଏକମାତ୍ର ଶିଶୁ କନ୍ୟା ପାଣିରେ ବୁଡି ମୃତ୍ୟୁବରଣ କରିବା ଖବର ଶୋକାକୂଳ ପରିସ୍ଥିତି ସୃଷ୍ଟି କରିଛି। ଏ ନେଇ ତାଳଚୁଆ ସାମୁଦ୍ରିକ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

### ସରିଲା ନୂଆଁଖାଇ

## ଦାଦନ ଯିବାକୁ ସଜବାଜ ହେଲେଣି ଲୋକେ

ସୁବର୍ଣ୍ଣପୁର, ୧୮।୯ (ସଂଚାର ବ୍ୟୁରୋ): ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଶେଷ ହୋଇଛି। ଏହି ନୂଆଁଖାଇ ପର୍ବ ପାଳନ ପାଇଁ ପଶ୍ଚିମ ଓଡିଶାର ଲୋକମାନେ ଯିଏ ଯେଉଁଠି ଥିଲେ ମଧ୍ୟ ନିଜ ନିଜ ଘରକୁ ଆସିଥାନ୍ତି । ନୂଆଁଖାଇ ଓ ତା' ପରଦିନ ଛାଡଖାଇ ପାଳନ କରି ପୁଣି ନିଜ ନିଜର କର୍ମକ୍ଷେତ୍ରକୁ ଫେରି ଯାଆନ୍ତି କିନ୍ତୁ ସୁବର୍ଣ୍ଣପୁର ଜିଲ୍ଲାର ଗ୍ରାମାଞ୍ଚଳରୁ ଶ୍ରମିକମାନେ କାମ ଅଭାବରୁ ବିଭିନ୍ନ ରାଜ୍ୟକୁ ଯଥା ତାମିଲନାଡୁ, ବେଙ୍ଗାଲୁର, ଆନ୍ଧ୍ରପ୍ରଦେଶ, ସୁରାଟ, ଭଳି ବିଭିନ୍ନ ରାଜ୍ୟ ଦାଦନ ଖଟିବାକୁ ଚାଲି ଯାଆନ୍ତି। ସୁବର୍ଣ୍ଣପୁର ଜିଲ୍ଲାରେ କୌଣସି ଶିଳ୍ପ ସଂସ୍ଥା ନ ଥିବାରୁ ଏଠିକାର ଲୋକେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯିବାପାଇଁ ବାଧ୍ୟ ହୋଇଥାନ୍ତି। ତେଣୁ ନୂଆଁଖାଇ ପାଳନ ସରିଲା ପରେ ଉଲୁଣ୍ଡା , ସୋନପୁର, ବୀରମହାରାଜପୁର, ତରଭା ଏହି ଅଞ୍ଚଳର ଅଧିକାଂଶ ଶ୍ରମିକ ଦାଦନ ଖଟି ଯିବାକୁ ସଜବାଜ ହେଉଥିବା ଦେଖିବାକୁ ମିଳିଛି। ଏଭଳି ସ୍ଥିତରେ ଜିଲ୍ଲା ପ୍ରଶାସନ କି ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଶ୍ରମ ବିଭାଗ ପାଖରେ ଜିଲ୍ଲା ରୁ କେତେ ଦାଦନ ଶ୍ରମିକ ବାହାର ରାଜ୍ୟ କୁ ଯାଉଛନ୍ତି ହିସାବ ନାହିଁ କିନ୍ତୁ ଶ୍ରମ ବିଭାଗର ଖାମଖିଆଲି ନୀତି ଯୋଗୁଁ ଶ୍ରମିକ ମାନଙ୍କ ହିସାବ ରହୁ ନାହିଁ ।

ସେପଟେ ସରକାର ଗରିବ ନିରାହ ଗରିବ ଲୋକଙ୍କୁ କାମ ଯୋଗାଇ ଦେବା ପାଇଁ ମାଳ ମାଳ ଯୋଜନା ପ୍ରଣୟନ କରି ବିପୁଳ ଅର୍ଥବିନିଯୋଗ କରୁଥିବା କହୁଛନ୍ତି କିନ୍ତୁ ପ୍ରଶାସନ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ନିଜର ପରିବାର ଚଳାଇବା କଷ୍ଟକର ହେଉଥବା ଯୋଗୁଁ ଗରିବ ଲୋକମାନେ ବାହାର ରାଜ୍ୟକୁ ଦାଦନ ଖଟି ଯିବା ପାଇଁ ବାଧ୍ୟ ହେଉଛନ୍ତି। ଅନ୍ୟପଟେ ଗରିବ ଲୋକଙ୍କୁ କାମ ଯୋଗାଇ ଦେବାକୁ ମନରେଗା ଯୋଜନା କର ନିଜ ନିଜର ପଞ୍ଚାୟତରେ ବର୍ଷକୁ ୧୦୦ ଦିନର କାମ ଯୋଗାଇ ଦେବାକୁ ସ୍ଥିର କରିଛନ୍ତି। ସମସ୍ତ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଏବଂ ଲାଭଖୋର ମନୋବୃତ୍ତି ଯୋଗୁଁ ମନରେଗା କାମ ସବୁ ଜେସିବି ମେସିନ ଓ ଟ୍ରାକ୍ଟର ସାହାଯ୍ୟରେ କାମ କରୁଥିବା ବେଳେ ଏପଟେ ଶ୍ରମିକ ମାନଙ୍କୁ ଅଣଦେଖା କରାଯାଉଛି।ଏହା ଫଳରେ ଶ୍ରମିକମାନେ ଦଲାଲ ଠାରୁ ଅଗ୍ରୀମ ଅର୍ଥ ଆଣି ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟକୁ ଦାଦନ ଖଟି ଯିବା ପାଇଁ ବାଧ୍ୟ ହେଉଛନ୍ତି । ଅନେକ କ୍ଷେତ୍ରରେ ବାହାର ଦଲାଲ ମାନଙ୍କ ଦ୍ୱାରା ଶ୍ରମିକ ମାନେ ଶୋଷଣର ଶିକାର ହୋଇ ଶେଷରେ ଜୀବନ ଚାଲିଯାଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ଶ୍ରମିକ କହେ ଏବେ ସରିଲା ନୂଆଁଖାଇ ଆମେ ଚାଲିଲୁ ବାହାର ରାଜ୍ୟ କୁ ଦାଦନ ଖଟି ପୁଣି ଦେଖାହେବ ଆସନ୍ତା ନୂଆଁଖାଇକୁ।

## ପ୍ରଭୁଶ୍ରୀ ଓ ପ୍ରୀତିଶ୍ରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା





କେନ୍ଦ୍ରାପଡ଼ା, ୧୮।୯ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫଟୋଚିତ୍ର ଆଙ୍କି ପ୍ରଶଂସିତ ହୋଇଛନ୍ତି କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୋପ ଗ୍ରାମର ଭାଇ ଓ ଭଉଣୀ । ଅଙ୍କନ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁନ୍ଦର ଚିତ୍ର ପ୍ରଧାନମନ୍ତ୍ରୀଙ୍କ ମନକୁ ସୁନ୍ଦର ଲାଗିଛି। ଏଥିପାଇଁ ଭାଇଭଉଣୀଙ୍କୁ ମିଳିଛି ପ୍ରଶଂସା ପତ୍ର ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଧାରଣ ନିର୍ବାଚନ ସମୟରେ କେନ୍ଦ୍ରାପଡା ବ୍ଲକ ଅଧିନ ବାରୁଅ ଗ୍ରାମ ପଡିଆକୁ ଭୋଟ ପ୍ରଚାରରେ ଆସିଥିବା ବେଳେ ଗୋପସ୍ଥିତ ସେଣ୍ଟ ଜାଭିୟର ବିଦ୍ୟାଳୟର ୪ର୍ଥ ଶ୍ରେଣୀର ଛାତ୍ର ପ୍ରଭୁଶ୍ରୀ ମିଶ୍ର ଓ ଛାତ୍ରୀ ପ୍ରୀତିଶ୍ରୀ ମିଶ୍ର ପ୍ରଧାନମନ୍ତ୍ରୀଙ୍କୁ ତାଙ୍କର ଅବିକଳ ୨ଗୋଟି ଫଟୋଚିତ୍ର (ଆକ୍ରାଲିକ କଲର) ଆଙ୍କି ପ୍ରଦାନ କରିଥିଲେ । ଦୀର୍ଘଦିନ ପରେ ଗତକାଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପି.ଏମ.ଓ)ରୁ ୨ଗୋଟି ପ୍ରଶଂସା ପତ୍ର ତାଙ୍କ ସ୍ୱାକ୍ଷର ଥାଇ ବାସଭବନରେ ପହଁଚିଛି । ଏହି ପ୍ରଶଂସା ପତ୍ର ପାଇ ପରିବାର ଓ ପିଲା ଦୁଇଟି ଖୁବ୍ ଆନନ୍ଦିତ ହୋଇଛନ୍ତି। ଏହି ଦୁଇଜଣ ଗୋପ ଗ୍ରାମର ସନ୍ତୋଷ ମିଶ୍ର ଓ ପ୍ରିୟମ୍ବଦା ମିଶ୍ରଙ୍କ ସୁପୁତ୍ର ଓ କନ୍ୟା ଅଟନ୍ତି ।

ପିଲାଟି ଦିନୁ ପ୍ରତିଭାବାନ ଭାଇ, ଭାଉଣୀ ଦୁଇଜଣ ଅନେକ ସାମଗ୍ରୀ ବ୍ୟବହାର କରି ବହୁ ଚିତ୍ର ମୂର୍ତ୍ତୀ ଇତ୍ୟାଦି ନିର୍ମାଣ କରିବାରେ ସିଦ୍ଧହସ୍ତ ଅଟନ୍ତି । ବୋଇତ ବନ୍ଦାଣ, ରଥଯାତ୍ରା, ସ୍ୱଚ୍ଛଭାରତ ଓ ସମ୍ବାଦପତ୍ରର ଚିତ୍ରକଳା ପ୍ରତିଯୋଗିତାରେ ଭାଗନେଇ ଅନେକଥର ପୁରସ୍କୃତ ହୋଇଛନ୍ତି । ଭାଇ, ଭାଉଣୀ ଉଚ୍ଚକୋଟୀର ନୃତ୍ୟଶିଳ୍ପୀ ମଧ୍ୟ ଅଟନ୍ତି। ନୃତ୍ୟକଳାର ପାରଦର୍ଶିତା ପାଇଁ ଜିଲ୍ଲା ଓ ଜିଲ୍ଲା ବାହାରେ ଅନେକ ପୁରସ୍କାର ମଧ୍ୟ ପାଇଛନ୍ତି । କେନ୍ଦ୍ରାପଡାର ବରିଷ୍ଠ ଚିତ୍ରଗୁରୁ ଅଜୟ ପଣ୍ଡାଙ୍କଠାରୁ ସେମାନେ ଚିତ୍ର ଶିକ୍ଷା କରୁଛନ୍ତି । ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକ, ଶିକ୍ଷୟିତ୍ରୀ, ସାଙ୍ଗସାଥି ତଥା ବନ୍ଧୁବାନ୍ଧବ ଖୁସିରେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



## ମଙ୍ଗୁଲିରେ ଆୟୁଷ୍ମାନ ଆରୋଗ୍ୟ ଶିବିର

ଜଗତସିଂହପୁର, ୧୮।୯ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ବିରିଡି ବ୍ଲକ ମଙ୍ଗୁଲି ସିଏଚ ଓ ପରିସରରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ମଙ୍ଗୁଲି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରାଜଲକ୍ଷ୍ମୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରର ପ୍ରାରମ୍ଭରେ ସବୁବେଳେ ସବୁ ବର୍ଗର ଲୋକଙ୍କ ସେବାରେ ନିଜକୁ ସମର୍ପିତ କରିଥିବା ଏବଂ ଅଧିକ ସେବାଯୋଗାଇ ଦେବା ଉଦେଶ୍ୟରେ ନୂତନ ଭାବେ ନିଜକୁ ସାମିଲ କରିଥିବା ବିରିଡି ବ୍ଲକ ୨ ନମ୍ବର ଜୋନର ଜିଲ୍ଲାପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ ଉକୁନ୍ଦରା ଗ୍ରାମର ଯକ୍ଷ୍ମା ଆକ୍ରାନ୍ତ ରୋଗୀ ସଂଗ୍ରାମ ଭୋଇଙ୍କୁ ପୋଷଣ ବା ପୃଷ୍ଟି ସାରା ଜାତୀୟ ଖାଦ୍ୟ ବସ୍କେଟ ପ୍ରଦାନ କରିଥିଲେ । ଆସନ୍ତା ୬ ମାସ ପର୍ଯ୍ୟନ୍ତ ଏହି ଖାଦ୍ୟ ବିସ୍କୁଟ ଶ୍ରୀ ଦାଶ ପ୍ରଦାନ କରିବେ ବୋଲି ଜଣା ପଡିଛି । ଏଥିରେ ସରପଞ୍ଚ ନିରଞ୍ଜନ ସେଠୀ ସାମିଲ ହୋଇଥିବାବେଳେ ବାଗଲପୁରର ଡାକ୍ତର ଶୁଭଦର୍ଶିନୀ ଦାଶ ଯୋଗଦେଇ ବିଶେଷକରି ଯକ୍ଷ୍ମାରେ ଆକ୍ରାନ୍ତ ରୋଗୀମାନେ କିଭଳି ଭାବେ ସନ୍ତୁଳିତ ଆହାର ଖାଦ୍ୟ ଭାବେ ଗ୍ରହଣ କରିବେ ଏବଂ ଏହାର ଉପକାରିତା ଉପରେ ପରାମର୍ଶ ଦେଇଥିଲେ । ଏଥିରେ ୫୦ ରୁ ଉର୍ଦ୍ଧ ରୋଗୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସ୍ୱାସ୍ଥ୍ୟ କର୍ମୀ ଓ ଆଶା କର୍ମୀ ମାନେ ସହଯୋଗ କରିଥିଲେ ।

## ନାବାଳିକା ଅପହରଣ ଅଭିଯୋଗରେ ଯୁବକ ଗିରଫ

ଟାଙ୍ଗୀ-ଚୌଦ୍ୱାର, ୧୮।୯ (ସଂଚାର ବ୍ୟୁରୋ): ଚୌଦ୍ୱାର ଥାନା ଅଞ୍ଚଳରୁ ଜଣେ ନାବାଳିକାକୁ ଅପହରଣ କରି ନେଇଯାଇଥିବା ଅଭିଯୋଗରେ ଚୌଦ୍ୱାର ପୋଲିସ୍ ଜଣେ ଯୁବକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କୋଣାର୍କ ଥାନା ଅଞ୍ଚଳର ଶ୍ରୀକ୍ଷେତ୍ର କାଣ୍ଡୀ(୨୨) । ଶ୍ରକ୍ଷେତ୍ର ଓ ଅପହୃତା ନାବାଳିକାକୁ ନିଜ ଘରେ ରଖିଥିବା ଓ ଅପହରଣରେ ସାହାର୍ଯ୍ୟ କରିଥିବା ଅଭିଯୋଗରେ ପୋଲିସ୍ ଅଭିଯୁକ୍ତର ବାପା ମହେଶ୍ୱର କାଣ୍ଡୀକୁ ମଧ୍ୟ ଗିରଫ କରିଛି। ପୋଲିସ୍ ସୂଚନା ଅନୁଯାୟୀ ଫେସ୍‌ବୁକ୍ ଓ ମୋବାଇଲଯୋଗେ କଥା ବାର୍ତ୍ତାରୁ ଶ୍ରୀକ୍ଷେତ୍ର ଓ ନାବାଳିକା ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । କିଛିଦିନ ପରେ ଶ୍ରୀକ୍ଷେତ୍ର ଚୌଦ୍ୱାର ଆସି ନାବାଳିକା ଜଣକୁ ଅପହରଣ କରି ନେଇ ଯାଇଥିଲା । ଏସମ୍ପର୍କରେ ନାବାଳିକାର ପରିବାର ତରଫରୁ ଥାନାରେ ଅଭିଯୋଗ କରାଯିବାରେ ପୋଲିସ୍ ଉଭୟଙ୍କୁ ଖୋଜାଖୋଜି ସହିତ ତଦନ୍ତ ଜାରୀ ରଖିଥିଲେ । ଇତି ମଧ୍ୟରେ ଶ୍ରକ୍ଷେତ୍ର ଟାଙ୍ଗୀସ୍ଥିତ ଏକ ଘରୋଇ କମ୍ପାନୀର କାର୍ଯ୍ୟ କରିବା ସହିତ ଉଭୟ ସେଠାରେ ଏକ ଭଡ଼ାଘରେ ରହୁଥିଲେ । ଏସମ୍ପର୍କରେ ପୋଲିସକୁ ସୂଚନା ମିଳିଯାଇଥିବା ଜାଣିପାରି ଉଭୟେ ପୁଣି କୋଣାର୍କସ୍ଥିତ ନିଜ ଘରକୁ ଚାଲି ଯାଇଥିଲେ ।ଆଇଆଇସି ବିଶ୍ୱରଞ୍ଜନ ସାହୁଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ସରସ୍ୱତୀ ସାହୁ ସଦଳବଳେ ଯାଇ କୋଣାର୍କରୁ ଅଭିଯୁକ୍ତ ଓ ତା ବାପାକୁ ଗିରଫ କରିବା ସହିତ ନାବାଳିକାକୁ ଉଦ୍ଧାର କରି କଟକସ୍ଥିତ ଏକ ଶିଶୁ ଯତ୍ନ କେନ୍ଦ୍ର ଦାୟିତ୍ୱରେ ଦେଇଛନ୍ତି । ଅଭିଯୁକ୍ତ ପୁଅ ଓ ବାପକୁ କୋର୍ଟ ଚାଲାଣ କରାଯାଇଛି ।

### ସଙ୍କଟରେ ପାଟକୁରା ବିଜେଡି

## ଇସ୍ତଫା ଦେଲେ ଅସନ୍ତୁଷ୍ଟ କର୍ମୀ



କେନ୍ଦ୍ରାପଡ଼ା, ୧୮।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ପାଟକୁରା ନିର୍ବାଚନମଣ୍ଡଳୀ ବିଜେଡି ରାଜନୀତି ଏବେ ଗୋଳମାଳିଆ ହୋଇଛି। ପାଟକୁରାରେ ବିଧାୟକ କିଏ ବୋଲି ପ୍ରଶ୍ନ ଉଠାଇଛନ୍ତି ଡେରାବିଶ ବ୍ଲକର ବିଜୁ ଜନତା ଦଳର କର୍ମୀ। ଯାହାକୁ ନେଇ ଆଜି ସମୂହ ଇସ୍ତଫା ଦେଇଛନ୍ତି ବିଭିନ୍ନ ପଦ ପଦବୀରେ ଥିବା ବିଜେଡି କର୍ମୀ।

ଆଜି ଡେରାବିଶ ବ୍ଲକ ଛତା ଛକରେ ଥିବା ଏକ ମଣ୍ଡପରେ ଜିଲ୍ଲା ଉପସଭାପତି ଶ୍ରୀମନ୍ତ ରାଉତରାୟଙ୍କ ଅଦକ୍ଷତା ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଡେରାବିଶ ବ୍ଲକରେ ଦୀର୍ଘଦିନ ହେବ ଯେଉଁ ବିଜେଡି କର୍ମୀ କାମ କରୁଥିଲେ ତାଙ୍କୁ ଏବେ ବିଧାୟକ ଅଣ ଦେଖା କରୁଛନ୍ତି। ଏଭଳିକି ଯଦି କୌଣସି ପଞ୍ଚାୟତକୁ ବିଧାୟକ ଗ୍ରସ୍ତ କରୁଛନ୍ତି ତାହାଲେବି ସ୍ଥାନୀୟ ନେତୃତ୍ୱଙ୍କୁ ଡକାଯାଉନି। ପାଟକୁରାରେ ବିଧାୟକ ନୁହେଁ ଛାୟା ବିଧାୟକ ଭାବେ ତାଙ୍କ ବାପା ବିଜୟ ମହାପାତ୍ର କାମ କରୁଛନ୍ତି। ୨୫ ବର୍ଷ ଧରି ଦଳରେ କାମ କରୁଥିବା ଆଗଧାଡିର କର୍ମୀଙ୍କୁ କଣଠେସା କରିଦେଇଛନ୍ତି। ଯାହାଫଳରେ ପାଟକୁରାରେ ବିଜେଡି ଦିନକୁ ଦିନ ଦୁର୍ବଳ ହେବା ସହ ସଙ୍କଟରେ ପଡୁଛି। ବିଧାୟକଙ୍କ ମନମୁଖି କାର୍ଯ୍ୟକ୍ରମକୁ ନେଇ ନାପସନ୍ଦ କରିବା ସହ ଆଜି ସମୂହ ଇସ୍ତଫା ନେବା ପାଇଁ ବାଧ୍ୟ ହେଉଛୁ ବୋଲି ଶ୍ରୀମନ୍ତ କହିଛନ୍ତି।

ସେହିପରି ଡେରାବିଶ ବ୍ଲକ ବିଜେଡି ମହିଳା ସଭାନେତ୍ରୀ ପଦରୁ ତୃପ୍ତିମୟୀ କର, ବ୍ଲକ୍ ଯୁବ ବିଜେଡ଼ି ସଭାପତି ପଦରୁ ଗୋଲକ ଚନ୍ଦ୍ର ସାହୁଙ୍କ ସହ ବିଭିନ୍ନ ପଦପଦବୀରୁ ପ୍ରାୟ ୨୦ ଜଣ ନେତା ଇସ୍ତଫା ଦେଇଛନ୍ତି। ପୂର୍ବରୁ ଡେରାବିଶ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ ନିଜ ପଦରୁ ଇସ୍ତଫା ଦେଇଥିଲେ । ଏହି ଇସ୍ତଫା ପର୍ବ ଜାରି ରହିଲେ ଆଗାମୀ ଦିନରେ ଦଳ ପାଇଁ ଏହା କ୍ଷତିକାରକ ସାବ୍ୟସ୍ତ ହେବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି ।



## ଜିଲ୍ଲାପାଳଙ୍କ ଅସମ୍ମାନ ପ୍ରତିବାଦରେ ସାମ୍ବାଦିକଙ୍କ ପ୍ରଶାସନକୁ ବର୍ଜନ ନିଷ୍ପତ୍ତି

ଯାଜପୁର, ୧୮।୯ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ପରିଷଦର ବୈଠକରୁ ସାମ୍ବାଦିକମାନଙ୍କୁ ଉଠିଯିବା ପାଇଁ ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ ନିର୍ଦ୍ଦେଶ ଘଟଣା ନେଇ ସାମ୍ବାଦିକ ମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ବୁଧବାର ଦିନ ୬ଷ୍ଠ ଜିଲ୍ଲା ପରିଷଦର ୫ ସାଧାରଣ ବୈଠକ ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରତି ବୈଠକ ଭଳି ଏହି କାର୍ଯ୍ୟକ୍ରମକୁ ମଧ୍ୟ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସମସ୍ତ ସାମ୍ବାଦିକଙ୍କୁ ଚିଠି ସଂଖ୍ୟା ୧୧୬୭/ତା୧୭.୯.୨୪ରିଖ ଅନୁଯାୟୀ ନିମନ୍ତ୍ରଣ କରିଥିଲେ। ତଦନୁସାରେ ଯାଜପୁର ଅଂଚଳର ଉଭୟ ବୈଦ୍ୟୁତିକ ଓ ମୁଦ୍ରିତ ଗଣମାଧ୍ୟମର ପ୍ରତିନିଧି ସଠିକ୍ ସମୟରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ତେବେ ଜିଲ୍ଲାପାଳ ମହାଶୟା ଜିଲ୍ଲା ପରିଷଦ ସଭାପତି, ଉପସଭାପତି,ଯାଜପୁର ସାଂସଦ ରବି ନାରାୟଣ ବେହେରା, ରାଜ୍ୟସଭା ସାଂସଦ ସୁଲତା ଦେଓ,ବରୀ ବିଧାୟକ ବିଶ୍ୱରଂଜନ ମଲ୍ଲିକ, ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ,ଯାଜପୁର ବିଧାୟୀକା ସୁଜାତା ସାହୁଙ୍କ ସହିତ ବୈଠକ ସ୍ଥଳକୁ ଆସି ହଠାତ୍ ଉପସ୍ଥିତ ସାମ୍ବାଦିକମାନଙ୍କୁ ଫଟୋ ଏଠାରୁ ଯାଆନ୍ତୁ ବୋଲି କହିଥିଲେ। ନୂଆ ଭାବେ ଆସିଥିବା ଜିଲ୍ଲାପାଳଙ୍କ ଏପରି ଆଚରଣ ଉପସ୍ଥିତ ସମସ୍ତଙ୍କୁ ଆଚମ୍ବିତ କରିଥିଲା। ସାମ୍ବାଦିକମାନେ ଅପମାନିତ ହୋଇ ସଭାଗୃହରୁ ଫେରି ଆସିବା ପରେ ଜିଲ୍ଲା ପରିଷଦ ଉପ ସଭାପତି ଗଣେଶ୍ୱର ବରାଳ, ବରୀ ବିଧାୟକ ଶ୍ରୀ ମଲ୍ଲିକ, ବଡଚଣା ବିଧାୟକ ଅମର ନାୟକ, କୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ସାହୁ ପ୍ରମୁଖ ବାହାରେ ଉପସ୍ଥିତ ସାମ୍ବାଦିକମାନଙ୍କ ନିକଟକୁ ଆସି ଘଟଣା ସମ୍ପର୍କରେ ଜାଣି ଉଦବେଗ ପ୍ରକାଶ କରିଥଲେ। ପରେ ଏ ନେଇ ସାମ୍ବାଦିକ ମାନେ ବୈଠକରେ ଉପସ୍ଥିତ ସାଂସଦ ଶ୍ରୀ ବେହେରାଙ୍କ ନେତୃତ୍ୱ ସମସ୍ତ ବିଧାୟକ ବିଧାୟୀକା ମାନଙ୍କୁ ସ୍ମାରକପତ୍ର ପ୍ରଦାନ କରି ଜିଲ୍ଲାପାଳଙ୍କ ପ୍ରତିଟି କାର୍ଯ୍ୟକ୍ରମକୁ ସାମ୍ବାଦିକମାନେ ବର୍ଜନ କରିବେ ବୋଲି ଜଣାଇଥିଲେ।

## ଦୁବାଇରେ କମାଲ ଦେଖାଇଲେ ଶାଶ୍ୱତ ଓ ଅର୍ଚ୍ଚନା

ସୁବର୍ଣ୍ଣପୁର, ୧୮।୯ (ସଂଚାର ବ୍ୟୁରୋ): ବିଦେଶ ମାଟିରେ ନୂଆଁଖାଇର ମହକ। ପଶ୍ଚିମ ଓଡ଼ିଶାରେ ସେପ୍ଟେମ୍ବର ୮ରେ ନୂଆଁଖାଇ ପାଳନ ହୋଇଥିବା ବେଳେ ସୁଦୂର ଦୁବାଇରେ 'ନୂଆଁଖାଇ ପରିବାର ୟୁଏଇ' ପକ୍ଷରୁ ମଧ୍ୟ ଖୁବ ଧୁମ୍‌ଧାମ୍‌ରେ ନୂଆଁଖାଇ ପାଳନ ହୋଇଯାଇଛି। ୟୁଏଇରେ ଏକକ ନୂଆଁଖାଇ ପାଳନର ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ନୂଆଁଖାଇ ଭେଟଘାଟର ଚଳିତ ୧୦ମ ବର୍ଷ। ଦୁବାଇ ସ୍ଥିତ



'ଏସଇଇ ଇନଷ୍ଟିଚ୍ୟୁଟ'ରେ ସବୁଠୁ ବଡ଼ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିବା ବେଳେ ଭାରତ ବାହାରେ ଆୟୋଜିତ ହେଉଥିବା ନୂଆଁଖାଇ ଭେଟଘାଟର ଏହା ସବୁଠୁ ବଡ଼ ଆୟୋଜନ।

ନୂଆଁଖାଇ ୨୦୨୪ ପାଳନ ଅବସରରେ ନିଜ ମାଟିର ଉତ୍ସବକୁ ସମସ୍ତେ ଖୁସିର ସହ ପାଳନ କରିଛନ୍ତି। ୟୁଏଇର କୋଣ ଅନୁକୋଣରେ ରହୁଥିବା ପ୍ରାୟ ୫ଶହରୁ ୬ଶହ ନୂଆଁଖାଇ ପରିବାରର ସଦସ୍ୟ ଏଥିରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଦୁବାଇ ସ୍ଥିତ ଭାରତୀୟ କୋନ୍ସୁଲ ଜେନେରାଲ ସତୀଶ କୁମାର ଶିଓନ। ଦୁବାଇରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ସ୍ୱତନ୍ତ୍ର ଅତିଥିମାନେ ପହଞ୍ଚିଥିବା ବେଳେ ପ୍ରତିଷ୍ଠିତ କଣ୍ଠଶିଳ୍ପୀ, ଗୀତିକାର ଓ ସଂଗୀତ ନିର୍ଦ୍ଦେଶକ ଶାଶ୍ୱତ କୁମାର ତ୍ରିପାଠୀ ଓ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢ଼ୀ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିଥିଲା ବେଳେ ତାଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଆହୁରି ରଙ୍ଗୀନ କରିଦେଇଥିଲା। ସମ୍ବଲପୁରୀ ନାଚ ଗୀତର ଆସର ଜମିଥିଲା। ଯାହାକୁ ସଭିଏଁ ମନଭରି ଉପଭୋଗ କରିଛନ୍ତି। ବାଲୁକା କଳାରେ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ କଳାର ନିଦର୍ଶନ ସମସ୍ତଙ୍କ ମନ ଜିଣିଛି। ଏହା ସହ ସୁଦାମଙ୍କୁ ଜୁହାର ସମ୍ମାନ ୟୁଏଇରେ ସମ୍ମାନିତ କରାଯାଇଛି। ଏଥିପାଇଁ ସେ ନୂଆଁଖାଇ ପରିବାରକୁ ଧନ୍ୟବାଦ ଜଣାଇଛନ୍ତି। ପଶ୍ଚିମ ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସବୁବେଳେ ପ୍ରୟାସ କରି ଆସୁଥିବା ନୂଆଁଖାଇ ପରିବାର ୟୁଏଇ ଏଥି ପାଇଁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପଶ୍ଚିମ ଓଡ଼ିଶାର କଳାକାରଙ୍କୁ ଅତିଥି କରାଯାଇଥିବା ସହ ତାଙ୍କୁ ସମ୍ମାନିତ କରାଯାଇଛି। ନୂଆଁଖାଇ ପାଳନ ଅବସରରେ ପ୍ରଥମେ ମାଆ ସମଲେଇଙ୍କୁ ପୂଜାର୍ଚ୍ଚନା କରି ନବାନ୍ନ ଲଗାଇ ସଭିଏଁ ଏକାଠି ନବାନ୍ନ ଖାଇଛନ୍ତି। ଆଉ ସଭିଏଁ ସମ୍ବଲପୁରୀ ପୋଷାକ ପିନ୍ଧି ଏକାଠି ପାଳନ କରିଛନ୍ତି ନୂଆଁଖାଇ। ଏହି ଅବସରରେ ଆବୁଧାବୀରୁ 'ଓଷା'ର ଏକ ସ୍ୱତନ୍ତ୍ର ଦଳ ସମ୍ବଲପୁରୀ ପୋଷାକ ପରିଧାନ କରି ଫ୍ୟାଶନ ସୋ ପ୍ରଦର୍ଶନ କରିଥିଲେ। ୟୁଏଇରେ ନୂଆଁଖାଇ ପାଳନର ୧୦ବର୍ଷ ପୂର୍ତ୍ତି ଅବସରରେ ଏକ ସ୍ମରଣିକା ବି ଉନ୍ମୋଚନ ହୋଇଯାଇଛି।



## ଚାଇଁପୁରିଆ ଅଞ୍ଚଳ ଜଳମଗ୍ନ

ବୈଶିଙ୍ଗା, ୧୮।୯ (ସଂଚାର ବ୍ୟୁରୋ): ଲଘୁଚାପ ଜନିତ ବର୍ଷା ତିନିଦିନ ଧରି ସାରା ମୟୂରଭଞ୍ଜ ଜିଲ୍ଲାକୁ ଅସ୍ତବ୍ୟସ୍ତ କରିଥିବା ବେଳେ ଏହା ପ୍ରଭାବରେ ବୈଶିଙ୍ଗା ଗ୍ରାମର ଚାଇଁପୁରିଆ ଅଞ୍ଚଳରେ ଜଳମଗ୍ନ ସ୍ଥିତି ଉପୁଜିଥିଲା । ଏହା ପାଇଁ ଚାଇଁପୁରିଆ ବଡ଼ ପୋଖରୀର ଜଳ ବୃଦ୍ଧି ପାଇବା ସହ ରାସ୍ତା ଉପରେ ତିନିଫୁଟ ଉପରେ ପାଣି ଚାଲିବା ସହ ପୋଖରୀ ପାର୍ଶ୍ୱରେ ଥିବା ଏକାଧିକ ଘର ଭିତରକୁ ମଧ୍ୟ ପାଣି ପଶିଯାଇଥିଲା । ଯାହା ଫଳରେ ସ୍ଥାନୀୟ ଲୋକ ପାଖ ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିଲେ । ପ୍ରତ୍ୟେକ ବର୍ଷ ଏହି ବଡ ପୋଖରୀର ଜଳ ବୃଦ୍ଧି ପାଇ ଏହି ପ୍ରକାର ଅସୁବିଧା ଉପୁଜିଥାଏ । ପୋଖରୀର ପାଣି ନିଷ୍କାସନ ପାଇଁ ଉଚିତ ବ୍ୟବସ୍ଥା ନ ଥିବାରୁ ବର୍ଷା ଦିନେ ଏହାର ଜଳ ଘରେ ପଶିବା ସହ ରାସ୍ତାଘାଟ ଉପରେ ପାଣି ଚାଲିଥାଏ। ଭୋଟ ସମୟ ଆସିଲେ ସମସ୍ତ ରାଜନେତା ଏଠାକୁ ଆସି ନିଜ ନିଜର ମିଛ ପ୍ରତିଶୃତି ଦେବା ସହ ଭୋଟ ହାତେଇବା କେବଳ ଶ୍ରେୟ। ବୈଶିଙ୍ଗା ଅଞ୍ଚଳର ଅନେକ ରାଜନେତା ଥାଇ ମଧ୍ୟ ଏଭଳି ସଙ୍ଗୀନ ପରିସ୍ଥିତି ସୃଷ୍ଟି ହେଉଥିଲେ ହେଁ ସେମାନେ କେହି କର୍ଣ୍ଣପାତ କରୁନଥିବା ଦେଖାଯାଇଛି । ଉକ୍ତ ଅଞ୍ଚଳର ଲୋକମାନଙ୍କ ଠାରୁ ଖବର ପାଇ ବୈଶିଙ୍ଗା ସରପଞ୍ଚ ସାବିତ୍ରୀ ମୁର୍ମୁ ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ତ୍ତିକ ସାହୁ ଘଟଣା ସ୍ଥଳରେ ପହଞ୍ଚି ପୋଖରୀରୁ ପାଣି ନିଷ୍କାସନ ପାଇଁ ତୁରନ୍ତ ଦୁଇଟି ଡିଜେଲ ପାଣି ପମ୍ପ ଲଗାଇବାର ବ୍ୟବସ୍ଥା କରାଇଥିଲେ। ଫଳରେ ଜଳର ସ୍ତର କମି ଯାଇଥିଲା ଏବଂ ଯାତାୟତ ସ୍ୱଭାବିକ ହୋଇଥିଲା ଏବଂ ଏହାର ସ୍ଥାୟୀ ସମାଧାନ କରାଯିବାର ମଧ୍ୟ ପ୍ରତିଶୃତି ମଧ୍ୟ ଦେଇଥିବାର ଜଣାଯାଇଛି।

### ନୟାଗଡ଼ ସହରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

## ଶପଥ ପାଠ କରାଇଲେ ଜିଲ୍ଲାପାଳ

ନୟାଗଡ଼, ୧୮।୯ (ସଂଚାର ବ୍ୟୁରୋ): "ସ୍ୱଚ୍ଛତା ହିଁ ସେବା" କାର୍ଯ୍ୟକ୍ରମ ଆଜି ନୟାଗଡ଼ ସହରରେ ଆଜି ଉଦ୍‌ଘାଟିତ ହୋଇଛି । ପୁରୁଣା ସହରର ଜିଲ୍ଲା ପାଠାଗାରଠାରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସବୁଜ ପତାକା ଦେଖାଇ ରାଲିକୁ ଉଦ୍‌ଘାଟନ କରିଥିଲେ । ସ୍ୱଚ୍ଛତା ପ୍ରତି ଅଧିକ ଧ୍ୟାନ ଦେବାକୁ ବ୍ୟାପକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା । ପାଠାଗାରଠାରୁ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ରାଲି ପହଞ୍ଚିଥିଲା । ବିଦ୍ୟାଳୟଠାରେ ସ୍ୱଚ୍ଛତା ଶପଥ ପାଠ କରାଯାଇଥିଲା । ନିଜେ ଜିଲ୍ଲାପାଳ ଶପଥ ପାଠ କରାଇଥିଲେ । ମୁଁ ଶପଥ ନେଉଛି ଯେ ମୁଁ ସ୍ୱଚ୍ଛତା ପ୍ରତି ପ୍ରତିବଦ୍ଧ ରହିବି ଏବଂ ଏଥି ନିମନ୍ତେ ସମୟ ଉତ୍ସର୍ଗ କରିବି । ଏଥି ପାଇଁ ମୁଁ ସ୍ୱେଚ୍ଛାକୃତ ଭାବେ ସପ୍ତାହକୁ ଦୁଇଘଣ୍ଟା ହିସାବରେ ପ୍ରତିବର୍ଷ ଅନ୍ୟୁନ ୧୦୦ ଘଣ୍ଟା ସମୟ ସ୍ୱଚ୍ଛତା ପାଇଁ ଖର୍ଚ୍ଚ କରିବି । ମୁଁ ନିଜେ ଏଣେତେଣେ ଅଳିଆ ପକାଇବି ନାହିଁ କିମ୍ବା ଅନ୍ୟ ମାନଙ୍କୁ ପକାଇବାକୁ ଦେବି ନାହିଁ । ମୁଁ ନିଜେ ମୋର ପରିବାର ସ୍ୱସ୍ଥାନ ଗ୍ରାମ ଏବଂ କର୍ମକ୍ଷେତ୍ରରୁ ହିଁ ସ୍ୱଚ୍ଛତାର ଅଭିଯାନ ଆରମ୍ଭ କରିବି । ବିଶ୍ୱର ଯେଉଁ ଦେଶ ମାନେ ଅଗ୍ରଗଣ୍ୟ ରହିଛନ୍ତି ସେଠାକାର ନାଗରିକ ମାନେ ଏଠିସେଠି ଅଳିଆ ପକାନ୍ତି ନାହିଁ କିମ୍ବା ଏହାକୁ ହେବାକୁ ଦିଅନ୍ତି ନାହିଁ । ଏଥି ସହିତ ମୁଁ ଗ୍ରାମ ଓ ନଗରରେ ସ୍ୱଚ୍ଛ ଭାରତ ଅଭିଯାନର ବାର୍ତ୍ତା ପ୍ରଚାର କରିବି । ଏଥି ସହିତ ଅନ୍ୟ ମାନଙ୍କୁ ଉତ୍ସାହିତ କରିବି । ଏଥି ସହିତ ବିଦ୍ୟାଳୟ ପରିସରରେ ୨୦୦ ଚାରା (ବିଭିନ୍ନ ପ୍ରକାର) ରୋପଣ କରାଯାଇଥିଲା ।

### ବର୍ଷ ବର୍ଷ ବିତିଲା, ନିର୍ମାଣ ହୋଇପାରିଲାନି ପୋଲ

## ନାଳିଫିଂତା ତଳେ କେନ୍ଦ୍ରାପଡ଼ାର ଦ୍ୱିତୀୟ ବାଇପାସ୍ ରୋଡ୍

କେନ୍ଦ୍ରାପଡ଼ା, ୧୮।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସହରାଞ୍ଚଳର ମୁଖ୍ୟ ସ୍ଥାନକୁ ସଂଯୋଗ ପାଇଁ ଆବଶ୍ୟକ ଥିବା ପୋଲ କାର୍ଯ୍ୟ ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଅପାରଗ ପଣିଆ ପାଇଁ ଏବେ ସହରବାସୀ ଦେଖିପାରୁ ନାହାନ୍ତି । ଯାହା ଫଳରେ ଏବେ ନାଲିଫିତା ତଳେ ସହରର ବାଇପାସ ରାସ୍ତା । କେନ୍ଦ୍ରାପଡା ସହରର ଭିଡ଼ ନିୟନ୍ତ୍ରଣକୁ ଆଖି ଆଗରେ ରଖି ଦୁଇବର୍ଷ ତଳେ ୧୧୫ କୋଟି ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହୋଇଥିଲା ବାଇପାସ ରାସ୍ତାର ନବନିର୍ମିତ ପୋଲ ଏବଂ ରୋଡ଼କାମ । କାମ ଆରମ୍ଭ ହୋଇଥିଲା ସତ ହେଲେ ଆଜିକୁ ତିନି ବର୍ଷ ବିତି ଯାଇଥିଲେ ମଧ୍ୟ ବାଇପାସ ନିର୍ମାଣକାର୍ଯ୍ୟ ଅତି ନିମ୍ନମାନର ହୋଇଥିବାରୁ ଅଧାରୁ ଅଟକି ରହିଛି ।

ଗତ ୩ ମାର୍ଚ୍ଚ ୨୦୨୩ ମସିହାରେ କାମ ଚାଲିଥିବା ବେଳେ ପୋଲର ଗାର୍ଡର ଭୁଶୁଡ଼ି ପଡିବା ପରେ ନିର୍ମାଣ ଦାୟିତ୍ୱରେ ଥିବା ଏ.ଆର.ଏସ.ଏସ କମ୍ପାନୀର ନିମ୍ନମାନର କାମକୁ ନେଇ ଲୋକେ ଅଭିଯୋଗ ଉଠାଇଥିଲେ। ପରବର୍ତ୍ତୀ ସମୟରେ କମ୍ପାନୀକୁ ବିଭାଗ ପକ୍ଷରୁ ବ୍ଲାକଲିଷ୍ଟେଡ଼ କରାଯାଇଥିଲା ଓ ପୂର୍ତ୍ତ ବିଭାଗର ତିନି ଜଣ ବିଭାଗୀୟ ଅଧିକାରୀ ସସପେଣ୍ଡ କରାଯାଇ ଲୋକାୟୁକ୍ତରେ କେସ ଚାଲିଛି। ହେଲେ



ସେହିଦିନ ଠାରୁ ପ୍ରକଳ୍ପ କାମ ନାଲିଫିତା ତଳେ ଅଟକି ରହିଛି।

ଅନ୍ୟପଟେ ସହର ଭିତରେ ଦିନକୁ ଦିନ ଭିଡ଼ ବଢୁଥିବାରୁ ପ୍ରକଳ୍ପକାମକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବଢ଼ିବାରେ ଲାଗିଛି । କେନ୍ଦ୍ରାପଡ଼ା ସହରବାସୀ ନୂତନ ସରକାରକୁ ଦାବି କରିଛନ୍ତି ବାଇପସ ରୋଡ ନିର୍ମାଣ କରିବା ପାଇଁ । କେନ୍ଦ୍ରାପଡ଼ା ସହର ଲୋକଙ୍କ ଭିଡ ଓ ଟ୍ରାଫିକ ସମସ୍ୟା ଯୋଗୁ ବାଇପାସ ରାସ୍ତା ତିନି ମୁହାଣୀ ଠାରୁ କାଳୀ ମନ୍ଦିର ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଓଡିଶା ସରକାରଙ୍କ ଦ୍ୱାରା ଗତ ୮ଜାନୁଆରୀ ୨୦୧୬ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱାରା ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ଏ ଆର୍ ଏସ ଏସ କମ୍ପାନୀ ଦ୍ୱାରା ୧୧୫କୋଟି ଟଙ୍କା ବ୍ୟୟ ଅଟକଳରୁ ସେଥି ମଧ୍ୟରୁ ୯ କୋଟି ବ୍ୟୟ ଅଟକଳରେ ତିନିମୁହାଣୀ ଅଞ୍ଚଳରେ ଗୋବରୀ ନଦୀ ଉପରେ ବାଇପାସ ରୋଡର ସେତୁ ପିଲର ଉପରେ ରଖାଯିବାର ୧୪ଘଣ୍ଟା ନ ପୁରୁଣୁ ଭାଙ୍ଗୀ ଖଣ୍ଡ ଖଣ୍ଡ ହୋଇଗଲା । ସେହି ଦିନଠାରୁ ବାଇପାସ ରୋଡ ଓ ସେତୁ କାର୍ଯ୍ୟ ବନ୍ଦ ହୋଇ ପଡ଼ିଛି । ସହରର ବାଇପାସ୍ ରୋଡର ସ୍ୱପ୍ନ ସ୍ୱପ୍ନରେ ହିଁ ରହିଯାଇଛି । ବୈଷୟିକ ତ୍ରୁଟି, ନିମ୍ନମାନର କାମ ସାଙ୍ଗକୁ ଠିକାଦାର ଓ ପୂର୍ତ୍ତ ବିଭାଗର ମଧୁ ଚନ୍ଦ୍ରିକାରେ ଏଭଳି ଦୁର୍ଘଟଣା ଘଟିଥିବାର ଅଭିଯୋଗ ହୋଇଛି ।

ଏ ସଂପର୍କରେ ବିଭାଗୀୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରିଥିଲେ ମଧ୍ୟ କେହି ମୁହଁ ଖୋଲୁନାହାନ୍ତି। ପୂର୍ବ ସରକାର କେସ ରୁଜୁ କରି ଭିଜିଲାନ୍ସ ଲୋକାୟୁକ୍ତ ତଦନ୍ତ କରିବାକୁ ଦେଇଛନ୍ତି। ଅନ୍ୟ ପଟରେ ଠିକାଦାର ହାଇକୋର୍ଟରେ ମଧ୍ୟ ପୂର୍ତ୍ତ ବିଭାଗ ନାମରେ କେସ କରି କମ୍ପାନୀ ସହିତ ଏଗ୍ରୀମେଣ୍ଟରେ ଅଛି କାର୍ଯ୍ୟ ଚାଲୁଥିବା ବେଳେ କୌଣସି କ୍ଷତି ହେଲ କମ୍ପାନୀ ପୁନର୍ବାର କରିବ କିନ୍ତୁ କାହିଁକି ସରକାର କମ୍ପାନୀକୁ ବ୍ଲାକ ଲିଷ୍ଟ କଲେ ସେନେଇ କେସରେ ଉଲ୍ଲେଖ କରିଛନ୍ତି । ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ ବନ୍ଦ ରହିଥିବା ବେଳେ ଏହି ଘଟଣାକୁ ନେଇ କୋର୍ଟରେ ମାମଲା ବିଚାରଧୀନ ଅଛି ।

SANCHAR ସଂଚାର


# ସ୍କୁଲକୁ ମଦପିଇ ଆସିଲେ କଡା କାର୍ଯ୍ୟାନୁଷ୍ଠାନ



ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): ମଦ୍ୟପ ଶିକ୍ଷକ କଡ଼ା ଚେତାବନୀ ଦେଲେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ସେ କହିଛନ୍ତି ଶିକ୍ଷକମାନେ ନିଶାମୁକ୍ତ ରହିବା ନିହାତି ଦରକାର । ପାଠ ପଢ଼ାଇବା ବେଳେ ଶିକ୍ଷକ ଯଦି ମଦ ପିଇ ମାତାଲ ହୋଇ ଆସିବେ ତାହା ଶିକ୍ଷା ଉପରେ ପ୍ରଭାବ ପକାଇବ । ତେଣୁ ସ୍କୁଲକୁ ମଦ ପାଇ ଆସିଲେ ହେବ କଡା କାର୍ଯ୍ୟାନୁଷ୍ଠାନ । ବିଭାଗ ନେବ କଠୋର ପଦକ୍ଷେପ । ସେହିପରି ଗଣଶିକ୍ଷା ମନ୍ତ୍ରୀ ଆଉ ମଧ୍ୟ କହିଛନ୍ତି ସ୍କୁଲ ଛୋଟ ଛୋଟ ପିଲାଙ୍କ ସହ ଜଡ଼ିତ। ତେଣୁ ପିଲାଙ୍କୁ ସ୍କୁଲକୁ ନେଇ ଯାଉଥିବା ବସ୍‌ର ଡ୍ରାଇଭର ମଦ ପିଇ ଗାଡି ଚଳାଇଲେ ହେବ କାର୍ଯ୍ୟାନୁଷ୍ଠାନ । ପିଲାଙ୍କୁ ନେବା ଆଣିବା କରୁଥିବା ଗାଡ଼ିର ଚାଳକ ମଦ ପିଇବା ଦୁର୍ଘଟଣା ଆଶଙ୍କା ବଢ଼ାଇଥାଏ। ଯଦି ସ୍କୁଲକୁ ନେଇ ଯାଉଥିବା ବସ୍‌ର ଡ୍ରାଇଭର ମଦ ପିଏ ତେବେ ବିଭାଗ କଡା ଆଭିମୁଖ୍ୟ ଗ୍ରହଣ କରିବ ବୋଲି ଚେତାଇ ଦେଇଛନ୍ତି ମନ୍ତ୍ରୀ ।

# ଗୁରୁ ଚରଣଙ୍କୁ ଗୁରୁ ଦାୟିତ୍ୱ

ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): ଓଡ଼ିଶା ଜଳ ନିଗମ(ୱାଟ୍‌କୋ)ର ପରିଚାଳନା ନିର୍ଦ୍ଦେଶକ ଭାବେ ଇଞ୍ଜିନିୟର ଗୁରୁଚରଣ ଦାସଙ୍କୁ ନିଯୁକ୍ତି ମିଳିଛି । ସେ ଏବେ ୱାଟ୍‌କୋ ଭୁବନେଶ୍ୱର ଡିଭିଜନ-୨ର ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି।



ୱାଟ୍‌କୋ। ସିଇଓ ଭାବେ କାର୍ଯ୍ୟ ଜାରି ରଖିଥିବା ପ୍ରଦୀପ୍ତ କୁମାର ସ୍ୱାଇଁଙ୍କ କାର୍ଯ୍ୟକାଳକୁ ରାଜ୍ୟ ସରକାର ବୃଦ୍ଧି ନ କରିବା ପରେ ଏହି ପଦବୀ ଖାଲି ପଡ଼ିଥିଲା। ଆଜି ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ତଥା ଏବେ ୱାଟ୍‌କୋ ଡିଭିଜନ-୨ର ଜେନେରାଲ ମ୍ୟାନେଜର ଗୁରୁଚରଣ ଦାସଙ୍କୁ ୱାଟକୋ ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି ।

# ଡିଜିପିଙ୍କ କାର୍ଯ୍ୟକାଳ ବୃଦ୍ଧି

ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): ପୋଲିସ ଡିଜି ୱାଇବି ଖୁରାନିଆଙ୍କ କାର୍ଯ୍ୟକାଳକୁ ରାଜ୍ୟ ସରକାର ୧୬ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ବଢାଇଛନ୍ତି



୧୯୯୦ ବ୍ୟାଚ୍‌ର ଆଇ ପି ଏ ସ୍ ଖୁରାନିଆ ସର୍ବନିମ୍ନ ୨ବର୍ଷ ପାଇଁ ରାଜ୍ୟ ପୁଲିସ ଡିଜି ପଦବୀରେ ରହିବେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ୧୯୭୭ ମସିହା ମେ' ମାସର ନିର୍ଦ୍ଦେଶନାମା ଆଧାରରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି ।

# ରତ୍ନଭଣ୍ଡାର ତଦାରଖ କରି ଫେରିଲେ ବିଶେଷଜ୍ଞ ଟିମ୍



ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): ଶ୍ରୀମନ୍ଦିର ରତ୍ନ ଭଣ୍ଡାରର ହେଲା ଲେଜର ସ୍କାନିଂ। ଏଏସଆଇ ଏଡିଜି ଜାନ୍ ଭିଜ୍ ଶର୍ମାଙ୍କ ନେତୃତ୍ୱରେ ୧୭ ଜଣିଆ ଟିମ୍ ତନ୍ନ ତନ୍ନ କରି ଯାଞ୍ଚ କରିବା ସହ ଲେଜର ସ୍କାନିଂ କରିଛନ୍ତି। ରତ୍ନ ଭଣ୍ଡାର ତଦାରଖ କରି ଫେରିବା ପରେ ଏହି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ। କହିଛନ୍ତି, ଆଜିର ଯାଞ୍ଚ ପ୍ରକ୍ରିୟା ସଂପୂର୍ଣ୍ଣ ହୋଇନି। ଆଗକୁ ରାଡାର ସର୍ଭେ ହେବ। ଗ୍ରାଉଣ୍ଡ ପେନେଟ୍ରେଟିଂ ରାଡାର୍ ସର୍ଭେ କରାଯିବାକୁ ସ୍ଥିର କରାଯାଇଛି। ସମସ୍ତ ଯାଞ୍ଚ ସରିବା ପରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ସେହିପରି ଏଏସଆଇ ଏଡିଜି କହିଛନ୍ତି, ରାଜ୍ୟ ସରକାରଙ୍କ ଏସଓପି ଅନୁସାରେ ଏଏସଆଇ ମରାମତି କାମ କରିବ। କାମ ଅଧା ଅଛି, ଟିମ୍ ପୁଣି ଆସିବ। ତେବେ ସୁଡ଼ଙ୍ଗ ଥିବା ନେଇ ସେଭଳି କୌଣସି ଲକ୍ଷଣ ଦେଖିପାରିଲୁନି ବୋଲି ଏଏସଆଇ ଏଡିଜି ସ୍ପଷ୍ଟ କରିଥିବାବେଳେ ଆଜିର ଯାଞ୍ଚରେ କୌଣସି ନିର୍ଯାସରେ ପହଞ୍ଚି ପାରିଲୁନି ବୋଲି ଜଷ୍ଟିସ ରଥ ରାଡାର ସର୍ଭେ ପରେ ଚୂଡ଼ାନ୍ତ ରିପୋର୍ଟ ମିଳିବ କହିଲେ ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ। ତା'ସହ କହିଛନ୍ତି, ଆସନ୍ତା ୨୫ ତାରିଖ ଭିତରେ ରତ୍ନଭଣ୍ଡାର ସର୍ଭେ କାମ ସରିବ। କାରଣ ୨୫ ତାରିଖରୁ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହେଉଥିବାରୁ ଆଉ ସର୍ଭେ କାମ କରିହେବ ନାହିଁ।

# ବରିଷ୍ଠ ସାମ୍ବାଦିକଙ୍କ ମାତୃବିୟୋଗ



ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): ବରିଷ୍ଠ ସାମ୍ବାଦିକ ତଥା ନନ୍ଦିଘୋଷ ଟିଭିର ଇନ୍‌ପୁଟ ଏଡିଟର ଅଜିତ କୁମାର ଦାଶଙ୍କ ମାଆ। ପ୍ରିୟମ୍ବଦା ଦାଶଙ୍କର ୭୨ ବର୍ଷ ବୟସରେ ପରଲୋକ ଘଟିଛି । କିଛିଦିନ ଧରି ସେ ଅସୁସ୍ଥଥିଲେ। ପ୍ରଦ୍ୟୁମ୍ନ ବଳ ମେମୋରିଆଲ ହସ୍ପିଟାଲ (କିମସ) ରେ ଚିକିତ୍ସାଧୀନ ରହିଥିଲେ। ପ୍ରିୟମ୍ବଦା ଦାଶ ହେଉଛନ୍ତି ବରିଷ୍ଠ ସାମ୍ବାଦିକ ଶରତ ଦାଶଙ୍କ ପତ୍ନୀ । ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ବରିଷ୍ଠ ସାମ୍ବାଦିକ ଅକ୍ଷୟ ପତି, ପରେଶ ଦାସ, ନନ୍ଦିଘୋଷ ଟିଭି ଏଡିଟର ଶିଶିର କୁମାର ଭଟ୍ଟମିଶ୍ର ପ୍ରମୁଖ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ପରଲୋକ ଖବର ପାଇ ବରିଷ୍ଠ ରାଜନେତା ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ,ବିଜୟ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଅମର ପ୍ରସାଦ ଶତପଥୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡପୁଅ ଅଶୋକ ଦାଶ ମୁଖାଗ୍ନି ଦେଇଥିଲେ। ଶ୍ରୀମତୀ ଦାଶଙ୍କ ସ୍ୱାମୀ, ଦୁଇ ପୁଅ, ବୋହୂ, ଦୁଇ ଝିଅ ଜ୍ୱାଇଁ ଓ ନାତିନାତୁଣୀ ଅଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ରାଜ୍ୟପାଳ



ପୁରୀ,୧୮।୯ (ସଂଚାର ବ୍ୟୁରୋ): ରାଜ୍ୟପାଳ ରଘୁବର ଦାସ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ରତ୍ନସିଂହାସନରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିବା ସହ ମା ବିମଳା, ଲକ୍ଷ୍ମୀ ଓ ଅନ୍ୟାନ୍ୟ ପାଶ୍ୱର୍ୱ ଦେବଦେବୀଙ୍କ ଦର୍ଶନ ମଧ୍ୟ କରିଥିଲେ। ପ୍ରଥମେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ରାଜ୍ୟପାଳ ପହଞ୍ଚିବା ପରେ ଜିଲ୍ଲା ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ତେବେ ଦର୍ଶନ ସାରି ଫେରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ରାଜ୍ୟପାଳ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡିଶା ଗସ୍ତରେ ଆସି ମହିଳା ସଶକ୍ତିକରଣ ପାଇଁ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ସେହିପରି ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରରେ କ'ଣ ଅଛି ତାହା ଜାଣିବା ପାଇଁ ସମସ୍ତଙ୍କ ଇଛା ରହିଛି ବୋଲି ରାଜ୍ୟପାଳ କହିଥିଲେ । ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଚାବି ଖୋଲିବା ସହ ରତ୍ନ ଅଳଙ୍କାର ସ୍ଥାନାନ୍ତର ହୋଇଛି। ଶ୍ରୀମନ୍ଦିର ଚାରିଦୁଆର ଖୋଲିବା ସହ ସରକାର ଶହେ ଦିନ ଭିତରେ ଦେଇଥିବା ପ୍ରତିଶୃତି ପୂରଣ କରିଛନ୍ତି।

# ଆଜି ବିଜେପି ପାଳିବ ୧୦୦ ଦିନ ପୂର୍ତ୍ତି ଉତ୍ସବ

ପୁରୀ,୧୮।୯ (ସଂଚାର ବ୍ୟୁରୋ): ଗୁରୁବାର ପୁରୀ ଶରଧାବାଲିରେ ବିଜେପି ପକ୍ଷରୁ ୧୦୦ ଦିନ ପୂର୍ତ୍ତି ଉତ୍ସବ ପାଳନ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ସହ ଦୁଇ ଉପ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ବିଧାୟକ ଯୋଗଦେବେ। ଏଥିସହ ୧୫ ହଜାରରୁ ଅଧିକ କାର୍ଯ୍ୟକର୍ତ୍ତା ଯୋଗଦେବେ। ଏଥି ପାଇଁ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଶେଷ କରି ସେହି ସ୍ଥାନରେ ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନା, ଭିଆଇପିଙ୍କ ସୁରକ୍ଷା, ଶ୍ରୀମନ୍ଦିରରେ ଦର୍ଶନ ନେଇ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପୁରୀ ଏସପି ପିନାକ ମିଶ୍ର କହିଛନ୍ତି।

# ଓମ୍‌ସା ବାର୍ଷିକ ଉତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ବାଲେଶ୍ୱର ଠାରେ ଓଡିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମ୍‌ସା)ର ବାର୍ଷିକ ଉତ୍ସବରେ ଯୋଗଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଡାକ୍ତର ମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ ତ୍ୟାଗ ଓ ନିଷ୍ଠା ହେଉଛି ଡାକ୍ତରଙ୍କ ମହନୀୟତା। ତେଣୁ ଆପଣ ମାନଙ୍କୁ ମୋର ଅନୁରୋଧ ସାଧାରଣ ଲୋକଙ୍କର ଓ ରୋଗୀମାନଙ୍କର ଆପଣ ମାନଙ୍କ ଉପରେ ଯେଉଁ ଭରସା ଓ ବିଶ୍ୱାସ ଅଛି ତାକୁ କେବେ ତୁଟାଇବାକୁ ଦିଅନ୍ତୁ ନାହିଁ । ସେ କହିଥିଲେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତରେ ଆଜି ଦେଶର ଡିଜିଟାଲ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆସିଛି। କୋ-ୱିନ ଆପ୍, ଇ-ସଂଜୀବନୀ, ଆରୋଗ୍ୟ ସେତୁ, ଇ- ହସ୍ପିଟାଲ ଆଦି ବ୍ୟବସ୍ଥା ଦେଶର ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରି ପାରିଛି। ମୋଦୀଜୀଙ୍କ ବସୁଧୈବ କୁଟୁମ୍ବକମ ନୀତି ଭାରତକୁ ବିଶ୍ୱ ମାନଚିତ୍ରରେ ଏକ ଅନନ୍ୟ ସ୍ଥାନ ପ୍ରଦାନ କରିଛି। ସେ ଆହୁରି ମଧ୍ୟ କହିଥିଲେ ଯେ ଆମ ସରକାର ଲୋକଙ୍କ ସରକାର, ଆମକୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅନେକ କାମ କରିବାର ଅଛି। ଗତ ୨୪ ବର୍ଷର ସରକାର ସ୍ୱାସ୍ଥ୍ୟ ସେବା ଭଳି ଲୋକଙ୍କ ମୌଳିକ ଆବଶ୍ୟକତାକୁ ଅବହେଳା କରିଆସିଥିଲେ। ସ୍ୱାସ୍ଥ୍ୟ ସେବାର ଅର୍ଥ କେବଳ ଡାକ୍ତର ଓ ରୋଗୀ ନୁହନ୍ତି। ପାରା ମେଡିକାଲ ଷ୍ଟାଫ, ଭିତ୍ତିଭୂମି, ଭଲ ଡାକ୍ତରଖାନା, ଆଧୁନିକ ଟେଷ୍ଟିଙ୍ଗ ମେସିନ୍, ପରୀକ୍ଷା ଗାର, ଆମ୍ବୁଲାନ୍ସ, ଔଷଧ ଏବଂ ଅନ୍ୟାନ୍ୟ ଆନୁସଂଗିକ ସୁବିଧା ସୁଯୋଗ ମଧ୍ୟ ସ୍ୱାସ୍ଥ୍ୟ ସେବାର ଅଂଶ ବିଶେଷ। ୨୦୨୪-୨୫ ବଜେଟ୍ ରେ ରାଜ୍ୟର ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ୩୨ ପ୍ରତିଶତ ଅଧିକ ବ୍ୟୟବରାଦ କରାଯାଇଛି। ରାଜ୍ୟରେ ମୋଟ୍ ମଞ୍ଜୁରୀପ୍ରାପ୍ତ ଡାକ୍ତର ସଂଖ୍ୟା ୧୫,୭୭୪ ଏଥି ମଧ୍ୟରୁ ୫୭୬୫ ପଦବୀ ଖାଲି ରହିଛି। ତନ୍ମଧ୍ୟରୁ ୪୪୩ ପଦବୀ ଆଡହକ୍, କଣ୍ଟ୍ରାକ୍ଟୁଆଲ୍ ଓ ବିଭିନ୍ନ ପାଣ୍ଠି ବିନିଯୋଗ ମାଧ୍ୟମରେ ନିଯୁକ୍ତି ଦିଆଯାଇଛି। ରାଜ୍ୟରେ ଡାକ୍ତର ଅଭାବ ଦୂର କରିବା ପାଇଁ ପ୍ରତି ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ପାଇଁ ଆମେ ପ୍ରତିଶ୍ରୁତି ବଦ୍ଧ। ଲୋକଙ୍କ ଆବଶ୍ୟକତା ପୂରଣ କରିବା ହିଁ ଆମର ପ୍ରାଥମିକତା। ଖାଲି ଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ପଦବୀ ଗୁଡିକୁ ଅଗ୍ରାଧିକାର ଭିତ୍ତିରେ ପୂରଣ କରାଯିବ । ଆମେ ଚାହୁଁ ସ୍ୱାସ୍ଥ୍ୟ ସେବା ରାଜ୍ୟର ସବୁ ଅଞ୍ଚଳରେ ସମାନୁପାତିକ ତଥା ଗୁଣାତ୍ମକ ଭାବେ ପହଞ୍ଚୁ ବୋଲି ସେ କହିଥିଲେ। ସେ ପୁଣି କହିଥିଲେ ରୋଗୀଙ୍କ ସୁବିଧା ପାଇଁ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଆୟୁଷ୍ମାନ ଯୋଜନା ଭଳି ଯୁଗାନ୍ତକାରୀ ଯୋଜନାକୁ ଆମେ ରାଜ୍ୟରେ ଲାଗୁ କରିବାକୁ ଯାଉଛୁ । ଏଥି ସହିତ ଡାକ୍ତର ମାନଙ୍କ ପାଇଁ ପ୍ରୋତ୍ସାହନ ରାଶି, ବାସଗୃହ ସହିତ ଭୟମୁକ୍ତ ବାତାବରଣ ଯୋଗାଇ ଦେବା ପାଇଁ ମଧ୍ୟ ଆମେ ବ୍ୟବସ୍ଥା କରୁଛୁ। ଆପଣ ମାନଙ୍କ ଦାବୀ ଗୁଡିକ ବିଚାରକୁ ନିଆଯାଇ ସମାଧାନ ପାଇଁ ପଦକ୍ଷେପ ନିଆଯିବ ଆପଣ ମାନଙ୍କ ସହିତ ମିଶି ଆମେ ସ୍ୱାସ୍ଥ୍ୟସେବାକୁ ଆହୁରି ଲୋକାଭିମୁଖୀ କରିବାକୁ ଚାହୁଁଛୁ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ, ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଷଡଙ୍ଗୀ ପ୍ରମୁଖ ଉଦବୋଧନ ଦେଇଥିଲେ।

# ପ୍ରଧାନମନ୍ତ୍ରୀଙ୍କ ବିବୃତି ନେଇ ଖୁସି ବ୍ୟକ୍ତ କଲେ ବିଜେଡି ସୁପ୍ରିମୋ ନବୀନ




ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀଙ୍କ ବିବୃତି ନେଇ ଖୁସି ବ୍ୟକ୍ତ କଲେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ସେ ଟୁଇଟ୍ କରି କହିଛନ୍ତି, ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶାର ରାଜନୈତିକ ଓ ଆର୍ଥିକ ପରିଚାଳନା ଦେଶର ଅଭିବୃଦ୍ଧିରେ ସହାୟକ ହୋଇଛି। ୨୦୦୦-୦୧ରେ ରାଜ୍ୟରେ ମୁଣ୍ଡ ପିଛା ଆୟ ୫୫.୫% ରହିଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ମୁଣ୍ଡ ପିଛା ଆୟ ୮୮.୫%କୁ ବୃଦ୍ଧି ପାଇଛି। ରାଜ୍ୟରେ ମୁଣ୍ଡ ପିଛା ଆୟ ବୃଦ୍ଧି ଯୋଗୁଁ ଦେଶର ଜିଡ଼ିପି ହାର ୨.୩%ରୁ ୨.୮%କୁ ବୃଦ୍ଧି ହୋଇଛି । ଏହାକୁ ନେଇ ପ୍ରଧାନମନ୍ତ୍ରୀ ଅର୍ଥନୈତିକ ଉପଦେଷ୍ଟା ପରିଷଦ ବୈଠକରେ ପ୍ରଶଂସା କରିଛନ୍ତି। ସେ ଟୁଇଟ୍ କରି କହିଛନ୍ତି,୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶାର ରାଜନୈତିକ ଓ ଆର୍ଥିକ ପରିଚାଳନା ଦେଶର ଅଭିବୃଦ୍ଧିରେ ସହାୟକ ହୋଇଛି। ଏହା ଅତ୍ୟନ୍ତ ଖୁସିର ବିଷୟ ।

# ପୁଅକୁ ଧରି ନଦୀକୁ ଡେଇଁଲା ମା'

ପିପିଲି/ ନିମାପଡ଼ା, ୧୮।୯ (ସଂଚାର ବ୍ୟୁରୋ): ବୁଧବାର ଅପରାହ୍ଣରେ ପିପିଲି ନିମାପଡ଼ା ଅଞ୍ଚଳରେ ଏକ ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି। ଜଣେ ମହିଳା ଶିଶୁ ପୁତ୍ରକୁ ଧରି ପିପିଲି-ନିମାପଡ଼ା ରାସ୍ତାର ହରିପୁର ନିକଟ ଭାର୍ଗବୀ ବ୍ରିଜ୍‌ରୁ ଡେଇଁ ପଡ଼ିଛନ୍ତି। ଦୀର୍ଘ ସମୟ ଖୋଜାଖୋଜି ପରେ ଉଭୟଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମହିଳାଙ୍କ ପରିଚୟ କିମ୍ବା ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ।
ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଅଗ୍ନିଶମବାହିନୀ ନଦୀରେ ଖୋଜାଖୋଜି କରିଥିଲେ। ଘଟଣାସ୍ଥଳରୁ ଦେଢ କିଲୋମିଟର ଦୂର ସୁନାପଦା ଗ୍ରାମ ନିକଟରେ ୨ ଜଣ ଗ୍ରାମବାସୀ ନଦୀ ଗର୍ଭରୁ ଉଭୟଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ପିପିଲି ପୁଲିସ ଅନୁସନ୍ଧାନ ଜାରି ରଖିଛି।

# ମେଡିକାଲ କଲେଜ—୧୦୦୦ ପଦ ଖାଲି

ଭୁବନେଶ୍ୱର, ୧୮।୯: ଓଡ଼ିଶା ସରକାରଙ୍କ ମେଡିକାଲ୍ କଲେଜ୍‌ଗୁଡ଼ିକରେ ପାଖାପାଖି ୧୦୦୦ ପର୍ଯ୍ୟନ୍ତ ଡାକ୍ତରୀ ଶିକ୍ଷକ ଓ ଅନ୍ୟ ଡାକ୍ତର ପଦବୀ ଖାଲି ପଡ଼ିଛି। ଏଥିଯୋଗୁଁ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ବ୍ୟାହତ ହେଉଥିବା ବେଳେ ମେଡିକାଲ୍ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଓ ଗବେଷଣା କାର୍ଯ୍ୟରେ ବି ସମସ୍ୟା ଉପୁଜୁଛି।
କଟକ, ବ୍ରହ୍ମପୁର, ସମ୍ବଲପୁର, କୋରାପୁଟ, ବାରିପଦା, ବାଲେଶ୍ୱର, ବଲାଙ୍ଗୀର, ପୁରୀ, କେନ୍ଦୁଝର, ସୁନ୍ଦରଗଡ଼, ଭୁବନେଶ୍ୱର, କଳାହାଣ୍ଡି, ଯାଜପୁର ଆଦି ସ୍ଥାନରେ ଓଡ଼ିଶା ସରକାର ଅନ୍ୟୁନ ୧୩ଟି ମେଡିକାଲ୍ କଲେଜ୍ ସ୍ଥାପନ କରିଛନ୍ତି। ଏହି ମେଡିକାଲ୍ କଲେଜ୍‌ଗୁଡ଼ିକରେ ଅନ୍ୟୁନ ୮୩ଟି ପ୍ରଫେସର, ୧୮୫ଟି ସହଯୋଗୀ ପ୍ରଫେସର ଓ ୧୪୮ଟି ସହକାରୀ ପ୍ରଫେସର ପଦବୀକୁ ମିଶାଇ ମୋଟ ୪୧୬ଟି ପଦବୀ ଖାଲି ପଡ଼ିଛି। ଏହାଛଡ଼ା ଏହି ମେଡିକାଲ୍ କଲେଜ୍‌ଗୁଡ଼ିକରେ ୬୮ଟି ଟ୍ୟୁଟର୍, ୪୨୯ଟି ସିନିଅର ରେସିଡେଣ୍ଟ ଓ ୬୦ଟି ଜୁନିଅର ରେସିଡେଣ୍ଟ ପଦବୀ ମଧ୍ୟ ଖାଲି ରହିଛି। ରାଜ୍ୟର ସର୍ବପୁରାତନ ମେଡିକାଲ୍ କଲେଜ୍ କଟକରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ ପାଇଁ ୬୪ଟି ମଞ୍ଜୁରୀପ୍ରାପ୍ତ ପ୍ରଫେସର ପଦବୀ ଥିବାବେଳେ ସେଥିରୁ ୯ଟି ଖାଲି ପଡ଼ିଛି। ସେହିପରି ଏଠାରେ ୧୦୭ଟି ସହଯୋଗୀ ପ୍ରଫେସର ପଦବୀ ଭିତରୁ ୪୭ଟି ଓ ୨୩୭ଟି ସହକାରୀ ପ୍ରଫେସର ପଦବୀରୁ ୧୨ଟି ଖାଲି ରହିଛି। ଏହି ମେଡିକାଲ୍ କଲେଜ୍‌ରେ ୩୯ଟି ଟ୍ୟୁଟର୍ ଓ ୧୧୨ଟି ସିନିଅର ରେସିଡେଣ୍ଟ ପଦବୀ ମଧ୍ୟ ଖାଲି ପଡ଼ିଛି।
ବୁର୍ଲାସ୍ଥିତ ଭିମ୍‌ସାର୍‌ରେ ୧୩ଟି ପ୍ରଫେସର, ୧୫ଟି ସହଯୋଗୀ ପ୍ରଫେସର, ୪୫ଟି ସହକାରୀ ପ୍ରଫେସର, ୨୫ଟି ଟ୍ୟୁଟର, ୬୮ଟି ସିନିଅର ରେସିଡେଣ୍ଟ ପଦବୀ ଖାଲି ପଡ଼ିଥିବା ବେଳେ ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ୍ କଲେଜ୍ ଓ ହସ୍ପିଟାଲରେ ୮ଟି ପ୍ରଫେସର, ୨୬ଟି ସହଯୋଗୀ ପ୍ରଫେସର, ୨୨ଟି ସହକାରୀ ପ୍ରଫେସର, ୮ଟି ଟ୍ୟୁଟର୍, ୭୨ଟି ସିନିଅର ରେସିଡେଣ୍ଟ ଓ ୮ଟି ଜୁନିଅର ରେସିଡେଣ୍ଟ ପଦବୀ ଖାଲିପଡ଼ିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। କୋରାପୁଟର ସହିଦ ଲକ୍ଷ୍ମଣ ନାଏକ ମେଡିକାଲ୍ କଲେଜ୍ ହସ୍ପିଟାଲରେ ୩ଟି ପ୍ରଫେସର, ୧୦ଟି ସହଯୋଗୀ ପ୍ରଫେସର, ୬ଟି ସହକାରୀ ପ୍ରଫେସର, ୪ଟି ଟ୍ୟୁଟର୍, ୧୭ ସିନିଅର ରେସିଡେଣ୍ଟ ଓ ୪ଟି ଜୁନିଅର ରେସିଡେଣ୍ଟ ପଦବୀ ମଧ୍ୟ ଖାଲି ରହିଛି। ବାରିପଦା ମେଡିକାଲ୍ କଲେଜ୍‌ରେ ୨୩ଟି ମେଡିକାଲ୍ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ୨୦ଟି ସିନିଅର ରେସିଡେଣ୍ଟ ପଦବୀ ମଧ୍ୟ ପୂରଣ ହୋଇପାରୁ ନାହିଁ। ବାଲେଶ୍ୱରର ମେଡିକାଲ୍ କଲେଜ୍‌ର ବି ୨୦ଟି ଡାକ୍ତରୀ ଶିକ୍ଷକ ପଦବୀ ସହିତ ୧୭ଟି ରେସିଡେଣ୍ଟ ପଦବୀ ଖାଲି ପଡ଼ିଛି। ବଲାଙ୍ଗୀର ମେଡିକାଲ୍ କଲେଜ୍‌ରେ ୨୩ଟି ମେଡିକାଲ ଶିକ୍ଷକ ପଦବୀ ସହିତ ୧୭ଟି ରେସିଡେଣ୍ଟ ପଦବୀ ମଧ୍ୟ ଖାଲି ଅଛି। ପୁରୀର




ଶ୍ରୀଜଗନ୍ନାଥ ମେଡିକାଲ୍ କଲେଜ୍ ହସ୍ପିଟାଲରେ ୨୩ଟି ଶିକ୍ଷକ ପଦବୀ ସହ ୪୦ଟି ରେସିଡେଣ୍ଟ ପଦବୀ ମଧ୍ୟ ଖାଲି ରହିଛି। ସେହିପରି କେନ୍ଦୁଝର ମେଡିକାଲ୍ କଲେଜ୍ ହସ୍ପିଟାଲରେ ୨୬ଟି ଶିକ୍ଷକ ପଦବୀ ଓ ୧୮ଟି ରେସିଡେଣ୍ଟ ପଦବୀ ମଧ୍ୟ ପୂରଣ ହୋଇପାରୁ ନାହିଁ। ସୁନ୍ଦରଗଡ଼ ମେଡିକାଲ୍ କଲେଜ୍‌ରେ ୨୭ଟି ଡାକ୍ତରୀ ଶିକ୍ଷକ ଓ ୧୯ଟି ରେସିଡେଣ୍ଟ ପଦବୀ ମଧ୍ୟ ଖାଲି। ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲରେ ଖୋଲା ଯାଇଥିବା ସ୍ନାତକୋତ୍ତର ମେଡିକାଲ୍ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନରେ ୩୨ଟି ଶିକ୍ଷକ ପଦବୀ ସହିତ ୩୨ଟି ରେସିଡେଣ୍ଟ ପଦବୀ ମଧ୍ୟ ଗତ ଜୁଲାଇ ମାସ ସୁଦ୍ଧା ଖାଲି ପଡ଼ିଥିଲା। କଳାହାଣ୍ଡି ସରକାରୀ ମେଡିକାଲ କଲେଜ୍ ହସ୍ପିଟାଲରେ ୨୪ଟି ଶିକ୍ଷକ ପଦବୀ ଓ ୧୯ଟି ରେସିଡେଣ୍ଟ ପଦବୀ ମଧ୍ୟ ଖାଲି। ଯାଜପୁର ମେଡିକାଲ୍ କଲେଜ୍ ହସ୍ପିଟାଲରେ ବି ୨୯ଟି ଶିକ୍ଷକ ପଦବୀ ଓ ୨୫ଟି ରେସିଡେଣ୍ଟ ପଦବୀ ଖାଲି ରହିଛି।

## ୨୩ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୧୮।୯ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତା ୨୩ ତାରିଖ ସୋମବାର ଅନୁଷ୍ଠିତ ହେବ । ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନରେ ଏହି ଅଭିଯୋଗ ଶୁଣାଣି ହେବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି। ସର୍ବାଧିକ ହଜାରେ ଜଣ ପଞ୍ଜୀକରଣ କରିପାରିବେ। ଜନଶୁଣାଣି ପୋର୍ଟାଲ janasunani. odisha.gov.in ଏବଂ ଜନଶୁଣାଣି ମୋବାଇଲ ଆପ୍‌ରେ ଅଭିଯୋଗକାରୀମାନେ ପଞ୍ଜୀକରଣ କରିପାରିବେ। ସୂଚନା ଯୋଗ୍ୟ, ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଲୋକଙ୍କ ସମସ୍ୟା ଶୁଣିବା ସହିତ ସମାଧାନ ପାଇ ଉଦ୍ୟମ କରିଥାନ୍ତି।

# କାନ୍ଦୁଛନ୍ତି କଟକ ଚଣ୍ଡୀ — ନବୀକରଣ ନାମରେ ଲୁଟ, ଐତିହ୍ୟର ହତ୍ୟା

କଟକ, ୧୮।୯ (ସଂଚାର ବ୍ୟୁରୋ): ଚଣ୍ଡୀମନ୍ଦିର ନବୀକରଣକୁ ନେଇ ଉଠିଲାଣି ପ୍ରଶ୍ନ। ବିଜେଡି ସରକାର ବିଗତ ଦିନରେ ଯେଉଁ କେତେକ ମନ୍ଦିରର ରୂପାନ୍ତରଣ ପାଇଁ ଯୋଜନା ପ୍ରସ୍ତୁତ ଓ ଏହାକୁ କାର୍ଯ୍ୟକାରୀ କରିଥିଲେ ସେଥି ମଧ୍ୟରେ କଟକର ପ୍ରସିଦ୍ଧ ଶକ୍ତିପୀଠ ତଥା ସହରର ଆରାଧ୍ୟ ଦେବୀ ମା' କଟକ ଚଣ୍ଡୀଙ୍କ ମନ୍ଦିର ସ୍ଥାନ ପାଇଥିଲା। ଏଥିପାଇଁ ପ୍ରାୟ ୭୦କୋଟି ଟଙ୍କା ବ୍ୟୟ ଅଟକଳ ମଧ୍ୟ ହୋଇଛି। ମାତ୍ର ନବୀକରଣ ଓ ଉନ୍ନତୀକରଣ ନାମରେ ସହରର ଐତିହ୍ୟ ପରମ୍ପରା ସହ ଖେଳ ଖେଳାଯାଇଛି ଏବଂ ଏଥିରେ ବ୍ୟାପକ ହେରଫେର ହୋଇଛି ବୋଲି ଅଭିଯୋଗ ହେଉଛି। କଣ ପାଇଁ ସାର୍ବଜନୀନ ହେଉନାହିଁ ଡିପିଆର (ଡିଟେଲ ପ୍ରୋଜେକ୍ଟ ରିପୋର୍ଟ) ? ଏହାକୁ ସାର୍ବଜନୀନ କରିବା ଅତ୍ୟନ୍ତ ଆବଶ୍ୟକ। କେଉଁ ଉଦ୍ଦେଶ୍ୟ ନେଇ କିଣା ଯାଇଥିଲା ମନ୍ଦିର ଚତୁଃପାର୍ଶ୍ୱ ଜମି ? ମନ୍ଦିର ଉନ୍ନତୀକରଣ ନା ମନ୍ଦିର କର୍ମଚାରୀଙ୍କ ବିଳାସପୂର୍ଣ୍ଣ ଜୀବନ? ପ୍ରତିଶ୍ରୁତି ନାମରେ ବ୍ୟବସାୟୀଙ୍କ ପେଟରେ କୋରଡା ମାଡ଼, ଅଟକିଛି ବ୍ୟବସାୟୀଙ୍କ ଜୀବନ ଜୀବିକା। ପୂର୍ବରୁ ଯେଉଁ ଦୋକାନ ଥିଲା ବର୍ତ୍ତମାନ ତାକୁ ସଙ୍କୁଚିତ କରି ଦିଆଯାଇଛି। ୩ ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏଁ ଦୋକାନୀଙ୍କୁ ଦୋକାନ ଘର ଯୋଗାଯାଇ ନାହିଁ। ଶହଶହ ବର୍ଷର ପରମ୍ପରାକୁ କୁଠାରଘାତ, ଅଚଳାବସ୍ଥାରେ ମନ୍ଦିରର ପାରମ୍ପରିକ କୂପ। ମନ୍ଦିର କୂପ ଜଳ ପରିବର୍ତ୍ତେ ପିଏଚ୍‌ଡି ଟ୍ୟାବ ପାଣିରେ ମା'ଙ୍କ ନୀତିକାନ୍ତି ହେଉଛି। ନବୀକରଣ ପରେ ମନ୍ଦିର ଭିତରେ ପ୍ରବେଶ କରୁଛି ନର୍ଦ୍ଦମା ଜଳ ଓ ଛାତରୁ ଖସୁଛି ପଲସ୍ତରା। ଏ ସବୁକୁ ଅନୁଧ୍ୟାନ କଲେ ଜଣାପଡୁଛି, ନବୀକରଣ କେତେ ସଫଳ ହୋଇଛି। ଏହାସହ ମନ୍ଦିର କର୍ମଚାରୀ ଓ ସେବାୟତଙ୍କ କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଶ୍ରଦ୍ଧାଳୁ ଯେଉଁ ଦାନ ଦେଉଛନ୍ତି ସେଥିରୁ ସେବାୟତ ୪୦% ନେଉଛନ୍ତି ବୋଲି ମଧ୍ୟ ଅଭିଯୋଗ ହୋଇଛି। ଯାହାକୁ ଦେବୋତ୍ତର ବିଭାଗର ବିଚିତ୍ର ନିୟମ ବୋଲି ସମାଲୋଚନା କରାଯାଉଛି। ମନ୍ଦିରର ଏଭଳି ଅବ୍ୟବସ୍ଥାକୁ ନେଇ ସହର ବୁଦ୍ଧିଜୀବୀ ଓ ମୁରବୀ ବର୍ତ୍ତମାନ ସହର ସଂସ୍କୃତି ପରମ୍ପରାର ହତ୍ୟାରେ ମା' କଟକ ଚଣ୍ଡୀ କାନ୍ଦୁଛନ୍ତି ବୋଲି କୁହନ୍ତି।

## ମତାମତ



■ ବିଜେଡି ସରକାର ସମୟରେ ମନ୍ଦିର ଉନ୍ନତୀକରଣ ଯୋଜନା ହୋଇଥିଲା। ମାତ୍ର ପରିତାପର ବିଷୟ ଯଥେଷ୍ଟ ସମୟ ବିତିଥିଲେ ମଧ୍ୟ ଏଯାଏଁ କାମ ଆରମ୍ଭ ହୋଇନାହିଁ କହିଲେ ଚଳେ। ନାମକୁମାତ୍ର କେବଳ ଦୋକାନ ଘର ଭଙ୍ଗା ଯାଇଛି, ରାସ୍ତା ପ୍ରଶସ୍ତ ହୋଇଛି। ଏଥିପାଇଁ ପ୍ରାୟ ୭୦କୋଟି ଟଙ୍କା ବ୍ୟୟ ହୋଇଛି। ମନ୍ଦିର ଉନ୍ନତୀକରଣ ଦୁରେ ଥାଉ କର୍ମଚାରୀ ଓ ସେବାୟତଙ୍କ ପାଇଁ ଏଥିରୁ ପ୍ରାସାଦ ତୁଲ୍ୟ ବିଳାସପୂର୍ଣ୍ଣ କୁଟୀର ନିର୍ମାଣ ହୋଇଛି। ଜରାଜୀର୍ଣ୍ଣ ଅବସ୍ଥାରେ ମନ୍ଦିରର ପାରମ୍ପରିକ କୂପ ଆଉ ଠିକ ଏହାକୁ ଲଗାଇ ପଛପଟେ ନିର୍ମାଣ ହୋଇଛି ଅସ୍ଥାୟୀ ଶୌଚାଳୟ, ଯାହାକି ଦୁଃଖଦ ବିଷୟ। ମ୍ୟୁନିସିପାଲିଟି ପାଣିରେ ହେଉଛି ମା'ଙ୍କ ନୀତିକାନ୍ତି। ୧୬ଖଣ୍ଡ ଦୋକାନ ଘର ଭାଙ୍ଗି ଦିଆଯାଇଛି। ଆଜି ଭୋକ ଉପାସରେ ଦୋକାନୀ ଓ ପରିବାର। କେଉଁ ଆଧାରରେ ପୂଜକ ନେଉଛନ୍ତି ଶ୍ରଦ୍ଧାଳୁଙ୍କ ଦାନରୁ ୪୦ଭାଗ। ମନ୍ଦିର ପାଇଁ ଅନୁଦାନ ଥାଇ କାର୍ଯ୍ୟ ଏତେ ବିଳମ୍ବ କାହିଁକି ? ଏଥିରୁ ଦୁର୍ନୀତି ଓ ପ୍ରଶାସନିକ ଅବହେଳା ସ୍ପଷ୍ଟ ବାରି ହେଉଛି। - **ବିଶ୍ୱଜିତ ସୂର୍ଯ୍ୟବଂଶୀ, ସମାଜସେବୀ**



ସହରର ଅଧିଷ୍ଠାତ୍ରୀ ଦେବୀଙ୍କ ମନ୍ଦିରର ନବୀକରଣ କେତେଦୂର ହୋଇଛି ତାହା ଜଳଜଳ ହୋଇ ଦିଶୁଛି। କୌଣସି ଉନ୍ନତି ହୋଇନାହିଁ। ବରଂ ନବୀକରଣ ନାମରେ ଲୁଟ ଓ ସହର ସଂସ୍କୃତି ପରମ୍ପରାକୁ କୁଠାରଘାତ କରାଯାଇଛି। ପୂର୍ବ ସରକାର ଆଉ ନାହାଁନ୍ତି, ଯେଉଁ ସରକାର ବର୍ତ୍ତମାନ ଆସିଛନ୍ତି ସେ ଏଥିପ୍ରତି ଗୁରୁତ୍ୱ ଦେବାକୁ ନିବେଦନ। ଅବ୍ୟବସ୍ଥା ଘେରରେ କଟକ ପ୍ରସିଦ୍ଧ ଶକ୍ତିପୀଠ। ପ୍ରକଳ୍ପ ପାଇଁ ୭୦କୋଟି ବ୍ୟୟ ବରାଦର ଡିପିଆର ସାର୍ବଜନୀନ ହେଉନାହିଁ କାହିଁକି? ଡିପିଆର ଅନୁଯାୟୀ ଯୋଜନା କଣ ଏବଂ କାର୍ଯ୍ୟ କେମିତି ହେଉଛି ତାହା ତଦନ୍ତ ସାପେକ୍ଷ। ପ୍ରଥମ ପ୍ଲାନରେ କାହିଁକି ପରିବର୍ତ୍ତନ ଆସିଲା ? ମନ୍ଦିର ଜେବେଠାରୁ ଅଛି ସେଠାରେ ମା'ଙ୍କର ଏକ କୂପ ରହିଛି। ଯାହା ବର୍ତ୍ତମାନ ଜରାଜୀର୍ଣ୍ଣ। ଶ୍ରମିକ ଓ ଅନ୍ୟ କିଛି ବ୍ୟକ୍ତିଙ୍କ ପାଇଁ ଏହି କୂଅକୁ ଲଗାଇ ପାଇଖାନା ତିଆରି ହୋଇଛି। ମା'ଙ୍କ ରୀତିନୀତି ବର୍ତ୍ତମାନ ମ୍ୟୁନିସିପାଲ ପାଣିରେ ହେଉଛି। ୧ଲକ୍ଷ ଟଙ୍କା କ୍ଷତିପୂରଣ ଓ ୬ମାସ ଭିତରେ ଦୋକାନଘର ପ୍ରଦାନର ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ୩ ବର୍ଷ ପରେ ଆଜି ବି ଦୋକାନ ଘର ମିଳିନାହିଁ। ଇତିମଧ୍ୟରେ ଦୁଇଜଣ ଦୋକାନୀ ମୃତ୍ୟୁବରଣ କରି ସାରିଲେଣି। ଏବେ ଭୋକ ଉପାସରେ ପରିବାର। ପୂର୍ବ ଅପେକ୍ଷା ଦୋକାନଘରକୁ ସଙ୍କୁଚିତ କରି ଦିଆଯାଇଛି। ଯେଉଁ କେତେକ ଲୋକ ମନ୍ଦିର ପରିଚାଳନା ଦାୟିତ୍ୱରେ ଦୀର୍ଘଦିନ ଧରି ଅଛନ୍ତି ସେମାନଙ୍କ ଅବଦାନ ଶୂନ। ନବୀକରଣ ଯୋଜନାକୁ ବାଟବଣା କରାଯାଉଛି। ପୂର୍ବ ସରକାର ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ, କେବଳ ଯୋଜନା କରି ଦାୟିତ୍ୱ ସାରିଛି। ବିଜେପି ସରକାରଙ୍କୁ ନିବେଦନ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ। -କିଶୋର ବେହେରା, ବଜାର କମିଟି ସାଧାରଣ ସମ୍ପାଦକ

# ବିସ୍ଥାପିତ ଉଠାଦୋକାନୀ ଥଇଥାନ ହେବେ



ପୁରୀ,୧୮।୯ (ସଂଚାର ବ୍ୟୁରୋ): ରାଜ୍ୟ ସହରାଞ୍ଚଳ ବିକାଶ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର ବଡଦାଣ୍ଡରୁ ବିସ୍ଥାପିତ ହୋଇଥିବା ଉଠାଦୋକାନୀ ମାନଙ୍କ ଥଇଥାନ ପ୍ରସଙ୍ଗ ଅନୁଧ୍ୟାନ କରିଥିଲେ । ଏକ କମିଟି ଗଠନ କରି ଏହି ବିଷୟକୁ ନେଇ ନିର୍ଯ୍ୟାସରେ ପହଞ୍ଚିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ମନ୍ତ୍ରୀ ଘୋଷଣା କରିଥିଲେ । ଏହି ଆଲୋଚନା ବେଳେ ପୁର୍ବତନ ପୁରୀ ବିଧାୟକ ଜୟନ୍ତ କୁମାର ଷଢଙ୍ଗୀଙ୍କ ସହ ଉଠାଦୋକାନୀ ମାନ ଉପସ୍ଥିତ ଥିଲେ । ଯାହାକୁ ନେଇ ନୀଳାଚଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘ ତରଫରୁ ମନ୍ତ୍ରୀଙ୍କୁ ବଧେଇ ଜଣାଇଥିଲେ । ଉଠାଦୋକାନୀ ମାନଙ୍କ ପକ୍ଷରୁ ନୀଳାଚଳ ମହାସଂଘ ସମ୍ପାଦକ ମାନସ ରଥ, ଉପଦେଷ୍ଟା ଆଡ଼ଭୋକେଟ ପ୍ରିୟଦର୍ଶୀ ପଟ୍ଟନାୟକ ଓ ବିଭିନ୍ନ ମାର୍କେଟର କର୍ମକର୍ତ୍ତା ମାନେ ମନ୍ତ୍ରୀଙ୍କ ଆଗରେ ଉଠାଦୋକାନୀଙ୍କ ସମସ୍ୟା ଉପସ୍ଥାପନ କରିଥିଲେ ।


Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର